# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୬/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, February 6/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 74 | ମୂଲ୍ୟ ₹୭/-




## ‘ଛାବା’ ପାଇଁ ୨୫ କେ.ଜି. ଓଜନ ବଢ଼ାଇଛନ୍ତି ଭିକି

ଅଭିନେତା ଭିକି କୌଶଲ ‘ଛାବା’ ଫିଲ୍ମ ପାଇଁ ନିଜର ୨୫ କେ.ଜି. ଓଜନ ବଢ଼ାଇଛନ୍ତି ବୋଲି ବୁଧବାର ଏକ ସାକ୍ଷାତ୍କାରରେ କହିଛନ୍ତି।

୧୩ ୧୪

## ହାଲେପଙ୍କ ଅବସର

ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ରୋମାନିଆ ମହିଳା ଟେନିସ ତାରକା ସିମୋନା ହାଲେପ ବୁଧବାର ଅବସର ଘୋଷଣା କରିଛନ୍ତି।





କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଅଫ୍ ଲାଇନ ଟିକେଟ୍ ବିକ୍ରି ବେଳେ ସ୍ଥିତି ନିୟନ୍ତ୍ରଣ ଲାଗି ପୋଲିସ ଲାଠିଚାର୍ଜ କରୁଛି। (ଫଟୋ: ରାଜକିଶୋର ମହାନ୍ତି)

# ଟିକେଟ ପାଇଁ ଧସ୍ତାଧସ୍ତି

**କଟକ ବାରବାଟୀ ଷ୍ଟାଡ଼ିୟମ୍‌ରେ ଆସନ୍ତା ୯ତାରିଖରେ ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ ଏକ ଦିବସୀୟ କ୍ରିକେଟ୍ ମ୍ୟାଚ। ଏଥିଲାଗି ବୁଧବାର ଅଫଲାଇନ୍ ଟିକେଟ୍ ବିକ୍ରିବେଳେ ଅସମ୍ଭାଳ ଭିଡ଼ ହେବାରୁ ଧସ୍ତାଧସ୍ତି ଭଳି ସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ରାତିରୁ ଲାଇନ୍ ଲଗାଇଥିବା କେତେଜଣ ବ୍ୟକ୍ତି ଟିକେଟ ନ ପାଇବାରୁ ପୋଲିସ ବ୍ୟାରିକେଡ୍ ଭାଙ୍ଗି ଦେଇଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ମୃଦୁ ଲାଠି ଚାଳନା କରିଛି। କ୍ରିକେଟ ମ୍ୟାଚ ଦେଖିବା ଲାଗି ପାଗଳାମୀ ଯୋଗୁ ଏଭଳି ଅବସ୍ଥା ଘଟିଛି ବୋଲି ଅନେକେ କହୁଛନ୍ତି।**

### ବାରବାଟୀରେ ଦିନିକିଆ କ୍ରିକେଟ୍ ମ୍ୟାଚ୍
### ପୋଲିସର ଲାଠିଚାର୍ଜ

**କଟକ,୫।୨(କାର୍ତ୍ତିକ ସାହୁ)**

କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ବୁଧବାର ଅଫ୍‌ଲାଇନ୍ ଟିକେଟ ବିକ୍ରିବେଳେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଧସ୍ତାଧସ୍ତି, ଠେଲାପେଲା ଯୋଗୁ ଲୋକେ ଟିକେଟ କିଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ଟିକେଟ କିଣିସାରିବା ପରେ ବ୍ୟାରିକେଡ୍‌ରୁ ବାହାରକୁ ଆସିବା ବାଟ ବନ୍ଦ ହୋଇଯିବାରୁ ଆହୁରି ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଥିଲା। ଟିକେଟ କାଉଣ୍ଟର ନିକଟରେ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଥିଲା। ପରିସ୍ଥିତି ଏପରି ହେଲା ଯେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଥିଲା। ଅପରପକ୍ଷରେ ଦୀର୍ଘ ସମୟ ଧରି ଧାଡ଼ିରେ ଠିଆହୋଇ ରହିବାରୁ କେତେଜଣ ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଥିଲେ। ପୋଲିସ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ତେବେ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସ୍ତରରୁ ମଙ୍ଗଳବାର ପ୍ରସ୍ତୁତି ବୈଠକରେ ଟିକେଟ ବିକ୍ରିସ୍ଥଳରେ ପିଇବା ପାଣି ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଥିଲେ ବି ବାସ୍ତବରେ ଲୋକେ ପାଣି ପାଇ ନ ଥିଲେ। ଟିକେଟ କିଣିବାବେଳେ ବହୁ ବିଶୃଙ୍ଖଳା ଫଳରେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ କ୍ରୀଡ଼ାପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପୂର୍ବ ସୂଚନା ଅନୁଯାୟୀ, ଆସନ୍ତା ୯ରେ ବାରବାଟୀରେ କ୍ରିକେଟ୍ ମ୍ୟାଚ୍ ହେବ। ଏଥିପାଇଁ ବୁଧବାର ଓ ଗୁରୁବାର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ୪ଟି କାଉଣ୍ଟରରେ ଟିକେଟ ବିକ୍ରି ପାଇଁ ବ୍ୟବସ୍ଥା ହୋଇଥିଲା। ସେଥିମଧ୍ୟରୁ ମହିଳାଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କାଉଣ୍ଟର ହୋଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ୧୧,୦୮୦ ଟିକେଟ କାଉଣ୍ଟରରେ ବିକ୍ରି ହେବ ବୋଲି ମଙ୍ଗଳବାର ସୂଚନା ଦେଇଥିଲା। ☞ପୃଷ୍ଠା-୪


# ଏକ୍‌ଜିଟ ପୋଲ୍: ଆଗରେ ଭାଜପା

### ଦିଲ୍ଲୀରେ ୫୭.୭% ମତଦାନ

**ନୂଆଦିଲ୍ଲୀ,୫।୨**

ଦିଲ୍ଲୀ ବିଧାନସଭାର ୭୦ ଆସନ ପାଇଁ ବୁଧବାର ଅନୁଷ୍ଠିତ ନିର୍ବାଚନରେ ଅପରାହ୍ନ ୫ଟା ସୁଦ୍ଧା ୫୭.୭% ମତଦାନ ହୋଇଥିବା ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ପ୍ରକାଶ। ୧୩,୭୬୬ ପୋଲିଂ ବୁଥ୍‌ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଛି। ଏଥିସହ ୬୯୯ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍(ଇଭିଏମ୍)ରେ ସିଲ୍ ହୋଇଯାଇଛି। ଭୋଟ ଗ୍ରହଣ ଶେଷ ହେବା ପରେ ବୁଥ୍ ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟାନୁସାରେ ସର୍ଭେ ସଂସ୍ଥାଗୁଡ଼ିକ ପକ୍ଷରୁ ସନ୍ଧ୍ୟା ୬ଟା ୩୦ରେ ଏକ୍‌ଜିଟ ପୋଲ ପ୍ରକାଶ ପାଇଛି। ☞ପୃଷ୍ଠା-୪

ଏକ୍‌ଜିଟ ପୋଲ୍ ଭବିଷ୍ୟବାଣୀ (ପୃଷ୍ଠା-୩)



## କଂଗ୍ରେସ ନେତା ଜୟଦେବ ଜେନାଙ୍କୁ ହତ୍ୟା ଧମକ



**ଭୁବନେଶ୍ୱର,୫।୨ (ସୂର୍ଯ୍ୟକାନ୍ତ ବେହେରା)**

କଂଗ୍ରେସର ବରିଷ୍ଠ ନେତା ଜୟଦେବ ଜେନାଙ୍କୁ ହତ୍ୟା ଧମକ ଆସିଛି। କେହି ଦୁର୍ବୃତ୍ତ ଅଜଣା ନମ୍ବରରୁ ଫୋନ କରି ୫୦ ଲକ୍ଷ ଟଙ୍କା ମାଗିଛନ୍ତି। ଟଙ୍କା ନ ଦେଲେ ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି। ଓଡ଼ିଆ ଭାଷାରେ ଦୁର୍ବୃତ୍ତ ଜଣଙ୍କ କଥା ହେଉଥିବା ସୂଚନା ମିଳିଛି। ତେଣୁ ଜୀବନ ପ୍ରତି ବିପଦ ଥିବାରୁ ଜୟଦେବ ଜେନା ଗତ ୩ ତାରିଖରେ ଏନେଇ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ମେଲ୍ ଯୋଗେ ଜଣାଇଥିବା ସେ କହିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କାହାକୁ ଠାବ କରି ପାରିନାହିଁ। କଲ୍ ଆସିଥିବା ନମ୍ବରଟି ଏକ ମହିଳାଙ୍କ ନାମରେ ଥିବାବେଳେ କେତେବେଳେ ଗଞ୍ଜାମ ତ ପୁଣି କେତେବେଳେ ଚଣ୍ଡିଖୋଲ ଲୋକେଶନ ଆସୁଥିବା ସୂଚନା ମିଳିଛି। ସୂଚନାନୁସାରେ, ଗତ କିଛିଦିନ ତଳେ ଭୁବନେଶ୍ୱରରେ ମୋହନ ଭାଗବତଙ୍କ ☞ପୃଷ୍ଠା-୪

# ଗାଁ ବିକାଶ ପାଇଁ ବର୍ଷକୁ ୧ ହଜାର କୋଟି ଖର୍ଚ୍ଚ ହେବ: ମୁଖ୍ୟମନ୍ତ୍ରୀ

### ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ର ଶୁଭାରମ୍ଭ

**ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରୁ ଶୁଭାରମ୍ଭ ହୋଇଛି ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନା। ଖୋର୍ଦ୍ଧା ବ୍ଲକର ଜଙ୍କିଆ ମିନି ଷ୍ଟାଡିୟମରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ଗାଁର ଭିତ୍ତିଭୂମି ବିକାଶ ପାଇଁ ଆମ ସରକାର ସଂକଳ୍ପବଦ୍ଧ। ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନା ଦ୍ୱାରା ଗ୍ରାମୀଣ ଅର୍ଥନୀତି, ଶିକ୍ଷା, କ୍ରୀଡ଼ା, ଗମନାଗମନ ତଥା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରିବ। ଏହି ଯୁଗାନ୍ତକାରୀ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କୁ ସଶକ୍ତ କରିବ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ ଉଦ୍ଧାର କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଭାରତର ଆତ୍ମା ଗାଁରେ ରହିଛି। ଆଜି ବି ଦେଶର ୬୫ ପ୍ରତିଶତ ଏବଂ ଓଡ଼ିଶାର ୮୧ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ଗାଁର ବିକାଶ ବିନା ରାଜ୍ୟର ବିକାଶ ଅସମ୍ଭବ। ଏହାକୁ ଆଧାର କରି ସମୃଦ୍ଧ ଓଡ଼ିଶା-୨୦୩୬ର ପରିକଳ୍ପନା କରାଯାଇଛି। ବିକଶିତ ଗାଁ, ବିକଶିତ ଓଡ଼ିଶା ଏହି ପରିକଳ୍ପନାର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଓଡ଼ିଶାର ପ୍ରାୟ ୬୦ହଜାର ଗ୍ରାମରେ ବିକାଶର ଗଙ୍ଗା ପ୍ରବାହିତ କରିବା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି ଯୋଜନାରେ ଗାଁଗୁଡ଼ିକରେ ଭିତ୍ତିଭୂମିର ବିକାଶ ପାଇଁ ବର୍ଷକୁ ଏକ ହଜାର କୋଟି ଟଙ୍କା ☞ପୃଷ୍ଠା-୪



ଯୋଜନା ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

# ଭିନ୍ନ ପ୍ରଜାତିର ଉଡ଼ନ୍ତା ମାଛ ଚିହ୍ନଟ

**ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ଦ୍ୱାରା ଭାରତ ମହାସାଗରରୁ ପ୍ରଥମ ଥର ପାଇଁ ଏକ ଭିନ୍ନ ପ୍ରଜାତିର ଉଡ଼ନ୍ତା ମାଛ ‘ଚେଲିଓପୋଗୋନ୍ ଆକ୍ଟିସେପ୍ସ’ ଚିହ୍ନଟ କରାଯାଇଛି। ବୈଜ୍ଞାନିକ ଡ. ଅନିଲ ମହାପାତ୍ରଙ୍କ ମତରେ ଏହି ମାଛ ପଶ୍ଚିମବଙ୍ଗର ପେଟୁଆଘାଟ ମାଛ ଅବତରଣ କେନ୍ଦ୍ରରୁ ଚିହ୍ନଟ ହୋଇଥିଲା। ଏହି ମାଛର ଚଳାଚଳ ପରିସର ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବୋଲି ଜଣାପଡିଛି। ଏହି ମାଛର ପକ୍ଷ ବହୁତ ଲମ୍ବା ଏବଂ ପ୍ରଶସ୍ତ। ହେଲେ ଏଥିରେ ଅନ୍ୟ ସମପ୍ରଜାତି ଭଳି କୌଣସି କଳାଦାଗ ନାହିଁ। ପୂର୍ବରୁ ଏହା ଚାଇନା, ଫିଲିପାଇନ୍ସ, ଇଣ୍ଡୋନେସିଆ, ଭିଏତନାମ୍, ଜାପାନ, ଥାଇଲାଣ୍ଡରୁ ଚିହ୍ନଟ କରାଯାଇଛି। ଏହି ପ୍ରଜାତିଗୁଡିକ ନିକଟ ଉପକୂଳ ଭୂପୃଷ୍ଠ ଜଳରେ ମିଳିଥାଏ ଏବଂ କେବେ ଖୋଲା ସମୁଦ୍ରରେ ବିସ୍ତାର ହୋଇ ନ ଥାଏ। ଏହି ମାଛ ଉପରେ ବୈଜ୍ଞାନିକ ଡ. ଅନିଲ ମହାପାତ୍ର, ବୈଜ୍ଞାନିକ ଶୁଭ୍ରେନ୍ଦୁ ଶେଖର ମିଶ୍ର, ☞ପୃଷ୍ଠା-୪



ଚେଲିଓପୋଗୋନ୍ ଆକ୍ଟିସେପ୍ସ ମାଛ।

ସୂଚନା: ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର ‘ବିଚିତ୍ରା’ ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

ଆଜିର ସମ୍ପାଦକୀୟ
ଶକ୍ତିର ମେଳା





Government of Haryana
Surajkund Mela Authority
38th Surajkund International Crafts Mela
7-23 February, 2025
Surajkund, Faridabad, Haryana
"भारत के समृद्ध फ्यूचर में हम टूरिज्म का बहुत बड़ा पोटेंशियल देख रहे हैं। भारत में नेचर, कल्चर, एडवेंचर, कॉन्फ्रेंस, डेस्टिनेशन वेडिंग और हैरिटेज टूरिज्म सबके लिए असीम संभावनाएं हैं।"
- नरेन्द्र मोदी
Theme States
ODISHA INDIA'S BEST KEPT SECRET
MADHYA PRADESH
Programmes
International Organisation
BIMSTEC Bay of Bengal Initiative for Multi-Sectoral Technical and Economic Cooperation
Experience the Soul of Sufi with Dr. Satinder Sartaj
07 FEB. FRIDAY
Desert Symphony by folk sensation Mame Khan
08 FEB. SATURDAY
"Alfaaz Mere" Interaction with award winning poet & lyricist Dr. Irshad Kamil
09 FEB. SUNDAY
Jalwa-e-Haryana by Padma Shri awardee Sh. Mahavir Guddu
09 FEB. SUNDAY
Star Performance by rapper & singer Parmish Verma
10 FEB. MONDAY
North Eastern Beats by Sunita Bhuyan & Band, Francis Hmuihmul & Maylula Band
11 FEB. TUESDAY
Go on a delightful Musical journey with Papon & Band
12 FEB. WEDNESDAY
A Soul-Stirring Sufi Nite by A.R. Rahman's KM Sufi Ensemble
14 FEB. FRIDAY
Swing to the Beats of Punjabi Music by Gurtaj
15 FEB. SATURDAY
Mesmerizing musical evening by Vipul Mehta
16 FEB. SUNDAY
Madhya Pradesh - Baiju Bawra (Natya) and Veerangana Rani Durgavati (Nritya-Natika)
Cultural Show by Theme State-Madhya Pradesh
17 FEB. MONDAY
Roll On The Floor with Laughter Gaurav Gupta
18 FEB. TUESDAY
Ananya Odisha
Captivating Cultural Show by Theme State-Odisha
19 FEB. WEDNESDAY
BIMSTEC
BIMSTEC Rhythms: One Beat, Many Cultures
20 FEB. THURSDAY
SAMAAGAM-A fusion of classical dance forms choreographed by Priya Venkataraman
21 FEB. FRIDAY
Magnificent fashion show
Sarees of India by Sandesh Navlakha & Alesia Raut
22 FEB. SATURDAY
An extravagant Art & Culture Parade showcase.
You are cordially invited.
Cultural shows for Inaugural & Closing Ceremonies curated by Sanjay Sharma
Development Commissioner for Handlooms
MINISTRY OF DEVELOPMENT OF NORTH EASTERN REGION
Delhi Metro Rail Corporation Limited
HARYANA TOURISM Come, holiday with us !
Utsav India, the land of festivals
Incredible India अतुल्य ! भारत
Ministry of External Affairs Government of India
Indian handicrafts हस्तशिल्प continuing tradition
Scan the QR code to join the Whatsapp channel of Information and Public Relations Department, Haryana
Information, Public Relations & Languages Department, Haryana
www.prharyana.gov.in | Follow us on @diprharyana
RO No.:-1089/13/1984/2025/32281/276/21 Dated Chandigarh, the 05/02/2025

## ଏକ୍‌ଜିଟ ପୋଲ୍ ଭବିଷ୍ୟବାଣୀ

ଦିଲ୍ଲୀ ବିଧାନସଭା ମୋଟ ଆସନ ୭୦, ମ୍ୟାଜିକ୍ ନମ୍ବର ୩୬

| ସର୍ଭେ ସଂସ୍ଥା | ଭାଜପା | ଆପ୍ | କଂଗ୍ରେସ |
|---|---|---|---|
| ପିପୁଲ୍ସ ପଲ୍ସ | ୫୧–୬୦ | ୧୦–୧୯ | ୦ |
| ମାଟ୍ରିଜ୍ | ୩୫–୪୦ | ୩୨–୩୭ | ୦–୧ |
| ପିପୁଲ୍ସ ଇନ୍‌ସାଇଟ୍ | ୪୦–୪୪ | ୨୫–୨୯ | ୦–୧ |
| ପି–ମାର୍କ | ୩୯–୪୯ | ୨୧–୩୧ | ୦–୧ |
| ଜେଭିସି | ୩୯–୪୫ | ୨୨–୩୧ | ୦–୨ |
| ଚାଣକ୍ୟ | ୩୯–୪୪ | ୨୫–୨୮ | ୨–୩ |
| ପୋଲ୍ ଡାଏରୀ | ୪୨–୫୦ | ୧୮–୨୫ | ୦–୨ |
| ୱି ପ୍ରିଜାଇଡ୍ | ୧୮–୨୩ | ୪୬–୫୨ | ୦–୧ |
| ମାଇଣ୍ଡ ବ୍ୟାଙ୍କ | ୨୧–୨୫ | ୪୪–୪୯ | ୦–୧ |

## ମହାକୁମ୍ଭକୁ ଓଏସ୍‌ଆରଟିସି ବସ୍ ସେବା ପୁନଃଆରମ୍ଭ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ରାଜ୍ୟ ସଡ଼କ ଓ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ପାଇଁ ସ୍ୱତନ୍ତ୍ର ବସ୍ ସେବା ବୁଧବାରଠାରୁ ପୁନଃ ଆରମ୍ଭ ହୋଇଛି। ପୁରୀ, ବ୍ରହ୍ମପୁର, କେନ୍ଦୁଝର, ଭବାନୀପାଟଣା ଆଦି ଅଞ୍ଚଳରୁ ୧୮୦ ଜଣ ଯାତ୍ରା କରିଛନ୍ତି।

ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ଜାନୁଆରୀ ୨୯ ମୌନୀ ଅମାବାସ୍ୟା ଅବସରରେ କୋଟିକୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ଦଳାଚକଟା ହେବାରୁ ୩୦ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଅଘଟଣ ପରେ ମେଳା ଅଞ୍ଚଳକୁ ସମସ୍ତ ପ୍ରକାର ଯାନବାହନ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଫେବୃଆରୀ ୪ ପର୍ଯ୍ୟନ୍ତ ଓଏସ୍‌ଆର୍‌ଟିସି ପରିଚାଳିତ ସ୍ୱତନ୍ତ୍ର ବସ୍ ସେବାକୁ ସ୍ଥଗିତ ରଖାଯାଇଥିଲା। ତେବେ ପୂର୍ବନିର୍ଦ୍ଧାରିତ ସମୟ ଓ ରୁଟ୍‌ରେ ଏଣିକି ବସ୍ ଚଳାଚଳ କରିବ ବୋଲି ଓଏସ୍‌ଆର୍‌ଟିସି ପକ୍ଷରୁ ସୂଚନା ଦିଆଯାଇଛି। ଅଧିକ ସୂଚନା ପାଇଁ ଓଏସ୍‌ଆର୍‌ଟିସି ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।




# ନିଯୁକ୍ତି ଉପରୁ ରହିତାଦେଶ ହଟିଲା

## ହାଇକୋର୍ଟରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମାମଲା

କଟକ,୫।୨(କାର୍ତ୍ତିକ ସାହୁ)

ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନେଇ ରୁଜୁ ମାମଲାରେ ହାଇକୋର୍ଟ ସୋମବାର ଜାରି କରିଥିବା ରହିତାଦେଶକୁ ବୁଧବାର ହଟାଇ ଦେଇଛନ୍ତି। ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଜାରି ରଖିବ। ମାତ୍ର ୪ ଜଣ ଆବେଦନକାରୀଙ୍କ ଆବେଦନର ରାୟ ପ୍ରକାଶ ପରେ ସେମାନଙ୍କ ପାଇଁ ହାଇକୋର୍ଟଙ୍କ ଆଦେଶ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ୨୭୩୫ଟି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ପଦବୀରେ ନିଯୁକ୍ତି ନିମନ୍ତେ ୨୦୨୩ ଏପ୍ରିଲ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ' ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଯୋଗେ ଆବେଦନ ସମୟସୀମା ରହିଥିଲା। ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷାରେ ୧୦୦ ନମ୍ବର ବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ ରହିଥିଲା। ପରୀକ୍ଷାର ସମୟ ଦୁଇ ଘଣ୍ଟା ଧାର୍ଯ୍ୟ ହୋଇଥିଲା। ଏଥିସହ ପ୍ରତି ଭୁଲ୍ ଉତ୍ତରରେ ୦.୨୫% ନମ୍ବର କଟିବା ବ୍ୟବସ୍ଥା ରହିଥିଲା। ପରୀକ୍ଷା ଶେଷ ହେବା ପରେ ୨୦୨୩ ଡିସେମ୍ବର ୭ରେ ଓଏସ୍‌ଏସ୍‌ଏସ୍‌ସି ଏକ ନୋଟିସ ଜାରି କରିବା ସହ ଉତ୍ତର ଶିଟ୍ ପ୍ରକାଶ କରିଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ୨୦୨୪ ଫେବୃଆରୀ ୫ରେ ଓଏସ୍‌ଏସ୍‌ଏସ୍‌ସି ପ୍ରକାଶ କରିଥିବା ଉତ୍ତର ଖାତାର ତ୍ରୁଟି ସଂଶୋଧନ କରିଥିଲା। ସେଥିରେ ୨୧ଟି ପ୍ରଶ୍ନର ଉତ୍ତରରେ ତ୍ରୁଟି ରହିଥିଲା ବୋଲି ଦର୍ଶାଯାଇଥିଲା। ସେଥିମଧ୍ୟରୁ ୧୩ଟି ପ୍ରଶ୍ନର ସଂଶୋଧିତ ଉତ୍ତର ପ୍ରକାଶ କରାଯାଇଥିବାବେଳେ ୮ଟି ପ୍ରଶ୍ନର ଉତ୍ତର ପ୍ରକାଶ ପାଇ ନ ଥିଲା। ଅପରପକ୍ଷରେ ଗ୍ରେସ୍ ମାର୍କ ଆଧାରରେ ନିଯୁକ୍ତି ଦେବା ଲାଗି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ସ୍ଥିର କରାଯାଇଥିଲା। ମାତ୍ର ଏପରି ନିଯୁକ୍ତି ଦ୍ୱାରା ବହୁ ମେଧାବୀ ଆଶାୟୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ। ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ଥିବା ଅଭିଯୋଗ ଆଣି ଗଙ୍ଗାମଣି ଜେନାଙ୍କ ସମେତ ୪ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଗତ ମାମଲାଗୁଡ଼ିକର ଏକତ୍ର ଶୁଣାଣି ହୋଇଥିଲା। ହାଇକୋର୍ଟ ନିଯୁକ୍ତି ଉପରେ ରହିତାଦେଶ ଜାରି କରିବା ସହ ଚୟନ ପ୍ରକ୍ରିୟା ଚାଲୁ ରଖିବା ଓ ହାଇକୋର୍ଟଙ୍କ ଅନୁମତି ବିନା ନିଯୁକ୍ତି କରାଯାଇପାରିବ ନାହିଁ ବୋଲି ଆଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ନୀଳଗିରି, ୫।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ପ୍ରହରାଜପୁର ଗ୍ରାମର କୁସୁମ ଜେନା(୫୦) ତାଙ୍କ ଭାଇ ଓ ପୁଅ ବସନ୍ତଙ୍କ ସହ ବାଇକ୍‌ରେ ବରହମପୁର ଅଞ୍ଚଳକୁ ଯାଉଥିବା ବେଳେ ପୋଡ଼ାଶୂଳ ନିକଟରେ କୁସୁମ ବାଇକ୍‌ରୁ ଖସିପଡ଼ିଥିଲେ। ପଛପଟୁ ଯାଉଥିବା ଟ୍ରକ୍ ମହିଳାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ତୁରନ୍ତ ତାଙ୍କୁ ନୀଳଗିରି ହସ୍ପିଟାଲ୍ ଓ ପରେ ସୋର ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି।



ରାଜ୍ୟ ସରକାର ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ଘରଭଡ଼ା ପ୍ରଦାନ ସହ ସେମାନଙ୍କ ବିଭିନ୍ନ ଭତ୍ତା ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୁଧବାର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଭେଟି କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ଦେଇଛନ୍ତି।

# ତଦନ୍ତ ଶେଷ କଲେ କମିଶନ

## ଭରତପୁର ଥାନା ନିର୍ଯାତନା ଘଟଣା

- ୨୮ ସୁଦ୍ଧା ସରକାରଙ୍କୁ ରିପୋର୍ଟ ଦିଆଯିବ
- ଆର୍ମି ଅଫିସର, ବାନ୍ଧବୀଙ୍କ ଓକିଲଙ୍କ ପକ୍ଷରୁ ପୋଲିସ ଅଫିସରଙ୍କୁ ହୋଇପାରିଲା ନାହିଁ ଜେରା

ଭୁବନେଶ୍ୱର,୫।୨(ସତ୍ୟଜିତ୍ ରାଉତ)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ପକ୍ଷରୁ ହେଉଥିବା ତଦନ୍ତ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଆସନ୍ତା ୨୮ ତାରିଖରେ ରାଜ୍ୟ ସରକାରଙ୍କୁ ଏହି ମାମଲାର ତଦନ୍ତ ରିପୋର୍ଟ ଦାଖଲ କରାଯିବ ବୋଲି କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ତେବେ ବଡ଼ କଥା ହେଉଛି ଯେ, ସମୟ ଅଭାବରୁ ଏହି ମାମଲାରେ ନିଲମ୍ବିତ ଇନ୍‌ସ୍ପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କ ସମେତ ୩୫ଜଣ ପୋଲିସ ଅଫିସରଙ୍କୁ ଆର୍ମି ଅଫିସର ଓ ବାନ୍ଧବୀଙ୍କ ଓକିଲଙ୍କ ପକ୍ଷରୁ ଜେରା ହୋଇପାରିଲା ନାହିଁ।

ମିଳିଥିବା ସୂଚନାନୁଯାୟୀ, ବୁଧବାର ପୋଲିସ ଅଫିସରଙ୍କୁ ଜେରା କରାଯିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଆର୍ମି ଅଫିସର ଓ ବାନ୍ଧବୀଙ୍କ ଓକିଲଙ୍କ ପକ୍ଷରୁ ଫେବୃଆରୀ ୧୫ତାରିଖ ପରେ ସମୟ ଦିଆଯାଉ ବୋଲି କମିଶନଙ୍କ ନିକଟରେ ନିବେଦନ କରାଯାଇଥିଲା। ଏପଟେ ଫେବୃଆରୀ ୨୮ରେ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବାର ରହିଛି। ୧୫ ତାରିଖରୁ ୨୮ତାରିଖ ଯାଏ କାର୍ଯ୍ୟଦିବସ ଅଳ୍ପଦିନ ଥିବାରୁ ପୋଲିସ ଅଫିସରଙ୍କୁ ଜେରା କରିବା ସମ୍ଭବପର ହୋଇପାରିବ ବୋଲି କମିଶନ ଦାସ ହୃଦ୍‌ବୋଧ କରିଥିଲେ। ତେଣୁ ବାଧ ହୋଇ କମିଶନଙ୍କ ପକ୍ଷରୁ ଶୁଣାଣି ପ୍ରକ୍ରିୟା ଶେଷ କରାଯାଇଛି ବୋଲି ସଚିବ ଶୁଭେନ୍ଦ୍ର କହିଛନ୍ତି। ଏବେ ସରକାରଙ୍କ ପକ୍ଷରୁ ଦିଆଯିବାକୁ ଥିବା ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜାନୁଆରୀ ୩୧ରେ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କମିଶନ ସରକାରଙ୍କୁ ଆଉ ୩ମାସ ସମୟ ମାଗିଥିଲେ। ହେଲେ ସରକାର ମାତ୍ର ଗୋଟିଏ ମାସ ସମୟ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ ରାତିର ଦୁର୍ବ୍ୟବହାର ଅଭିଯୋଗକୁ ନେଇ ଆର୍ମି ଅଫିସର ଓ ବାନ୍ଧବୀ ଭରତପୁର ଥାନା ଯାଇଥିଲେ। ହେଲେ ସେଠାରେ ଥାନା କର୍ମଚାରୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ଥାନା ଆଇଆଇସିଙ୍କ ସହ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏଥିସହ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ଦେବା ସହ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

## ୧୬ଦିନ ଲଗାତର କୁହୁଡ଼ି

ଭୁବନେଶ୍ୱର,୫।୨ (ଅନୁରାଧା ମହାରଣା)

ଲଗାତର ୧୬ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଅନୁଭୂତ ହେଉଥିବାବେଳେ ଆହୁରି ୩ ଦିନ ବିଭିନ୍ନ ଜିଲାରେ ଏଭଳି ସ୍ଥିତି ଲାଗି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯିବା ସହ ସତର୍କ ସୂଚନା ଜାରି କରାଯାଇଛି। ଗୁରୁବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଯାଜପୁର, ଗଞ୍ଜାମ, କେନ୍ଦୁଝରଗଡ଼, ନୟାଗଡ଼ ଓ ଅନୁଗୋଳ ଆଦି ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼, କଳାହାଣ୍ଡି, ନୟାଗଡ଼ ଆଦି ଜିଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ପ୍ରଭାବ ରହିବ। ଅନ୍ୟପଟେ ଦିନରେ ଖରା ଓ ଗୁଳୁଗୁଳି ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ଗତ କିଛିଦିନ ଧରି ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଉପରେ ରହୁଛି। ବୁଧବାର ମାଲକାନଗିରି ଓ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗଙ୍ଗୁଆ, ଦୟା ଓ ଚିଲିକା ସୁରକ୍ଷା ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦି ଆଡ୍‌ଭେନ୍‌ଚର ଲକ୍‌ଜୁରି ହୋଟେଲ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲତା ମଙ୍ଗେସ୍‌କରଙ୍କ ତୃତୀୟ ଶ୍ରାଦ୍ଧବାରର୍ଷିକୀ ଉପଲକ୍ଷେ ଓଡ଼ିଆ ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲତା ନାଇଟ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସଙ୍ଗୀତ ଉତ୍ସବ 'ନାଦବ୍ରହ୍ମ', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୯ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ ପରିସର, ଭିଙ୍ଗାରପୁର, ସମୟ: ରାତି ୭ଟା ୩୦।

## କଟକ
- ୩ ଦିନିଆ ଗଜଲକ୍ଷ୍ମୀ ପୂଜା ଉତ୍ସବ ଶୁଭାରମ୍ଭ, ସ୍ଥାନ: କନ୍ତପଡ଼ା , ଲକ୍ଷ୍ମୀ ଛକ ମଣ୍ଡପ, ବଡ଼ମ୍ବା, ସମୟ: ସକାଳ ୭ଟା।

## ଖୋର୍ଦ୍ଧା
- ଏନ୍.ଡି.ଆର୍.ସି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ରେଡଙ୍ଗ କଲୋନୀ, ଜଟଣୀ, ସମୟ: ପର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ପିଜି କାଉନସିଲ ହଲ୍, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ଲେଭଲ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ ପରିସର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ କଥାମୃତ ମହୋତ୍ସବ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଗୋଚ୍ଛାୟତ ମାର୍କେଟ୍ କମ୍ପ୍ଲେକ୍ସ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ଜଳେଶ୍ୱର ମହୋତ୍ସବର ନବମ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ରୌପ୍ୟଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଚାନ୍ଦିପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଶ୍ରୀ ମହାବୀର ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମହରମପୁର ମହାବୀରସାହି, ତିହିଡ଼ି, ସମୟ: ପୂର୍ବାହ୍ନ ୮ଟା।
- ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ପୀରହାଟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ମହା ଶିବରାତ୍ରି ପ୍ରସ୍ତୁତି ବୈଠକ, ସ୍ଥାନ:ଆଖଣ୍ଡଳମଣି ପୀଠ ଅତିଥି ଭବନ,ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ:ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟ,ସମୟ:ପୂର୍ବାହ୍ନ ୧୧ଟ।
- ଗ୍ରହଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ନବଗ୍ରହ ମନ୍ଦିର, କୋହ୍ଲ ବଜାର, ତିହିଡ଼ି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ : ନାହାଳିଆ ମଠ, ହାଟଡ଼ିହୀ, ସମୟ : ସକାଳ ୫ ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଓରାଳି, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପନୀ, ସ୍ଥାନ: କେନ୍ଦୁଝର ପୁରୁଣା ସହର, ସିଦ୍ଧମଠ, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟସାଇ ସମିତି ତରଫରୁ ମାତାପିତାଙ୍କ କର୍ମଶାଳା, ସ୍ଥାନ: ମରିଗାଁ, ହାଟଡ଼ିହୀ, ସମୟ : ଅପରାହ୍ନ ୫ ଟା।

## ମୟୂରଭଞ୍ଜ
- ଜିଲା ଆଇନ ସେବା ପ୍ରାଧିକରଣ ବିଭାଗ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ରାଲି, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦା,ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବ, ସ୍ଥାନ:ମାଳିହାତୀ,ମାଣତ୍ରୀ ବଡ଼ସାହି,ସମୟ:ସକାଳ ୯ଟା।
- ଡିଆର୍‌କେ ସହିତ ମୟୂରଭଞ୍ଜ(ଏ) କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ,ସମୟ: ସକାଳ ୯ଟା।
- ଜମ୍ବୀରା ପୋଲର ଶିଳାନ୍ୟାସ, ସ୍ଥାନ: ଶିଳଦା, ଚିତ୍ରଡ଼ା, ମୋରଡ଼ା,ସମୟ:ପୂର୍ବାହ୍ନ ୯ଟା।
- ସାଇନାଥ ମନ୍ଦିରର ବାର୍ଷିକ ଉତ୍ସବ,ସ୍ଥାନ: ଉଦଳା ଏନ୍‌ଏସି, ମେଣ୍ଟାଖାଇ,ସମୟ: ପୂର୍ବାହ୍ନ ୯ଟା ୩୦।
- ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଜନଶୁଣାଣି ଶିବିର, ସ୍ଥାନ:ରାସଗୋବିନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଇଉଫରିଆ-୨୦୨୫ର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ମୋରଡ଼ା ବ୍ଲକ ସାମ୍ବାଦିକ ଭବନ, ଶୀର୍ଷାପାଳ, ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ହଳଦୀପାଳ ଫୁଟବଲ ପଡ଼ିଆ, ମୋରଡ଼ା,ସମୟ: ଅପରାହ୍ନ ୨ଟା।

ସେବକ ଗୋପାଳ ଦାସଙ୍କ ପ୍ରବଚନ, ସ୍ଥାନ: ମାଳିହାତୀ ମାଣତ୍ରୀ ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ମା' ଦଣ୍ଡକାଳୀଙ୍କ ପ୍ରାସାଦ ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକୋତ୍ସବ,ସ୍ଥାନ: ପାଣିଗ୍ରାହୀ ପେଣ୍ଠସାହି, ସମୟ: ସକାଳ ୭ଟା ୩୦।
- ପିପଲପଙ୍କା ଆନିକଟ ପ୍ରତ୍ୟାହାର ଦାବିରେ ଧାରଣା,ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା୩୦।

## ଢେଙ୍କାନାଳ
- ମୋଟରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଜିଲା ଭାପୁରସ୍ଥିତ ମୋଟରୀ, ସମୟ: ପୂର୍ବାହ୍ନ ୧୦ଟା।
- କପିଳାସ ନାଟ୍ୟ ଉତ୍ସବର ଉଦ୍‌ଘାଟନ ସମାରୋହ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ
- ପିଏମ୍ ଜେଏଏନ୍‌ଏମ୍‌ଏଏନ୍ ମିଟିଂ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।
- ଡିଏଜେଏୟୁଏ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଗୋପବନ୍ଧୁ ଶିକ୍ଷା ସହାୟକ ଯୋଜନା ୨୦୨୪-୨୫ ଛାତ୍ର ଚୟନ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୧୫।

## ଜଗତ୍‌ସିଂହପୁର
- ନୂତନ ଜଗନ୍ନାଥ ମନ୍ଦିରରେ ବିଗ୍ରହ ସ୍ଥାପନ ପାଇଁ ଅଷ୍ଟମପ୍ରହରୀ ନାମଯଜ୍ଞ, ସ୍ଥାନ: ଷଣ୍ଢକୁଦ, ପାରାଦୀପ, ସମୟ: ପ୍ରାତଃ ୫ଟା।
- କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଥିବା ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ପାଇଁ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା
- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଗୋପୀନାଥଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଲ୍ଲିକେଶ୍ୱର ମହାଦେବ ମନ୍ଦିର, ଅଡଙ୍ଗା, ଡେରାବିଶ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ରାଜକନିକା ଆଥେଲେଟିକ ଆସୋସିଏଶନ ପକ୍ଷରୁ ରାଜକନିକା କପ୍ କ୍ରିକେଟ, ସ୍ଥାନ: ଆର୍. ଏନ. ହାଇସ୍କୁଲ ମିନି ଷ୍ଟାଡିୟମ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଯାଜପୁର ଜିଲା ବରୀ ବାଲିଆସ୍ଥିତ ଜୟନ୍ତୀ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଓଡଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟନ ଦିବସ, ସ୍ଥାନ: ଓଡ଼ଗାଁ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ୫ଟା।

## ରାୟଗଡ଼ା
- ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ତ୍ରୟବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ଅରୋଶ୍ରୀ ବିହାର, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ମେଗା ନିଯୁକ୍ତି ମେଳା ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କାଶୀପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ଜୈବିକ ଚାଷକୁ ନେଇ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର, ସ୍ଥାନ: କମ୍ୟୁନିଟି ହଲ, ମୁନିଗୁଡା
- ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଦଶମନ୍ତପୁର ବ୍ଲକ ମୁର୍କାର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

ବିଶ୍ୱଶାନ୍ତି ସକାଶେ ଅଲେଖ ଧୂନି, ସ୍ଥାନ: କୋଟପାଡ଼ ଟିକିରା ସାହିସ୍ଥିତ ଦମୟନ୍ତୀ ସାଗର ତଟ, ସମୟ: ସନ୍ଧ୍ୟା ୬ ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- . ବୀର ସୁରେନ୍ଦ୍ର ସାଏ ଚେରିଟେବୁଲ ଟ୍ରଷ୍ଟ ଓ ମାରୱାଡି ଯୁବ ମଞ୍ଚ ଆୟୋଜିତ ସଂଗୀତ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ୩୦ ।

## ରାଉରକେଲା
- ଗୀତା ମହୋତ୍ସବ ପାଳିତ, ସ୍ଥାନ: ବାସନ୍ତୀ ଜଗନ୍ନାଥ ମନ୍ଦିର ସମୟ: ସକାଳ ୬ଟା ୩୦।
- ଶ୍ରୀଶ୍ରୀ ଦୁର୍ଗା ମନ୍ଦିର ବାର୍ଷିକ ଉତ୍ସବ, କଳସ ଯାତ୍ରା, ସ୍ଥାନ: ବିଶ୍ରା, ସମୟ: ସକାଳ ୭ଟା।
- ଆଦର୍ଶ ପାଠାଗାର ପୁସ୍ତକ ମେଳା, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ପଲ୍ଲୀଶ୍ରୀ ଓ ଖାଦ୍ୟ ମେଳାର ୬ଷ୍ଠ ଦିବସ, ସ୍ଥାନ: ସେକ୍ଟର-୫ ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଇସ୍ପାତ କଳାପରିଷଦର ନୃତ୍ୟାଞ୍ଜଳି ଉତ୍ସବ, ସ୍ଥାନ: ସେକ୍ଟର-୧୯ ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତ ବାଇବାଇ ଗ୍ରାମ ସ୍ଥିତ ସୃଜନ ଏକାଡେମୀ ସ୍କୁଲର ବାର୍ଷିକ ଉତ୍ସବ,ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା ୩୦।
- ପ୍ରାକୃତିକ କୃଷି ଉପରେ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: କଟରା ବୁଡାବାହାଲ, ସମୟ: ଅପରାହ୍ନ୨ଟା।

## ବରଗଡ଼
- ଶ୍ରୀ ହନୁମାନ ଶିବଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଡାଙ୍ଗ(ପ୍ରଧାନଟିକ୍ରା), ବରଗଡ଼,ସମୟ: ସକାଳ ୮ଟା।
- ମା' ଗ୍ରାମଦେବୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭାଲୁପାଲି(ରୁଷୁଡ଼ା), ଭେଡ଼େନ, ସମୟ: ସକାଳ ୮ଟା।
- ପଞ୍ଚକୁଣ୍ଡିୟ ଶିବଶକ୍ତି ଉପାସନା ମହାଯଜ୍ଞ, ସ୍ଥାନ: ନାଗେନପାଲି, ବରଗଡ଼, ସମୟ: ସକାଳ ୮ଟା ୩୦ମିନିଟ୍।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା କାର୍ଯ୍ୟକ୍ରମ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ: ଅପରାହ୍ନ ୩ଟା ୩୦ମିନିଟ୍
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବିପିଜେପି ଆପାର୍ଟମେଣ୍ଟ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ଜଳନ୍ଧର ରାଜ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ଡାଙ୍ଗ(ପ୍ରଧାନଟିକ୍ରା), ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଖେଳ ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଜୁନାଗଡ଼ ମହୋତ୍ସବ ପାଇଁ ବିଧାୟକଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସ୍ଥାନ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁ ସମ୍ପର୍କ ମଧ୍ୟରେ ବୈବାହିକ ସମ୍ବନ୍ଧ କିମ୍ବା ବ୍ୟବସାୟିକ ଅଂଶୀଦାର ସମ୍ପର୍କିତ ଆଲୋଚନା କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ଅସୁସ୍ଥତାବଶତଃ କେତେକ ଅତ୍ୟାବଶ୍ୟକ କାମ ଅଟକିଯାଇପାରେ। ସାହିତ୍ୟ, ସଂସ୍କୃତି, କଳା, କ୍ରୀଡ଼ା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରାଇପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମରେ ସାହାଯ୍ୟ, ସହଯୋଗ ଲାଭକରିବା ସହ ସଫଳତା ମଧ୍ୟ ପାଇ ପାରିବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତାକରି ଅନୁତାପ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କୃତ୍ତିକା ନକ୍ଷତ୍ର ପାଇଁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି।

**ମିଥୁନ** କୌଣସି ବନ୍ଧୁଙ୍କ ସାହାଯ୍ୟ ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ଆନୁଷ୍ଠାନିକ କାର୍ଯ୍ୟ, ମାଙ୍ଗଳିକ କାମ ସକାଶେ ପୂର୍ବ ପ୍ରସ୍ତୁତି, ସମ୍ପର୍କୀୟଙ୍କ ମୈତ୍ରୀଭାବ କାମ ହାସଲ ପାଇଁ ପୃଷ୍ଠଭୂମି ସାଜିପାରେ। ଅର୍ଥନୈତିକ ପ୍ରଗତି , ଶିଳ୍ପ, ବାଣିଜ୍ୟ ଓ ନିର୍ମାଣ ସକାଶେ ଖୋରାକ ଯୋଗାଇବ। ପୁନର୍ବସୁ ନକ୍ଷତ୍ର ପାଇଁ ଦୈହିକ ଦୁର୍ବଳତା ପ୍ରତିବନ୍ଧକର କାରଣ ହୋଇପାରେ।

**କର୍କଟ** ଆଜି ଅର୍ଥଲାଭ ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦର ଅବସାନ, ଋଣ ପରିଶୋଧ ପ୍ରଭୃତିରୁ ଖୁସି ମିଳିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ସାଧାରଣ କଥାରେ ପରିବାର କିମ୍ବା ସମ୍ପର୍କୀୟଙ୍କ ସହ ଅଶ୍ଳେଷା ନକ୍ଷତ୍ରର ସମସ୍ୟା ସୃଷ୍ଟିହୋଇପାରେ। କର୍ମଜଞ୍ଜାଳ ବୃଦ୍ଧିଜନିତ ପୁଷ୍ୟାର ଅଧିକାଂଶ ସମୟ ଟେନ୍‌ସନ ଲାଗିରହିବ।

**ସିଂହ** ଦୂରଯାତ୍ରା, ବ୍ୟୟ ବରାଦ, ସନ୍ତାନଙ୍କ ସମସ୍ୟା, ସମ୍ପର୍କହାନି ଚିନ୍ତିତ କରାଇପାରେ। ମାନସିକ ସ୍ଥିତି ଅସ୍ଥିର ଥିବାରୁ କୌଣସି କାମ ଶୁଭପ୍ରଦ ନ ହୋଇପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ପାରିବାରିକ ଜୀବନରେ ମଧ୍ୟ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**କନ୍ୟା** ଆଜି ଚିତ୍ରା ନକ୍ଷତ୍ର ଭଲ କଥା କହିଲେ ମଧ୍ୟ ସମାଲୋଚିତ ହେବାକୁ ପଡ଼ିବ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହେବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ସ୍ୱାର୍ଥସାଧନ ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା** ଅର୍ଥ ଏବଂ କର୍ମକ୍ଷେତ୍ର ସମ୍ପର୍କିତ ସମସ୍ୟା ଅସ୍ଥିରତାର କାରଣ ହେବ। ଏଣେ ପାରିବାରିକ ସ୍ତରରେ ଯୁକ୍ତିତର୍କ ଜନିତ ମତପାର୍ଥକ୍ୟ ପାରିବାରିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିପାରେ। ଆଜିର ସକାଳ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ। ସ୍ୱାତୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟିର ସୂଚନା ରହିଛି।

**ବିଛା** ଆଜି ଅର୍ଥଲାଭ ସହ କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଆବଶ୍ୟକତାକୁ ନେଇ ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ଘରୋଇ କଳହଜନିତ ଅନୁରାଧାର ଅଶାନ୍ତି ଲାଗିରହିବ। ଲେଖାପଢ଼ା, ସଭାସମିତି, ବନ୍ଧୁଙ୍କ ସହ ଆଲୋଚନାଦି ଫଳପ୍ରଦ ହୋଇପାରେ।

**ଧନୁ** ପ୍ରତିଟି କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ସହ ପ୍ରତିଯୋଗିତା ମନୋଭାବ ସୃଷ୍ଟିହେବ। ପାରିବାରିକ କ୍ଷେତ୍ରରେ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ପାଇ ମନୋବଳ ବୃଦ୍ଧି ପାଇବ। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି, ପରିବହନରେ ଉନ୍ନତି, ବ୍ୟବସାୟିକ ଉତ୍କର୍ଷ ହେତୁ ଖୁସି ରହିବେ।

**ମକର** ପରିସ୍ଥିତି ଯାହା ହେଉନା କାହିଁକି ଆଶା ପୂରଣ ଦିଗରେ ବାଧକ ହୋଇପାରିବ ନାହିଁ। ବିବାଦୀୟ ଘଟଣା ମନରେ ସ୍ଥାନ ପାଇବା ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିବ। ଶ୍ରବଣା ନକ୍ଷତ୍ରର ବନ୍ଧୁଙ୍କ ସକାଶେ ଦୀର୍ଘସମୟର ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ପ୍ରତ୍ୟେକ କାମକୁ ଆତ୍ମୀୟତାର ସହ ଶେଷକରି ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହେବେ। ପ୍ରତ୍ୟୁଷ ଯାତ୍ରା,ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଲକ୍ଷ୍ୟପୂରଣ କରିବାରେ କୌଣସି ଅସୁବିଧା ରହିବ ନାହିଁ। କଳା ସାହିତ୍ୟରେ, ଆନୁଷ୍ଠାନିକ କ୍ଷେତ୍ରରେ ଧନିଷ୍ଠା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ** ଆଜି ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି କଥାବାର୍ତ୍ତା ନ କଲେ ସମ୍ମାନହାନି ଘଟିପାରେ। ଏଣେ ପାରିବାରିକ ସମସ୍ୟା ସାଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ ହୋଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ସକାଶେ ସାମାଜିକ ସ୍ତରରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ।

ଆଜି ଫେବୃଆରୀ ୬ ତାରିଖ, ମାଘ ଶୁକ୍ଳ ନବମୀ ଗୁରୁବାର। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ଦିବା ଘ.୦୬।୨୩ ଗତେ, ଘ. ୦୭।୫୩ ମଧ୍ୟେ, ଘ.୧୦।୫୩ ଗତେ, ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୫ ଗତେ, ଘ.୦୨।୪୯ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ଟିକେଟ ପାଇଁ ...

ହେଲେ ବୁଧବାର ଗୋଟିଏ ଦିନରେ ସବୁ ଟିକେଟ ସରିଯାଇଥିବା ଜଣାପଡ଼ିଛି।

ଟିକେଟ କିଣିବା ପାଇଁ ଦୂରଦୂରାନ୍ତରୁ ଲୋକେ ପୂର୍ବଦିନ ଅର୍ଥାତ୍ ମଙ୍ଗଳବାରରୁ ଷ୍ଟାଡିୟମ ନିକଟରେ ଭିଡ଼ ଲଗାଇଥିଲେ। ଏପରି କି ବ୍ୟାରିକେଡ୍ ଭିତରେ ଧାଡ଼ି ହୋଇ ଠିଆ ହୋଇଥିଲେ। ବିଶେଷକରି ଦୀର୍ଘସମୟ ମହିଳାମାନେ ଧାଡ଼ିରେ କୁନି ପିଲାଙ୍କୁ ଧରି ଠିଆ ହୋଇଥିଲେ। ହେଲେ ପୋଲିସ ସେମାନଙ୍କୁ ରାତିରେ ଘଉଡ଼ାଇ ଦେଇଥିଲା। ବୁଧବାର ସକାଳୁ ଲୋକମାନେ ରୁଣ୍ଡ ହେବାରୁ ଅସମ୍ଭାଳ ଭିଡ଼ ହୋଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଠେଲାପେଲାବେଳେ ଟିକେଟ କାଉଣ୍ଟର ନିକଟରେ ଲାଗିଥିବା ହୋର୍ଡିଂକୁ ଲୋକମାନେ ଭାଙ୍ଗିଦେଇଥିଲେ। କେତେଜଣ ଲୋକ ଧାଡ଼ିରେ ନ ଆସି ସିଧା କାଉଣ୍ଟର ନିକଟକୁ ଧସେଇ ପଶିଥିଲେ। ଟିକେଟ ସଂଖ୍ୟାଠାରୁ ବହୁ ଅଧିକ ଲୋକ ରୁଣ୍ଡ ହୋଇଥିଲେ। ପୋଲିସ ବ୍ୟାରିକେଡ୍ ଉପରେ ଠିଆ ହୋଇ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ପୁଣି ଟିକେଟ ବିକ୍ରିସ୍ଥଳରେ ପାନୀୟଜଳ ଯୋଗାଣ ନ ଥିବାରୁ କେତେଜଣ ମୂର୍ଚ୍ଛା ହୋଇଯାଇଥିଲେ। ପୋଲିସ ଲୋକଙ୍କ ମୁହଁରେ ପାଣି ଛାଟୁଥିବା ଦେଖାଯାଇଥିଲା। ତାତିରୁ ରକ୍ଷା ପାଇଁ ପାଣି ସିଞ୍ଚନ ମଧ୍ୟ କରାଯାଇଥିଲା।

କଟକ ଡିସିପି ଜଗମୋହନ ମୀନାଙ୍କ କହିବାନୁସାରେ, ଲୋକମାନେ ଟିକେଟ କିଣିବା ପାଇଁ ଗହଳି ଲଗାଇବାବେଳେ କେତେକ ବିଶୃଙ୍ଖଳା ଦେଖାଦେଇଥିଲା। ଲୋକମାନେ ଧାଡ଼ିରେ ଥିବାବେଳେ ଏପଟସେପଟ ହେବା ସହ କାଉଣ୍ଟର ପାଖରେ ଗହଳି କରୁଥିଲେ। ତେବେ ପରିସ୍ଥିତି ନିୟନ୍ତ୍ରଣ କରିବା ନିମନ୍ତେ ଲୋକମାନଙ୍କୁ ଡରାଇବାକୁ ପୋଲିସକୁ ଲାଠି ଦେଖାଇବା ପାଇଁ ପଡ଼ିଥିଲା। ମଝିରେ ମଝିରେ ସୁରୁଖୁରୁରେ ଟିକେଟ ବିକ୍ରି ହେଉଥିଲା, ପୁଣି ଭିଡ଼ ହୋଇଯାଉଥିଲା। ଜଣେ ଅଫିସରଙ୍କ ସୀମିତ ନିୟନ୍ତ୍ରଣ କ୍ଷମତା ରହିଛି। ଲୋକମାନଙ୍କୁ ପାଣି ସିଞ୍ଚନ କରାଯାଇଥିଲା। ପୋଲିସ ଜଳଦୂତ ଟାଙ୍କି ଯେକୌଣସି ଜାଗାରେ ସହଜରେ ପଶି ଯାଉଥିବାରୁ ଲୋକଙ୍କ ଉପରେ ପାଣି ପକାଇବା ସହଜ ହୋଇଥିଲା। ପାଣି ପିଇବାକୁ ଚାହୁଁଥିବା ଲୋକଙ୍କୁ ପୋଲିସ ପାଣି ଯୋଗାଇ ଦେଉଥିଲା। ପ୍ରତି ସିଫ୍ଟରେ ୮ରୁ ୧୦ ପ୍ଲାଟୁନ୍ ପୋଲିସ ମଙ୍ଗଳବାର ରାତିରୁ ଟିକେଟ ବିକ୍ରି ସରିବା ପର୍ଯ୍ୟନ୍ତ ନିୟୋଜିତ ହୋଇଥିଲେ। ରାତି ସାରା ବରିଷ୍ଠ ଅଧିକାରୀମାନେ ଉଜାଗର ହୋଇଛନ୍ତି। ପ୍ରାୟ ୨୦ ହଜାର ଲୋକ ଏକାଠି ହୋଇଥିଲେ। ତେବେ ସବୁ କାର୍ଯ୍ୟ ଭଲରେ ସମ୍ପନ୍ନ ହୋଇଛି।

### ଏକ୍‌ଜିଟ ପୋଲ୍: ...

ତଦନୁଯାୟୀ ଦିଲ୍ଲୀରେ ୨୦୧୩ରୁ କ୍ଷମତାରେ ଥିବା ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ହ୍ୟାଟ୍ରିକ୍ ବିଜୟ ଆଶା ଏଥର ମଉଳିଯାଇପାରେ। ଭାଜପା ଦୀର୍ଘ ୨୭ ବର୍ଷ ପରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ଜାତୀୟ ରାଜଧାନୀରେ କ୍ଷମତାସୀନ ହୋଇପାରେ। ଅନ୍ୟପକ୍ଷେ କଂଗ୍ରେସ ୦ରୁ ୩ ଆସନରେ ସୀମିତ ରହିବ ବୋଲି ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ଏକ୍‌ଜିଟ ପୋଲ୍ 'ଏକ୍‌ଜାଟ ପୋଲ୍' ହୋଇ ନ ଥିବାରୁ ଏହି ଆକଳନ ଉପରେ ସମ୍ପୂର୍ଣ୍ଣ ଭରସା କରାଯାଇ ନ ପାରେ। କାରଣ ଅତୀତରେ ମଧ୍ୟ ବିଧାନସଭାଠାରୁ ନେଇ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ଅନେକ ଏକ୍‌ଜିଟ ପୋଲ୍ ଭୁଲ୍ ପ୍ରମାଣିତ ହୋଇସାରିଛି। ତେଣୁ ଆସନ୍ତା ୮ ତାରିଖରେ ଭୋଟ ଗଣତି ପରେ ଆସିବାକୁ ଥିବା ଫଳାଫଳକୁ ଅପେକ୍ଷା।

ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆପ୍ ଦିଲ୍ଲୀ ବିଧାନସଭାରେ ସମସ୍ତ ୭୦ ଆସନରେ ଏକାକୀ ନିର୍ବାଚନ ଲଢ଼ି ହ୍ୟାଟ୍ରିକ୍ ବିଜୟ ପାଇଁ ଆଶାବାଦୀ ରହିଛି। ପ୍ରାୟ ୩ ଦଶନ୍ଧି ହେଲା କ୍ଷମତାକୁ ଆସିପାରି ନ ଥିବା ଭାଜପା ଏଥର ୬୮ ଆସନରେ ଲଢ଼ି ସରକାର ଗଢ଼ିବାକୁ ଅଣ୍ଟା ଭିଡ଼ିଛି। କେଜ୍‌ରିୱାଲଙ୍କ ପୂର୍ବରୁ ଲଗାତର ୧୫ ବର୍ଷ ଧରି ସରକାରରେ ଥିବା କଂଗ୍ରେସ ଗତ ୨ଟି ନିର୍ବାଚନରେ ଖାତା ଖୋଲିପାରି ନ ଥିଲା। ଏଭଳି ସ୍ଥିତିରେ ଏଥର ନିର୍ବାଚନ କେଜ୍‌ରିୱାଲ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ସ୍ୱାଭିମାନର ପ୍ରଶ୍ନ ପାଲଟିଯାଇଥିଲା।

ଦିଲ୍ଲୀରେ ୧,୫୬୧,୪୦୦ ପଞ୍ଜୀକୃତ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୮,୩୭,୬୧୭ ପୁରୁଷ ଓ ୭୨୩,୬୫୬ ମହିଳା। ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୧,୨୬୭। ଚଳିତ ନିର୍ବାଚନରେ ୨,୩୯,୯୦୫ ଜଣ ପ୍ରଥମ ଥର ଭୋଟର(୧୮-୧୯ ବର୍ଷର) ରହିଥିବାବେଳେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ମତଦାତାଙ୍କ ସଂଖ୍ୟା ୧,୦୯,୩୬୮। ସେହିପରି ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ୭୯,୮୮୫ ରହିଛି। ସେମାନଙ୍କ ମଧ୍ୟରୁ ୫୭.୭% ମତଦାନ କରିଥିବା ଇସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଇତିମଧ୍ୟରେ ଗଣମାଧ୍ୟମ ଓ ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ପକ୍ଷରୁ ଏକ୍‌ଜିଟ ପୋଲ୍ ପ୍ରକାଶ ପାଇଛି। ଏଥିରେ ଅଧିକାଂଶ ସଂସ୍ଥା ଭାଜପା ବହୁମତ ପାଇବା ନେଇ ଆକଳନ କରିଛନ୍ତି। ପିପୁଲ୍ସ ପଲ୍ସ ଭାଜପାକୁ ସର୍ବାଧିକ ୫୧-୬୦ ଆସନ ଦେଇଥିବାବେଳେ ଆପ୍ ୧୦-୧୯ ଆସନ ଦଖଲ କରିବା ନେଇ ପୂର୍ବାନୁମାନ କରିଛି। ମାଟ୍ରିଜ୍‌ର ଆକଳନ କହୁଛି, ଭାଜପା ୩୫ରୁ ୪୦ ଆସନ ଦଖଲ କରିବ ଏବଂ ଆପ୍ ୩୨ରୁ ୩୭ରେ ସୀମିତ ରହିବ। ପିପୁଲ୍ସ ଇନ୍‌ସାଇଟ୍ ଭାଜପା ୪୦-୪୪ ଏବଂ ଆପ୍ ୨୫-୨୯ ଆସନରେ ସଫଳତା ପାଇବା ନେଇ ଭବିଷ୍ୟବାଣୀ କରିଛି। ପି-ମାର୍କର ହିସାବ ଅନୁଯାୟୀ, ଭାଜପା ୩୯-୪୯ ଏବଂ ଆପ୍ ୨୧-୩୧ ଦଖଲ କରିପାରେ। ସେହିପରି ଭାଜପାକୁ ୩୯-୪୫ ଓ ଆପ୍‌କୁ ୨୨ରୁ ୩୧ ଆସନ ମିଳିବା ନେଇ ଜେଭିସି ପକ୍ଷରୁ ଆକଳନ କରାଯାଇଛି। ଚାଣକ୍ୟ ଷ୍ଟ୍ରାଟେଜିଜ୍ ଅନୁସାରେ ଭାଜପା ୩୯-୪୪ ଓ ଆପ୍ ୨୫-୨୮ ଆସନ ଜିତିପାରେ। ପୋଲ୍ ଡାଏରୀ ଭାଜପାକୁ ୪୨-୫୦ ଆସନ ଦେଇଥିବାବେଳେ ଆପ୍‌କୁ ୧୮ରୁ ୨୫ ଆସନ ଭିତରେ ସୀମିତ ରଖିଛି। ଏକ୍‌ଜିଟ ପୋଲ୍‌କୁ ନେଇ ଉଲ୍ଲସିତ ଭାଜପା ଏହାକୁ ସ୍ୱାଗତ କରିଥିବାବେଳେ ଆପ୍ ଏହି ଆକଳନକୁ ପ୍ରତ୍ୟାଖ୍ୟାନ କରିଛି।

ପ୍ରକାଶ ଯେ, ପୂର୍ବ ୨ଟି ନିର୍ବାଚନ (୨୦୧୫, ୨୦୨୦)ରେ ଏକ୍‌ଜିଟ୍ ପୋଲ୍ ଶାସକ ଆପ୍‌କୁ ସଂଖ୍ୟାଗରିଷ୍ଠତା ସହ ବିଜୟର ପୂର୍ବାନୁମାନ କରିଥିଲା। କିନ୍ତୁ ଉଭୟ ଥର ପ୍ରକୃତ ବିଜୟର ବ୍ୟବଧାନ ଅଧିକ ରହିଥିଲା। ୨୦୧୫ରେ ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ଆପ୍‌କୁ ୪୨ ଆସନ ଦେଇଥିବାବେଳେ ଦଳ ୬୭ ଆସନରେ ଜିତିଥିଲା। ସେହିପରି ୨୦୨୦ରେ ଆପ୍ ୫୬ ଆସନରେ ବିଜୟୀ ହେବ ବୋଲି ଆକଳନ କରାଯାଇଥିବାବେଳେ ୬୨ ଆସନରେ ସଫଳତା ହାସଲ କରିଥିଲା। ଦିଲ୍ଲୀ ବିଧାନସଭାର ମୋଟ ଆସନ ସଂଖ୍ୟା ୭୦ ହୋଇଥିବାବେଳେ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ହେଉଛି ୩୬। ବିଦାୟୀ ବିଧାନସଭାରେ ଆପ୍‌ର ୬୨ ଓ ଭାଜପାର ୮ ବିଧାୟକ ରହିଛନ୍ତି। କଂଗ୍ରେସର ଜଣେ ହେଲେ ପ୍ରାର୍ଥୀ ନାହାନ୍ତି।

### ଗାଁ ବିକାଶ ପାଇଁ ବର୍ଷକୁ ...

ଲେଖାଏ କରି ୫ବର୍ଷରେ ୫ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଆବଶ୍ୟକ ହେଲେ ଏହି ଯୋଜନାକୁ ଆହୁରି ସମ୍ପ୍ରସାରଣ କରାଯିବ। ଏହି ଅର୍ଥରେ ଗାଁର ରାସ୍ତାଘାଟ, କମ୍ୟୁନିଟି ଉପକରଣ, ପୂଜାପାଠ ସ୍ଥାନ, ଭାଗବତ ଟୁଙ୍ଗି, ଭୋଗ ମଣ୍ଡପ, ସାଂସ୍କୃତିକ କେନ୍ଦ୍ର, କ୍ରୀଡ଼ା ଭିତ୍ତିଭୂମି, କ୍ଷୁଦ୍ର ପର୍ଯ୍ୟଟନ ପ୍ରକଳ୍ପ ଆଦିର ବିକାଶ କରାଯିବ। ଶିକ୍ଷା ପାଇଁ ଭିତ୍ତିଭୂମି ଉନ୍ନତୀକରଣ କରାଯିବ। ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ଆଧୁନିକରଣ ଓ ସମ୍ପ୍ରସାରଣ କରାଯିବ। ଗ୍ରାମର ସମସ୍ତ ରାସ୍ତାକୁ ପିଚୁ, କଂକ୍ରିଟ କରାଯିବା ସହ ସେତୁ ଓ କଲଭର୍ଟ, କଲ୍ୟାଣ ମଣ୍ଡପ, ଗାଧୋଇବା ଘାଟ, ପୋଖରୀ କୂଳରେ ପରିଧାନ ପରିବର୍ତ୍ତନ ପ୍ରକୋଷ୍ଠ, ବଜାର ଶେଡ୍, ଡ୍ରେନ ପ୍ରଭୃତି ନିର୍ମାଣ କରାଯିବ। ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ ଗ୍ରହଣ କରାଯାଇଥିବା ସମାନ ପ୍ରକାର ପ୍ରକଳ୍ପଗୁଡ଼ିକୁ ଏହି ଯୋଜନା ଅଧୀନରେ ସଂଯୋଗ କରାଯାଇପାରିବ। ସମସ୍ତ ପ୍ରକଳ୍ପର ସର୍ବନିମ୍ନ ପ୍ରକଳ୍ପ ମୂଲ୍ୟ ୩ଲକ୍ଷ ଟଙ୍କା ରହିଛି। ଏହାଦ୍ୱାରା ଛୋଟ ପ୍ରକଳ୍ପର ଗୁଣାତ୍ମକ ମାନ ବଜାୟ ରଖାଯାଇପାରିବ। ଆମ ସରକାରରେ ଅର୍ଥାଭାବରୁ କୌଣସି ଯୋଜନାକୁ ଅଣଦେଖା କରାଯିବ ନାହିଁ। ପୂର୍ବରୁ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଯେଉଁ ପ୍ରକଳ୍ପରେ ସର୍ବନିମ୍ନ ୨୦ ପ୍ରତିଶତ ବ୍ୟୟ ହୋଇଥିବ, ସେଗୁଡ଼ିକୁ ମଧ୍ୟମ ଏହି ଯୋଜନାରେ ସମ୍ପୂର୍ଣ୍ଣ କରାଯାଇପାରିବ। ଆମ ପାଇଁ ବିକାଶ ରାଜନୀତିରୁ ଊର୍ଦ୍ଧ୍ୱରେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଆମ ସରକାର ହେଉଛି ଲୋକଙ୍କ ସରକାର, ଲୋକଙ୍କ ସହଭାଗିତାରେ ଆଗକୁ ବଢିବ। ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ଲୋକଙ୍କ ଭାଗିଦାରୀକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଗାଁର ବିକାଶ ଗ୍ରାମବାସୀ ସ୍ଥିର କରିବା ସହ ରୂପାୟନ କରିବେ। ଗ୍ରାମସଭା, ବ୍ଲକ ଓ ଜିଲାପାଳଙ୍କ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏ ନେଇ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହି ଯୋଜନାରେ ଆଦିବାସୀ ଉନ୍ନୟନ ଉପରେ ଗୁରୁତ୍ୱ ଦିଆଯାଇଛି। ମଞ୍ଜୁର ଅର୍ଥରାଶିର ୪୦ ପ୍ରତିଶତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବା ଆଇଟିଡିଏ ପାଇଁ ଉଦ୍ଦିଷ୍ଟ ରଖାଯାଇଛି। ଏହି ଅବସରରେ ସେ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଲେ, 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ଏତେ ଟଙ୍କା କେଉଁଠୁ ଆସିଛି, କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ତାହାର କୌଣସି ହିସାବ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିକଟରେ ନାହିଁ। ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଯେଉଁ ବିକାଶର ଧାରା ବୋହୁଛି, ଓଡ଼ିଶାରେ ଲୋକେ ଡବଲ ଇଞ୍ଜିନ ସରକାର ମାଧ୍ୟମରେ ତା'ର ସୁଫଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଏହି ଯୋଜନାରେ ରାଜ୍ୟର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ଗ୍ରାମାଞ୍ଚଳ ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଗିରିଶ ଏସ୍.ଏନ୍. ସ୍ୱାଗତ ଭାଷଣ ଏବଂ ଜିଲାପାଳ ଚଞ୍ଚଳ ରାଣା ଧନ୍ୟବାଦ ଦେଇଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର(ଭୁବନେଶ୍ୱର) ବିଧାୟକ ବାବୁ ସିଂ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟର ୩୦ ଜିଲା ଓ ୩୧୪ ବ୍ଲକରୁ ଆଭାସି ଜରିଆରେ ବିଧାୟକ, ଏମ୍‌ପି ଏବଂ ପଞ୍ଚାୟତ ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ।


### ଭିନ୍ନ ପ୍ରଜାତିର ...

ବାଜକୁଲ ମିଲିନି ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଦୀପାନ ରାୟ, ଗବେଷକ ସାନମିତ୍ର ରାୟ ଏବଂ ତପନ ଖଟୁଆଙ୍କ ଦ୍ୱାରା ଗବେଷଣା ହୋଇଥିଲା। ଟେଲିଓପୋଗୋନ୍ ଆକ୍ଟିସେପ୍ସ ମାଛ ମାନବଜଗତ ପାଇଁ ମାରାତ୍ମକ ନୁହେଁ। ଏହାର ସବିଶେଷ ବିବରଣୀ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପତ୍ରିକା 'ଜର୍ଣ୍ଣାଲ ଅଫ ମେରାଇନ ବାୟୋଲୋଜିକାଲ ଆସୋସିଏଶନ'ରେ ପ୍ରକାଶ ପାଇଛି। ଏ ପର୍ଯ୍ୟନ୍ତ ପୃଥିବୀରେ ମୋଟ ୮୦ ପ୍ରକାରର ଉଡ଼ନ୍ତା ପ୍ରଜାତିର ମାଛ ଚିହ୍ନଟ କରାଯାଇଛି। ସେଥିରୁ ୨୪ଟି ପ୍ରଜାତି ଭାରତ ଉପକୂଳରେ ଦେଖାଯାଇଛନ୍ତି।

### କଂଗ୍ରେସ ନେତା ...

କାର୍ଯ୍ୟକ୍ରମକୁ ଛାତ୍ର କଂଗ୍ରେସ ବିରୋଧ କରିଥିଲା। ଏହି ଘଟଣାରେ ପୋଲିସ ପରବର୍ତ୍ତୀ ସମୟରେ ଛାତ୍ର ନେତାଙ୍କୁ ଗିରଫ କରି ଜେଲ ପଠାଇଥିଲା। କଂଗ୍ରେସ ଛାତ୍ର ନେତାଙ୍କୁ ସାକ୍ଷାତ୍ କରିବାକୁ ଜୟଦେବ ଗତ ସୋମବାର ଝାରପଡ଼ା ଜେଲ୍‌କୁ ଯାଇଥିଲେ। ଏହାପରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏହି ସମୟରେ ଏକ ଅଜଣା ନମ୍ବରରୁ ବହୁବାର କଲ୍ ଆସିଥିଲା। ଏକାଧିକ କଲ ଆସିବାରୁ ବାଧ୍ୟ ହୋଇ କଲ୍ ଉଠାଇଥିଲେ। ଉଠାଇବା ପରେ କଲ୍ କରିଥିବା ବ୍ୟକ୍ତି ଜଣଙ୍କ ହଠାତ୍ ୫୦ ଲକ୍ଷ ଟଙ୍କା ଦାବି କରିଥିଲେ। ନଚେତ ବହୁ ଅସୁବିଧା ହେବ ବୋଲି ଫୋନ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲେ। କିଛି ସମୟ କଥା ହେବାପରେ ଜୟଦେବ ନିଜକୁ ୭୩ ବର୍ଷ ହେଲାଣି ମାରିଦିଅ ପଛେ କିନ୍ତୁ ପଇସା ଦେଇ ବଞ୍ଚିବି ନାହିଁ ବୋଲି କହିଥିଲେ। ଏହାପରେ ଦୁର୍ବୃତ୍ତ ଜଣଙ୍କ ୫୦ ହଜାର ମାଗିଥିଲେ। ଦେବାକୁ ମନା କରିବାକୁ ଜୀବନରୁ ମାରିଦେବାକୁ ହତ୍ୟା ଧମକ ସହ ପିଲାଙ୍କ ଜୀବନ ପ୍ରତି ମଧ୍ୟ ବିପଦ ଥିବା ଦୁର୍ବୃତ୍ତ କହିଥିଲେ। ପରେ ପରିବାର ଲୋକଙ୍କ ସହ ଆଲୋଚନା କରି ଥାନାର ଦ୍ୱାରସ୍ଥ ହୋଇଥିବା ଜୟଦେବ କହିଛନ୍ତି ।

# କୁଆଖାଇରେ ବୁଡ଼ିଗଲେ ୨ ଛାତ୍ର

ଦିବ୍ୟଜ୍ୟୋତି ମହାଳିକ ଓ ସିକୁନ ସେନାପତି।

**ବାଲକାଟୀ/ବାଲିଅନ୍ତା,୫।୨ (ମନୋଜ ମଣ୍ଡଳ/ ନୀଳମାଧବ ସାହୁ)**

ବାଲିଅନ୍ତା ଥାନା ଅଧୀନ ରଙ୍ଗବଜାର ନିକଟ କୁଆଖାଇ ନଦୀରେ ବୁଡ଼ି ବୁଧବାର ୨ ଜଣ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ଦୁହେଁ ଭୁବନେଶ୍ୱର କ୍ୟାପିଟାଲ ଥାନା ଅଧୀନ ୟୁନିଟ୍-୬ କାଳୀ ମନ୍ଦିର ଅଞ୍ଚଳରେ ରହୁଥିବା ଦିବ୍ୟଜ୍ୟୋତି ମହାଳିକ (୧୫) ଓ ଗଙ୍ଗନଗରରେ ରହୁଥିବା ସିକୁନ ସେନାପତି (୧୫) ବୋଲି ଜଣାପଡ଼ିଛି। ବାଲିଅନ୍ତା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୪/୨୫ ଓ ୫/୨୫)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦିବ୍ୟଜ୍ୟୋତି ଓ ସିକୁନ ସରସ୍ୱତୀଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଟ୍ୟୁଶନ ସାର୍‌ଙ୍କ ସମେତ ୬ ଜଣ ସାଙ୍ଗ ମିଶି ପୂର୍ବାହ୍ନ ସମୟରେ ରଙ୍ଗବଜାର ନିକଟ କୁଆଖାଇ ନଦୀକୁ ଆସିଥିଲେ। ବିସର୍ଜନ ପାଇଁ ନଦୀ ଭିତରକୁ ଯାଇଥିବାବେଳେ ୨ ଜଣ ସାଙ୍ଗ ବୁଡ଼ି ଯାଇଥିଲେ। ଏହା ଦେଖି ଟ୍ୟୁଶନ ସାର୍ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବାଲିଅନ୍ତା ଅଗ୍ନିଶମ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ନଦୀରେ ଖୋଜାଖୋଜି କରି ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଅନ୍ତା ପୋଲିସ ଡାକ୍ତରଖାନାରେ ପହଞ୍ଚିଥିଲା।

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ, ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

**ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)**

ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ରଙ୍ଗବଜାର ନିକଟ କୁଆଖାଇ ନଦୀରେ ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ମୃତ ଛାତ୍ରଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

# ପିଲାଙ୍କ ପାଠପଢ଼ା ସହିତ ପ୍ରତିଭା ବିକାଶ ଲକ୍ଷ୍ୟ




ପ୍ଲେ ଗ୍ରୁପ୍‌ର ପିଲାମାନେ ନୃତ୍ୟ ମାଧ୍ୟମରେ ବାର୍ତ୍ତା ଦେଉଛନ୍ତି।

## ସାଇ ଆଙ୍ଗନ୍ ସ୍କୁଲରେ 'କନ୍‌ଫ୍ଲୁଏନ୍ସ-୨୦୨୫' ଆରମ୍ଭ

**ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ପ୍ଲେ ସ୍କୁଲ 'ସାଇ ଆଙ୍ଗନ'ର ତିନିଦିନିଆ ସାଂସ୍କୃତିକ ବାର୍ଷିକ ଉତ୍ସବ 'କନ୍‌ଫ୍ଲୁଏନ୍ସ-୨୦୨୫' ବୁଧବାରଠାରୁ ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ଲେ ଗ୍ରୁପ୍‌ରୁ ତୃତୀୟ ଶ୍ରେଣୀର ପିଲା ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ଲେ ଗ୍ରୁପ୍‌ର ପିଲାଙ୍କ ଦ୍ୱାରା ପରିବେଷିତ ନୃତ୍ୟରେ ଅନ୍ନମୟ, ପ୍ରାଣମୟ, ମନମୟ, ବିଜ୍ଞାନମୟ ଓ ଆନନ୍ଦମୟ ବେଶ୍ ଚିତ୍ତାକର୍ଷକ ତଥା ଶିକ୍ଷଣୀୟ ଥିଲା। ବିଶେଷକରି ନୃତ୍ୟରେ ପରିବେଶର ବାର୍ତ୍ତା ଉପସ୍ଥିତ ଅଭିଭାବକ, ଶିକ୍ଷକ ଓ ଅତିଥିଙ୍କୁ ଅଭିଭୂତ କରିଥିଲା। ଏହି ଅବସରରେ ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍ ଅଧ୍ୟକ୍ଷା ଡ. ଶିଳ୍ପୀ ସାହୁ ଅଭିଭାବକ, ଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। କନ୍‌ଫ୍ଲୁଏନ୍ସର କୁନି କୁନି ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ପଞ୍ଚକୋଷ ଗଭୀର ପ୍ରତିଭା ଓ ଅସୀମ ସୃଜନଶୀଳତାର ପ୍ରତିଫଳନ। ପାଠପଢ଼ା ସହିତ ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। କୁନିକୁନି ପିଲାଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବା ସହ ଭାରତୀୟ କଳା ସଂସ୍କୃତି ବିଷୟରେ ପରିଚୟ କରିବା ଏହାର ମୂଳଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହି ଉତ୍ସବ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ ଓ ସାଇ ଆଙ୍ଗନ୍‌ର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ସାଂସ୍କୃତିକ ଉତ୍ସବରେ ସାଇ ଆଙ୍ଗନ ପ୍ଲେ ଗ୍ରୁପ୍ ବର୍ଗରେ ସପ୍ତମଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି।

# ଅସୁସ୍ଥ ସୁକାନ୍ତିଙ୍କୁ ଦୋଳାରେ ବୋହିଲେ ୧୫ କି.ମି.

**ଆର୍.ଉଦୟଗିରି, ୫।୨ (ମନୋଜ କୁମାର ପାଢ଼ୀ)**

## ଗାଁକୁ ନାହିଁ ପକ୍କା ରାସ୍ତା

ଗାଁକୁ ଯିବା ପାଇଁ ପକ୍କା ରାସ୍ତା ନାହିଁ। ସବୁବେଳେ ଯାତାୟାତରେ ହଇରାଣ ହେଉଥିବା ଗ୍ରାମବାସୀ ଜରୁରୀ ସମୟରେ ରୋଗୀଙ୍କୁ ଦୋଳାରେ ଭାର କରି ଡାକ୍ତରଖାନା ନେଉଛନ୍ତି। ବୁଧବାର ସେପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲା ଆର୍ ଉଦୟଗିରି ବ୍ଲକ ଶିଆଳିଲଟି ପଞ୍ଚାୟତର ତଇଲ ଗ୍ରାମରେ। ଗାଁର ଯୁରିଆ ନାୟକଙ୍କ ସ୍ତ୍ରୀ ସୁକାନ୍ତି ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ବୁଧବାର ତାଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ପରିବାର ଓ ସମ୍ପର୍କୀୟ ଲୋକେ ଦୋଳାକରି ଦୀର୍ଘ ୧୫ କି.ମି. ବୋହି ମହେନ୍ଦ୍ରଗଡ ନେଇଥିଲେ। ସେଠାରୁ ସେମାନେ ତାଙ୍କୁ ଗାଡିରେ ଚନ୍ଦ୍ରଗିରି ଡାକ୍ତରଖାନା ନେଇଥିଲେ। ଗାଁକୁ ପକ୍କା ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବାରୁ ଆମକୁ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି କହିଛନ୍ତି ଗ୍ରାମବାସୀ। ସୂଚନାଯୋଗ୍ୟ, ତଇଲ ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରେନାହିଁ। ଗ୍ରାମର କେହି ଅସୁସ୍ଥ ହୋଇପଡିଲେ ଦୋଳାରେ ବୁହା ହୋଇ ଡାକ୍ତରଖାନା ଯାଇଥାନ୍ତି।



ଅସୁସ୍ଥ ସୁକାନ୍ତିଙ୍କୁ ଦୋଳାରେ ବୋହି ଡାକ୍ତରଖାନା ନିଆଯାଉଛି।

# 'ଓଡ଼ିଶା ଯାତ୍ରୀ': ମାସକରେ ୩୬୨୯୭ ଚାଳକ ପଞ୍ଜୀକୃତ

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

'ଘରକୁ ନିରାପଦରେ ଆସ' ଶୀର୍ଷକ ସଡ଼କ ସୁରକ୍ଷା ସଚେତନତା ମାସ ପାଳନ ଅବସରରେ 'ଓଡ଼ିଶା ଯାତ୍ରୀ' ଆପ୍‌ର ଶୁଭାରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୩୬୨୯୭ ଜଣ ଚାଳକ ଏଥିରେ ପଞ୍ଜୀକୃତ ହୋଇଥିବାବେଳେ ୧୨୧୨୪୨ଜଣ ଏହି ଆପ୍ ବ୍ୟବହାର କରୁଥିବା ସୂଚନା ଦିଆଯାଇଛି। ସୂଚନା ଥାଉକି, ଏହି ଆପ୍‌ରେ ରିଅଲ-ଟାଇମ୍ ଟ୍ରିପ୍ ଟ୍ରାକିଂ, ଲାଇଭ୍ ଟ୍ରିପ୍ ଶେୟାରିଂ ଏବଂ ଓଡ଼ିଶା ପୋଲିସ ୧୧୨ ହେଲ୍ପଲାଇନ ସହିତ ଏକ ସୁଦୃଢ଼ ଜରୁରୀକାଳୀନ ସହାୟତା ବ୍ୟବସ୍ଥା ଭଳି ଉନ୍ନତ ବୈଶିଷ୍ଟ୍ୟ ରହିଛି। ଡ୍ରାଇଭରମାନେ ସମ୍ପୂର୍ଣ୍ଣ ଯାଞ୍ଚ ଏବଂ ନିୟମିତ ସୁରକ୍ଷା ତାଲିମ ପାଆନ୍ତି, ଯାହା ଯାତ୍ରୀଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ ବିଶ୍ୱସ୍ତ ନେଟ୍‌ୱାର୍କ ସୃଷ୍ଟି କରେ। ଅନ୍ୟ ଆପ୍‌ରେ ପଞ୍ଜୀକୃତ ଚାଳକଙ୍କଠାରୁ କମିଶନ କଟାଯାଉଥିବାବେଳେ ଏହି ଆପ୍‌ରେ ପଞ୍ଜୀକୃତ ଚାଳକ ସେମାନଙ୍କର ୧୦୦ ପ୍ରତିଶତ ପ୍ରାପ୍ୟ ପାଇଥା'ନ୍ତି। ଆଗାମୀ ଦିନରେ ଓଡ଼ିଶା ଯାତ୍ରୀ ସାର୍ବଜନୀନ ପରିବହନ ନେଟ୍‌ୱାର୍କ, ଏଆଇ-ଚାଳିତ ସୁରକ୍ଷା ପ୍ରୋଟୋକଲ ଏବଂ ନିର୍ବିଘ୍ନ ପ୍ରଥମ ଏବଂ ଶେଷ-ମାଇଲ ସଂଯୋଗ ପାଇଁ ଉପକରଣ ସହିତ ଏହାର ଅଫରଗୁଡ଼ିକୁ ବିସ୍ତାର କରିବାକୁ ଯୋଜନା କରୁଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଷ୍ଟ୍ର ନିର୍ମାଣରେ ବୈଷୟିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ

## ବିପିୟୁଟିର ସମାବର୍ତ୍ତନ ଉତ୍ସବ

**ରାଉରକେଲା, ୫।୨(ଦିନେଶ ମିଶ୍ର)**




ବିପିୟୁଟିର ସମାବର୍ତ୍ତନ ଉତ୍ସବରେ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି)ର ୧୧ତମ ସମାବର୍ତ୍ତନ ସମାରୋହ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ରାଜ୍ୟପାଳ ତଥା ବିପିୟୁଟିର କୁଳାଧିପତି ଡ. ହରିବାବୁ କମ୍ଭମପାଟି ସମାରୋହରେ ଅଧ୍ୟକ୍ଷତା କରି ରାଷ୍ଟ୍ର ନିର୍ମାଣରେ ବୈଷୟିକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ଉତ୍ସବରେ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର ଇଲେକ୍ଟ୍ରୋନିକ ଓ ଯୋଗାଯୋଗ ପ୍ରଣାଳୀର ମହାନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏକ ଆତ୍ମନିର୍ଭରଶୀଳ ଓ ବୈଷୟିକ ଦୃଷ୍ଟିରୁ ଉନ୍ନତ ଭାରତ ଗଠନରେ ଦକ୍ଷତାକୁ ବ୍ୟବହାର କରିବାକୁ ଡ. ଦାସ ତାଙ୍କ ବକ୍ତବ୍ୟରେ ବିଦ୍ୟାର୍ଥୀମାନଙ୍କୁ କହିଥିଲେ। ରାଜ୍ୟପାଳ ତଥା କୁଳାଧିପତି ସ୍ନାତକମାନଙ୍କୁ ସେମାନଙ୍କ ବୃତ୍ତିଗତ ଯାତ୍ରାରେ ନବସୃଜନ ଓ ନୈତିକ ମୂଲ୍ୟବୋଧକୁ ଗ୍ରହଣ କରି ବିକଶିତ ଭାରତ ଗଠନ ଦିଗରେ ଯୋଗଦାନ ଦେବାକୁ ଆହ୍ୱାନ ଦେଇଥିଲେ। ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସାମ୍ପ୍ରତିକ ବର୍ଷଗୁଡିକରେ ବିଶ୍ୱବିଦ୍ୟାଳୟର ସଫଳତା ଓ ପଦକ୍ଷେପଗୁଡିକ ବର୍ଣ୍ଣନା କରିଥିଲେ। ସେ ଇ-ପରୀକ୍ଷାରେ ବିପିୟୁଟିର ଅଗ୍ରିମ ଭୂମିକା, ଜାତୀୟ ଶିକ୍ଷାନୀତି ୨୦୨୦ ସମସ୍ତ ପାଠ୍ୟକ୍ରମ ପ୍ରଚଳନ ଓ ଫଳାଫଳ ଆଧାରିତ ଶିକ୍ଷା, ପ୍ରକଳ୍ପ ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ଶିକ୍ଷା କ୍ଷେତ୍ରରେ ବିପିୟୁଟି ଟେକ୍ କାର୍ନିଭାଲ ଆୟୋଜନ କରିବା, ବିପିୟୁଟି ହାକ୍‌ଥନ୍ କରିବା, ଶିଳ୍ପ ଏକାଡେମୀ କନକ୍ଲେଭ ଭଳି ପଦକ୍ଷେପ ମାଧ୍ୟମରେ ଉଦ୍ୟୋଗୀତା ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପ୍ରୟାସ ବିଷୟରେ ମଧ୍ୟ ପ୍ରଫେସର ରଥ ଉଲ୍ଲେଖ କରିଥିଲେ। ଏହି ଅବସରରେ ଆରଏସ୍‌ପିର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ଶିଳ୍ପ ଓ ପ୍ରଯୁକ୍ତିବିଦ୍ୟା ବିକାଶରେ ତାଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରି ସମ୍ମାନଜନକ ଡକ୍ଟର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ୟୁଜି ଓ ପିଜି କାର୍ଯ୍ୟକ୍ରମ ପାଇଁ ୨୦୨୩-୨୪ ପର୍ଯ୍ୟନ୍ତ ୨୯୨୮୩ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ୧୯ ଜଣ ପାଉଥିଲେ। ବିଶେଷ ସ୍ୱର୍ଣ୍ଣ ପଦକ ୩ ଜଣଙ୍କୁ ପ୍ରଦାନ କରାଯାଇଥିଲା। ସେହିଭଳି ୬୬ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଡିଗ୍ରୀ ମଧ୍ୟ ପ୍ରଦାନ କରାଯିବା ସହ ଇଞ୍ଜିନିୟରିଂ ବିଭାଗରେ ୩୦ ଜଣ ବିଦ୍ୟାର୍ଥୀ ଓ ମ୍ୟାନେଜମେଣ୍ଟ ବିଭାଗରେ ୬ଜଣଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ୭ରେ ନିଯୁକ୍ତି ପାଇବେ ୨୭୩୫ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ

**ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)**

ଆସନ୍ତା ୭ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ନିଯୁକ୍ତି ମେଳା। ଏହି ମେଳାରେ ୨୭୩୫ ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଉଚ୍ଚତମ ନ୍ୟାୟାଳୟ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଏ ନେଇ ଓଏସ୍‌ଏସ୍‌ଏସ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜବାବ ଦାଖଲ କରାଯାଇଥିଲା। ବୁଧବାର ଉଚ୍ଚତମ ନ୍ୟାୟାଳୟ ମାମଲାର ଶୁଣାଣି କରି ଉକ୍ତ ନିଯୁକ୍ତି ଉପରେ ଲଗାଯାଇଥିବା ରହିତାଦେଶ ପ୍ରତ୍ୟାହାର କରିଛନ୍ତି। ଫଳରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ଉପରେ ଥିବା ପ୍ରତିବନ୍ଧକ ଦୂର ହୋଇଛି। ଏଥିସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି।

# ଡି.ଇଏଲ.ଇଡି. ପରୀକ୍ଷାଫଳ ପ୍ରକାଶିତ

**କଟକ,୫।୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଡି.ଇଏଲ୍.ଇଡି. ୨୦୨୪ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ପାସ୍ ହାର ୮୯.୪୮% ହୋଇଛି। ୫୭ ଜଣ ଏହି ପରୀକ୍ଷା ଦେଇଥିବାବେଳେ ୫୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। କେହି ପରୀକ୍ଷାର୍ଥୀ ପାଇଥିବା ମାର୍କରେ ଅସନ୍ତୁଷ୍ଟ ଥିଲେ ଚେକିଂ ପାଇଁ ଅଫ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବୋର୍ଡର ଜୋନ୍ ଅଫିସ୍‌ରେ ଏହି ଆବେଦନ କରିବାକୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ୬୦ଟି କେନ୍ଦ୍ରରେ ଏହି ପରୀକ୍ଷା ୨୦୨୪ ସେପ୍ଟେମ୍ବର ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ସେହିପରି ୬ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଥିଲା।

# ଜନବସତିକୁ ମାଡ଼ିଗଲା ମାଲବାହୀ ଟ୍ରେନ୍

## ୧୦ରୁ ଊର୍ଦ୍ଧ୍ୱ ଠେଲା, ରିକ୍ସା ଓ ଅଟୋ ଉପରେ ମାଡ଼ିଗଲା ୫ ବଗି

**ରାଉରକେଲା, ୫।୧(ସଙ୍ଗୀତା ଜେନା)**

ଦକ୍ଷିଣ-ପୂର୍ବ ରେଳପଥର ରାଉରକେଲା ଷ୍ଟେଶନ ନିକଟରେ ବୁଧବାର ସକାଳ ପ୍ରାୟ ୬ଟାରେ ଟ୍ରେନ ଦୁର୍ଘଟଣା ଘଟିଛି। ମାଲଗୋଦାମ ଏଫ୍‌ସିଆଇ ବସ୍ତି ନିକଟରେ ଏକ ମାଲବାହୀ ଟ୍ରେନ୍ ୟାର୍ଡ ଭିତରେ ପଛଉ ଥିବାବେଳେ ୟାର୍ଡ଼ ପାଚେରି ଭାଙ୍ଗି ୫ଟି ବଗି ଜନବସତି ମଧ୍ୟକୁ ପଶିଆସିଥିଲା। ମାଲବାହୀ ଟ୍ରେନ ନମ୍ବର ୬୧୪୦୮୧୦ର ବଗି ନମ୍ବର ୩୧୫, ୭୩୨, ୭୪୯, ୭୫୬, ୩୨୨ ଲାଇନଚ୍ୟୁତ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ କେହି ମୃତାହତ ହୋଇ ନ ଥିବା କୁହାଯାଇଥିବା ବେଳେ ବସ୍ତିରେ ରଖାଯାଇଥିବା ୧୦ରୁ ଊର୍ଦ୍ଧ୍ୱ ଠେଲା, ରିକ୍ସା, ଅଟୋ ଉପରେ ଉକ୍ତ ବଗିଗୁଡ଼ିକ ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ରେଳ କର୍ତ୍ତୃପକ୍ଷ ଓ ଟେକ୍ନିକାଲ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରାହ୍ନ ୩ଟାରେ ଦକ୍ଷିଣ-ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଅନିଲ ମିଶ୍ର, ଚକ୍ରଧରପୁର ଡିଭିଜନର ରେଳ ମ୍ୟାନେଜର (ଡିଆର୍‌ଏମ୍) ତରୁଣ ହୁରିଆ, ବଣ୍ଡାମୁଣ୍ଡା ଏଆର୍‌ଏମ୍ ସମୀର ସୌରଭ, ସିନିୟର ଡିସିଏମ୍ ଆଦିତ୍ୟ ଚୌଧୁରୀ, ଡିଭିଜନାଲ ଅପରେଶନ୍ ମ୍ୟାନେଜର ଅବିନାଶ କୁମାର, ମୁଖ୍ୟ ବାଣିଜ୍ୟିକ ନିରୀକ୍ଷକ ଅତୁଲ ଘୋଷଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି। ଉକ୍ତ ଘଟଣା ମୁଖ୍ୟ ଲାଇନରେ ଘଟି ନ ଥିଲେ ବି କିଛି ସମୟ ମୁଖ୍ୟ ଲାଇନରେ ରେଳ ଚଳାଚଳ ବ୍ୟାହତ ହୋଇଥିଲା। ଲୋକମାନେ ଶୋଇଥିବାବେଳେ ପ୍ରଚଣ୍ଡ ଶବ୍ଦ କରି ଟ୍ରେନ୍ ବଗିଗୁଡ଼ିକ ବସ୍ତି ମଧ୍ୟକୁ ଧସେଇ ପଶିଥିଲା। ବସ୍ତିବାସୀ ସମରପ୍ରିୟ ତନ୍ତୀଙ୍କ କହିବା ଅନୁସାରେ, ବସ୍ତି ସୁରକ୍ଷାକୁ ଆଦୌ ଦୃଷ୍ଟିକୁ ନିଆଯାଉନାହିଁ। କ୍ଷତିଭରଣା ପ୍ରଦାନ ସହ ଆଗାମୀ ଦିନରେ ଏପରି ତ୍ରୁଟି ନ ହେବା ପାଇଁ ପ୍ରତିଶ୍ରୁତି ଦିଅନ୍ତୁ ବୋଲି କହିଥିଲେ। ବସ୍ତିର ଅନ୍ୟମାନେ କ୍ଷତି ଭରଣା ଲାଗି ଦାବି କରିଛନ୍ତି।



ରାଉରକେଲା ନିକଟରେ ମାଲବାହୀ ଟ୍ରେନ୍ ଦୁର୍ଘଟଣା ସ୍ଥଳରେ ରେଳ ବିଭାଗ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

# ଦେଢ଼ କୋଟିରୁ ଅଧିକ ଲୋକ ଖାଇବେ କୃମିନାଶକ ଔଷଧ

## ୧୦ ତାରିଖରେ ଖାଇ ନ ଥିଲେ ୧୭ରେ ଦିଆଯିବ

**ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)**

ଓଡିଶାକୁ କୃମିମୁକ୍ତ କରିବାକୁ ପ୍ରୟାସ ଜାରି ରହିଛି। ମହିଳା ଓ ଶିଶୁଙ୍କ ଉନ୍ନତ ସ୍ୱାସ୍ଥ୍ୟ, ଠିକ ପୋଷଣ, ଉତ୍ତମ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଆସନ୍ତା ୧୦ ତାରିଖରେ ଜାତୀୟ କୃମିନାଶକ ଦିବସକୁ ବ୍ୟାପକ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଉକ୍ତଦିନ ୧ରୁ ୧୯ ବର୍ଷ ବୟସର ବାଳିକାବାଳକ ଓ ୨୦ରୁ ୨୪ ବର୍ଷର ପ୍ରଜନନକ୍ଷମ ମହିଳାଙ୍କୁ ମିଶାଇ ମୋଟ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ କୃମିନାଶକ (ଦ୍ରବଣ/ବଟିକା) ଔଷଧ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ନିକଟସ୍ଥ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀଙ୍କଠାରୁ ଔଷଧ ଖାଇବେ। ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ ଏହି ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଉକ୍ତ ଦିନ ତଥା ଏହି ମାସରେ ସରକାରୀ ଟିକାକରଣ କେନ୍ଦ୍ର ଓ ସ୍ୱତନ୍ତ୍ର ଭିଟ୍‌ଏନ୍‌ଡି ପ୍ରୋଗ୍ରାମରେ ୯ ମାସରୁ ୬୦ ମାସ ବୟସର ସମସ୍ତ ପିଲାଙ୍କୁ ବୟସ ମୁତାବକ ଉପଯୁକ୍ତ ମାତ୍ରାରେ 'ଭିଟାମିନ ଏ' ଦ୍ରବଣ ମଧ୍ୟ ଦିଆଯିବ। ଯେଉଁମାନେ ୧୦ ତାରିଖରେ ଔଷଧ ଖାଇପାରି ନ ଥିବେ ସେମାନଙ୍କୁ ୧୭ ତାରିଖରେ ପ୍ରଦାନ କରାଯିବ। ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ, କେନ୍ଦ୍ର ସରକାର ଏବଂ ବେସରକାରୀ ବିଦ୍ୟାଳୟ ସହିତ ଅଙ୍ଗନୱାଡ଼ି କେନ୍ଦ୍ର, ପ୍ଲେ ସ୍କୁଲ, ଚାଇଲ୍ଡ କେୟାର ଇନ୍‌ଷ୍ଟିଚ୍ୟୁଶନ ଓ ଶିକ୍ଷାଭିତ୍ତିକ ଅନୁଷ୍ଠାନରେ କୃମିନାଶକଦିବସପାଳନକରାଯିବ।



ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। – ଶ୍ରୀଅରବିନ୍ଦ



# ଶକ୍ତିର ମେଳା



ଦେବଦତ୍ତ ପଟ୍ଟନାୟକ

କୁମ୍ଭମେଳା ହିନ୍ଦୁଧର୍ମର ଏକ ବିଶେଷ ଦିଗକୁ ପ୍ରକାଶ କରେ, ଯାହା ସମ୍ପର୍କରେ ପ୍ରାୟତଃ ଆଲୋଚନା କରାଯାଏ ନାହିଁ। ଏହା କୌଣସି ମନ୍ଦିର, ଦେବତା, ଭକ୍ତି, ଗୀତ କଥା ନୁହେଁ, ଏହା ମୁଖ୍ୟତଃ ଏକ ରୀତିନୀତି, ଯେଉଁଥିରେ ଶରୀରରେ ବିଭୂତି ବୋଳି ଜଟା ଓ ଦଣ୍ଡି ଧାରଣ କରିଥିବା ଏବଂ ବିଭିନ୍ନ ଆଖଡ଼ା ଅଧୀନରେ ଥିବା ଶକ୍ତିଶାଳୀ ନଗ୍ନ ତପସ୍ୱୀ(ଦିଗାମ୍ବର)ଙ୍କ ପ୍ରାଧାନ୍ୟ ରହିଛି। ଏମାନେ ଶିବଙ୍କର ଉଗ୍ରରୂପର ଅନୁଗାମୀ। ଏହି ମେଳା ଏକ ଧର୍ମୀୟ ସମାବେଶ, ଯାହାର ଧ୍ୟାନ କିମ୍ବା ଚିନ୍ତନ ସହିତ କୌଣସି ସମ୍ପର୍କ ନାହିଁ। ଏଥିରେ ଏକ ନିର୍ଦ୍ଦିଷ୍ଟ ସମୟରେ, ଏକ ନିର୍ଦ୍ଦିଷ୍ଟ ନଦୀରେ, ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଓ ଠିକ୍ ସମୟରେ ବୁଡ଼ ପକାଯାଏ। ସନ୍ନ୍ୟାସୀମାନେ ସ୍ନାନ କରିବା ପରେ ଏହା ସମ୍ପନ୍ନ ହୋଇଥାଏ। ଆମେ ଯୁକ୍ତି ବାଢ଼ିପାରିବା ଯେ ଏଥିରେ ଶରୀର(ସଂସ୍କୃତରେ ତନ୍ତୁ) ଜଡ଼ିତ ଥିବାରୁ ଏହାର ତାନ୍ତ୍ରିକ ଆଧାର ରହିଛି।

ଭାରତର ଅନେକ ଭାଗରେ ଏହିଭଳି ଧର୍ମୀୟ ସମାବେଶ ଅନୁଷ୍ଠିତ ହେଉଛି, ଯେଉଁଥିରେ ଭସ୍ମଲେପିତ ସନ୍ନ୍ୟାସୀମାନେ ଦଳ ଦଳ ହୋଇ ଆସି ଏକାଠି ହୋଇଥାନ୍ତି। ସମ୍ଭବତଃ ଏହିସବୁ ତପସ୍ୱୀ ବା ଯୋଗୀମାନେ ପୂର୍ବରେ ତରାଇ ଅଞ୍ଚଳରେ ସୃଷ୍ଟି ହୋଇଥିଲେ ଏବଂ ଖ୍ରୀଷ୍ଟପୂର୍ବ ୧୦୦୦ରେ ପଶ୍ଚିମ ପଞ୍ଜାବ ଅଞ୍ଚଳରୁ ଆସିଥିବା ବୈଦିକ ବ୍ୟବସ୍ଥାକୁ ସେମାନେ ବିରୋଧ କରିଥିଲେ। ସେମାନଙ୍କ ମଧ୍ୟରେ ଗଙ୍ଗାଦ୍ୱାର(ଏବକାର ହରିଦ୍ୱାର)ରେ ସଂଘର୍ଷ ଘଟିଥିଲା ଏବଂ ଏହି ଘଟଣାଟି ଇତିହାସରେ ଲିପିବଦ୍ଧ ରହିଛି। ପ୍ରଥମେ ଏହା ମହାଭାରତରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ ତପସ୍ୱୀ ଶିବ ବ୍ରାହ୍ମଣ କୁଳପତି ଦକ୍ଷଙ୍କ ମୁଣ୍ଡ କାଟି ଦେଇଥିଲେ ବୋଲି ବର୍ଣ୍ଣନା କରାଯାଇଛି। ସେବେଠାରୁ ଏହିସବୁ ତପସ୍ୱୀ(ସେମାନଙ୍କ ମଧ୍ୟରୁ କେତେକେ ଖପୁରି ଧାରଣ କରିଥାନ୍ତି) ପଶୁପତ, କପାଳିକା, କଳାମୁଖ ନାମରେ ପରିଚିତ। ସେମାନେ ସମୟକ୍ରମେ ପରିବର୍ତ୍ତନ ହୋଇଛନ୍ତି ଏବଂ ଶାନ୍ତ ହୋଇ ପରେ ନାଥଧର୍ମ, ବୈଷ୍ଣବ ଧର୍ମ ଏପରି କି ଶିଖ୍ ଧର୍ମର ବିଚାର ଦ୍ୱାରା ପ୍ରଭାବିତ ହୋଇଥିଲେ। ଏବେ ସେମାନଙ୍କୁ ନାଗା କୁହାଯାଉଛି। ଏଣେତେଣେ ଭ୍ରମଣ କରୁଥିବା ଯୋଗୀଙ୍କର କ୍ୟାଲେଣ୍ଡର ବା ପଞ୍ଜାଙ୍ଗ ରାଶିଚକ୍ର ମାଧ୍ୟମରେ ଚନ୍ଦ୍ର (ପ୍ରତି ମାସରେ), ସୂର୍ଯ୍ୟ(ପ୍ରତିବର୍ଷ) ଏବଂ ବୃହସ୍ପତି (ପ୍ରତି ୧୨ ବର୍ଷ) ଚଳନ ଦ୍ୱାରା ନିର୍ଦ୍ଧାରିତ ହେଉଥିଲା। ଯେତେବେଳେ ବୃହସ୍ପତି କୁମ୍ଭ ଏବଂ ସିଂହରେ ଏକାଠି ରହୁଥିଲେ ସେତେବେଳେ ହରିଦ୍ୱାରରେ ଏହାକୁ କୁମ୍ଭ ଓ ନାସିକରେ ସିଂହସ୍ଥା କୁହାଯାଉଥିଲା। ପରେ ସମସ୍ତ ସମାବେଶକୁ କୁମ୍ଭ କୁହାଗଲା ଏବଂ ଭାରତରେ ବ୍ରିଟିଶ ଶାସନରେ ବିପଦରେ ଥିବା ହିନ୍ଦୁ ପରିଚୟକୁ ନିଶ୍ଚିତ କରିବା ଲାଗି ୧୮୫୭ ପରେ ବୁଝିବିଚାରି ଏହାକୁ 'ଅମରତ୍ୱର ଅମୃତ' ବୋଲି ଦର୍ଶାଯାଇଥିଲା।

ଆଖଡ଼ାଗୁଡ଼ିକ ଆଦି ଶଙ୍କରାଚାର୍ଯ୍ୟଠାରୁ ସୃଷ୍ଟି ବୋଲି ଦର୍ଶାଇଥାନ୍ତି। ଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀରେ ବେଦାନ୍ତକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ସେ ବୌଦ୍ଧଧର୍ମକୁ ବିରୋଧ କରିଥିଲେ। ବହୁ ପରେ ତ୍ରୟୋଦଶ ଶତାବ୍ଦୀରେ ବିଜୟନଗର ସାମ୍ରାଜ୍ୟର ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଆଦିଶଙ୍କରଙ୍କ ଭ୍ରମଣ, ବିରୋଧର କାହାଣୀ ଏବଂ ବିତର୍କଗୁଡ଼ିକ ସଂହିତା ଭାବେ ଲିପିବଦ୍ଧ କରାଯାଇଥିଲା। ବିଜୟନଗର ସମ୍ରାଟ କେନ୍ଦ୍ର ଏସିଆରୁ ଭାରତକୁ ଆସିଥିବା ତୁର୍କମାନଙ୍କ ଦ୍ୱାରା ହିନ୍ଦୁଧର୍ମ ବିପଦରେ ଥିବା ଅନୁଭବ କରିଥିଲେ। ଏହା ପୂର୍ବରୁ କେନ୍ଦ୍ର ଏସିଆରୁ ହୁଣ, ଶକ ଏବଂ କୁଶାଣମାନେ କେବଳ କ୍ଷମତା ଓ ଧନ ପାଇଁ ଭାରତକୁ ଆସି ନ ଥିଲେ, ବରଂ ସ୍ଥାନୀୟ ସଂସ୍କୃତିକୁ ପରିବର୍ତ୍ତନ କରିବା ଲାଗି ସେମାନେ ଚାହୁଁଥିଲେ। ମୂର୍ତ୍ତି ପୂଜାକୁ ଅସ୍ୱୀକାର କରି ନିରାକାର ଈଶ୍ୱରଙ୍କ ସହ ଜଡ଼ିତ 'ତୁରୁକୁ ଧର୍ମ' ପ୍ରଚଳନ କରିଥିଲେ। ଗୋଟିଏ କମ୍ୟୁନିଟି ହଲ୍‌ରେ ଏକାଠି ପଶ୍ଚିମମୁଖୀ ହୋଇ ପୂଜା କରିବାର ଏକ କଠୋର ପଦ୍ଧତି ଆଣିଥିଲେ, ଯେଉଁଥିରେ କୌଣସି ଜାତି ବିଚାର ନ ଥିଲା। ଆମେ ବର୍ତ୍ତମାନ ତୁରୁକୁ ଧର୍ମକୁ ଇସ୍‌ଲାମ ଭାବେ ସୂଚିତ କରୁଛୁ।

ହିନ୍ଦୁ ଧର୍ମର ଯୋଦ୍ଧା ତପସ୍ୱୀ ପରମ୍ପରା ଯଦିଓ ପୁରାତନ, ତଥାପି ଏହା ଇସ୍‌ଲାମ ଶକ୍ତି ଉତ୍‌ଥାନର ପ୍ରତିକ୍ରିୟାରେ ୧୫୦୦ ଖ୍ରୀଷ୍ଟାବ୍ଦ ପରେ ସାମ୍ନାକୁ ଆସିଥିଲା। ଆଧ୍ୟାତ୍ମିକ ସଙ୍ଗୀତକୁ ଆଧାର କରିଥିବା ସୁଫି ଓ ଆଧ୍ୟାତ୍ମିକ ସଙ୍ଗୀତପ୍ରେମୀ ସନ୍ନ୍ୟାସୀମାନେ ପ୍ରାୟ ସମାନ ଥିଲେ। ଯୁଦ୍ଧପ୍ରିୟ ଘାଜିମାନେ ଆକ୍ରମକ ନାଗାଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ନାଗାମାନେ ଓଟ ଦ୍ୱାରା ବାଣିଜ୍ୟକୁ ସୁରକ୍ଷିତ ରଖୁଥିଲେ ଏବଂ ଏହା ବଦଳରେ ସେମାନେ ରାଜା ଓ ବଣିକଙ୍କ ସହାୟତା ପାଇଥିଲେ। ଏହା ବିଶେଷକରି ଗଙ୍ଗା ନଦୀ ଅବବାହିକା (ହରିଦ୍ୱାର, ବାରାଣସୀ, ପ୍ରୟାଗରାଜ, ଉଜ୍ଜୟିନୀ) ଏବଂ ଗୋଦାବରୀର ଉପର ଅବବାହିକା (ନାସିକ)ରେ ଘଟିଥିଲା।



ଅଷ୍ଟାଦଶ ଶତାବ୍ଦୀରେ ଏଗୁଡ଼ିକ ଦୁର୍ବଳ ମୋଗଲ ଓ ବିକଶିତ ମରାଠାଙ୍କ ପ୍ରତିଯୋଗିତାର କ୍ଷେତ୍ର ପାଲଟିଥିଲା। ଶାହି ଏବଂ ପେଶୱାଇ ଶବ୍ଦ ପର୍ସିଆନ (ଇରାନୀୟ) ଓ ମରାଠାଙ୍କ ପ୍ରଭାବକୁ ପ୍ରତିପାଦିତ କରେ। ତେବେ ଏହି ସଂସ୍କୃତି ଦକ୍ଷିଣରେ ଅଧିକ ସ୍ପଷ୍ଟ ନୁହେଁ।

ଜଣେ ତପସ୍ୱୀ ବା ଯୋଗୀଙ୍କ ପାଇଁ ସଂଯମତା ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନ ମୁଖ୍ୟ ବିଷୟ। କିନ୍ତୁ ଏବେ ତାହାର ଗୁରୁତ୍ୱ କମିଯାଉଥିବା ଜଣାପଡୁଛି। ବୌଦ୍ଧ ଓ ଜୈନ ସନ୍ନ୍ୟାସୀଙ୍କ ନୀତିଶିକ୍ଷା ଅନୁଯାୟୀ ଏହା କେବଳ ସାଂସାରିକ ଜୀବନରୁ ସନ୍ନ୍ୟାସ ନେବାକୁ ବୁଝାଏ ନାହିଁ। ଏହା ସିଦ୍ଧି ବା ଶକ୍ତିପ୍ରାପ୍ତିର ମୂଳମନ୍ତ୍ର। ଆଧ୍ୟାତ୍ମିକ ସାଧନା ଦ୍ୱାରା ବୀର୍ଯ୍ୟକୁ ଧାରଣ କରିବା ବା ବ୍ରହ୍ମଚର୍ଯ୍ୟ ପାଳନ କରିବା ଦ୍ୱାରା ଏହି ଶକ୍ତି ହାସଲ ହୋଇଥାଏ। ମନ ଓ ମନ୍ତ୍ରର ଶକ୍ତିକୁ ବ୍ୟବହାର କରି ବୀର୍ଯ୍ୟକୁ ମେରୁଦଣ୍ଡ ମଧ୍ୟଦେଇ ମସ୍ତିଷ୍କରେ ପହଞ୍ଚାଇ ବିକଶିତ କରିବାକୁ ପଡ଼େ। କେବଳ ପୁରୁଷଙ୍କ ଦ୍ୱାରା ଏହା ସମ୍ଭବ ହୋଇଥାଏ। ଏହା ତପସ୍ୱୀଙ୍କୁ ଅଲୌକିକ ଶକ୍ତିର ଅଧିକାରୀ କରିଥିଲା, ଯାହାଦ୍ୱାରା ସେମାନେ ପାଣିରେ ଚାଲିପାରୁଥିଲେ, ପବନରେ ଉଡ଼ିପାରୁଥିଲେ, ହିଂସ୍ର ଜନ୍ତୁଙ୍କ ମଧ୍ୟରେ ବିଚରଣ କରିପାରୁଥିଲେ ଏବଂ ଆକାର ବଦଳାଇ ପାରୁଥିଲେ। କେବଳ ଏତିକି ନୁହେଁ ସେମାନେ ମଣିଷର ମନକୁ ନିୟନ୍ତ୍ରଣ ବି କରିପାରୁଥିଲେ। ସେମାନେ ଥିଲେ ବାସ୍ତବରେ ଅଲୌକିକ କୌଶଳ ଓ ଜ୍ଞାନର ଅଧିକାରୀ। ଏହିସବୁ ରୀତିନୀତି ମୁଖ୍ୟତଃ ହିମାଳୟ ଅଞ୍ଚଳର ତାନ୍ତ୍ରିକ ବୌଦ୍ଧକଳାରେ ଚିତ୍ରିତ ହୋଇଛି। ଏଣୁ ଯୋଦ୍ଧା ତପସ୍ୱୀମାନେ ବଡ଼ ଶକ୍ତି ଧାରଣ କରିଥିବା ଦେଖାଯାଇଥିଲା ଏବଂ ରାଜାମାନେ ସେମାନଙ୍କୁ ଭଲପାଉଥିଲେ ଓ ସାମରିକ କ୍ଷମତା ବୃଦ୍ଧି କରିବା ସକାଶେ ବ୍ୟବହାର କରୁଥିଲେ।

ଏହିସବୁ ମଧ୍ୟଯୁଗୀୟ ବିଚାର ଆଦି ଶଙ୍କରାଚାର୍ଯ୍ୟଙ୍କ ସମୟରୁ ଲୋକପ୍ରିୟ ଥିଲା। କିନ୍ତୁ ଏବେ ଏହାକୁ ଅଣଦେଖା କରାଯାଉଛି, ଏପରି କି ଭୁଲିଗଲେଣି। ସ୍ମରଣଯୋଗ୍ୟ ଯେ, ଯୋଦ୍ଧା ତପସ୍ୱୀଙ୍କ ଶକ୍ତି ସେମାନଙ୍କ ବୀର୍ଯ୍ୟରେ ରହିଛି। ଏହା ସେମାନଙ୍କ ଅଙ୍ଗରେ ଲେପିତ ସ୍ୱତନ୍ତ୍ର ଗୋବର ଭସ୍ମ ଦ୍ୱାରା ଅବଶୋଷିତ ହୋଇଛି, ଯାହା ଶାହି ସ୍ନାନ ସମୟରେ ଧୋଇଯାଏ। ଏହା ଜଳକୁ ଅମୃତ ତୁଲ୍ୟ ସ୍ୱତନ୍ତ୍ର କରିଦିଏ, ଯାହା ଜଣଙ୍କର ସ୍ୱାସ୍ଥ୍ୟ ଓ ଭାଗ୍ୟ ବଦଳାଇବାରେ ସକ୍ଷମ ହୋଇଥାଏ। ଏହାର ଶକ୍ତି ପ୍ରଭାବ ଗ୍ରହ ଓ ନକ୍ଷତ୍ରର ଠିକ୍ ସଂଯୋଗ ଦ୍ୱାରା ଏବଂ ତ୍ରିବେଣୀ ସଙ୍ଗମ(ସ୍ୱର୍ଗରୁ ଆସିଥିବା ଗଙ୍ଗା, ପୃଥିବୀ ବା ମର୍ତ୍ତ୍ୟର ଯମୁନା ଏବଂ ପାତାଳରୁ ଆସିଥିବା ସରସ୍ୱତୀ ନଦୀର ମିଳନ ସ୍ଥଳ)ରେ ବୃଦ୍ଧି ପାଇଥାଏ। କୁମ୍ଭ ମେଳା ବିଶେଷକରି ପୁରୁଷ, ସନ୍ନ୍ୟାସୀ, ରୀତିନୀତି, ଅଲୌକିକତା, ସାମରିକ ଏବଂ ରାଜକୀୟଭିତ୍ତିକ। ଏହା ହେଉଛି ହିନ୍ଦୁ ଶକ୍ତି ପ୍ରଦର୍ଶନର ସମାବେଶ। ଏହା ପାହାଡ଼ର ଶକ୍ତିଶାଳୀ ଭୈରବ, ଜଙ୍ଗଲର ଶକ୍ତିଶାଳୀ ହନୁମାନ ଏବଂ ସମତଳ ଅଞ୍ଚଳର ଶକ୍ତିଶାଳୀ ଦତ୍ତାତ୍ରେୟଙ୍କୁ ପ୍ରତିପାଦିତ କରେ। ଏହାକୁ ଆମେ ବୈଦିକ ଶବ୍ଦ ଆତ୍ମା, ମୋକ୍ଷ ଓ ଧର୍ମ ସହ ବିଚାର କରିପାରିବା, କିନ୍ତୁ ଏହା ମୁଖ୍ୟତଃ ସିଦ୍ଧି ଓ ଶକ୍ତିର ସମାବେଶ ବା ମେଳା ବୋଲି ତନ୍ତ୍ର ଶାସ୍ତ୍ରଗୁଡ଼ିକ ସ୍ପଷ୍ଟ କରିଛି।

–devduttofficial@gmail.com

# ଟ୍ରାଫିକ୍ ଜାମ୍



ଅଞ୍ଜନ ଚାନ୍ଦ

ସହରରେ ଏଇ ପଡ଼ିଆଟି କେବଳ ଏବେଯାଏ ନିରାପଦ ଅଛି। ମେଳା, ମହୋତ୍ସବ, କେବେକେବେ ଯାତ୍ରା କି ସର୍କସ ପଡ଼ିଲେ ଲୋକଙ୍କ ଭିଡ଼ ଜମୁଛି। ଶୀତଋତୁ ଉତ୍ସବର ଋତୁ। ଏ ସମୟରେ ଗାଁରୁ ସହର ସବୁଠି ମହୋତ୍ସବ ହୁଏ। ନାଁ ଅଲଗା। ରୂପ ସମାନ। ହରେକ ରକମର ଦୋକାନ ସହ ପେଣ୍ଡାଲରେ ଗୀତନାଚ, ନେତାଙ୍କ ଭାଷଣ। ପରଦିନ ଖବରକାଗଜରେ ଫଟୋ ସହ ଖବର ପ୍ରକାଶପାଏ। ସଭାସଦ୍‌ମାନଙ୍କ ଜୀବନ ଧନ୍ୟ ହୁଏ।

ପଡ଼ିଆରେ ଉତ୍ସବ ଚାଲିଥିବା ସମୟରେ ଯାତ୍ରୀଙ୍କ ସୁବିଧା ପାଇଁ ସାମ୍ନାରେ ଥିବା ରାସ୍ତାର ଗୋଟିଏ ପଟକୁ ଅବରୋଧ କରାଯାଏ। ପୋଲିସ ଲାଠିଧରି ଜଗିରହନ୍ତି , ଗାଡ଼ି ମୋଟର ପଶିବାକୁ ଦିଅନ୍ତିନାହିଁ। ଅନ୍ୟପଟରେ ଦୁଇଦିଗରୁ ଗାଡ଼ିଗୁଡ଼ିକ ଯିବାଆସିବା କରେ। ସୁତରାଂ ସଞ୍ଜ ହେବା ମାତ୍ରେ ସେଠାରେ ଟ୍ରାଫିକ୍ ଜାମ୍। ସହରୀ ଲୋକମାନେ ଡ୍ୟୁଟି ସାରି ଘରକୁ ଫେରନ୍ତି। ଗାଁର ଲୋକେ ସହର କାମ ତୁଲାଇ ଗାଁକୁ ଯାଆନ୍ତି। ଲାଇନ ବସ୍‌ଗୁଡ଼ିକ ବି ସେ ରାସ୍ତାରେ ଯିବା ଆସିବା କରେ। ସମସ୍ତେ ବ୍ୟସ୍ତ , ନିଜେ କେମିତି ଆଗକୁ ମାଡ଼ିଯିବେ ସେଇ ଚିନ୍ତାରେ ତତ୍ପର। ଟ୍ରାଫିକ୍ ପୋଲିସଙ୍କ ନିୟମ ଭାଙ୍ଗି ହଠାତ୍ ଦୁଇଦଳ ଗାଡ଼ି ଦୁଇପଟରୁ ମାଡ଼ି ଆସେ ଏବଂ ପରସ୍ପର ଖୁନ୍ଦାଖୁନ୍ଦି ହୋଇ କେହି ଆଗକୁ ଯାଇପାରନ୍ତି ନାହିଁ। ସେତେବେଳେ ଆଉ କିଛି କରିବାକୁ ନ ପାଇ ବ୍ୟସ୍ତ ଚାଳକମାନେ କେବଳ ହର୍ନ ବଜାଇ ସେ ଅଞ୍ଚଳକୁ ଶବ୍ଦ ପ୍ରଦୂଷିତ କରନ୍ତି , ନ ହେଲେ ନିଜ ଆଗରେ କି ପଛରେ ଥିବା ଗାଡ଼ିଚାଳକ ସହ ଅଯଥା ଗଣ୍ଡଗୋଳରେ ମାତିଯାଆନ୍ତି।

ଅନ୍ୟ ସମୟରେ ଖଟି କରିବା, ସୋସିଆଲ ମିଡିଆରେ କେଉଁ ନୀଳନୟନୀକୁ ଭାଇରାଲ କରିବାକୁ ଯଥେଷ୍ଟ ସମୟ ପାଉଥିବା ଲୋକମାନେ ରାସ୍ତାରେ ଗାଡ଼ି ଚଳାଇବା ସମୟରେ କାହିଁକି ଯେ ଏତେ ବ୍ୟସ୍ତ ହୁଅନ୍ତି ସେକଥା ବୁଝିହୁଏନାହିଁ। ମୋବାଇଲରେ ଫୋନ ଆସିଲେ ଗାଡ଼ି ସାଇଡ୍‌ରେ ରଖି ଶାନ୍ତିରେ କଥା ହେବାକୁ ସେମାନଙ୍କୁ ଫୁରସତ ନ ଥାଏ। ସମାନ ସ୍ପିଡ୍‌ରେ ଗୋଟେ ହାତରେ ହ୍ୟାଣ୍ଡେଲ ଧରି ଅନ୍ୟ ହାତରେ ପକେଟରୁ ଫୋନ୍ ବାହାରକରି ରିସିଭ କରନ୍ତି। ଆଖି ରାସ୍ତା ଉପରେ ଥିଲେ ବି ମନ କଥାରେ ଥାଏ। ଏମିତି ଅବସ୍ଥାରେ ଦୁର୍ଘଟଣା ଘଟିବା ସ୍ୱାଭାବିକ। ଅନେକ ସମୟରେ ତାହାହିଁ ହୁଏ। କେତେବେଳେ କାହାର ଜୀବନ ବି ଯାଏ। ପରଦିନ ଖବରକାଗଜରେ ଖବର ବାହାରେ। ତାହା ପଢ଼ି ମଧ୍ୟ ଅନ୍ୟମାନେ ସୁଧୁରନ୍ତି ନାହିଁ। ନିଜକୁ ଅମର ମନେକରନ୍ତି। ନିଜର ମୃତ୍ୟୁ ପ୍ରତି ମଣିଷ ସତରେ କେତେ ଅଚେତନ। ମହାଭାରତରେ ଯୁଧିଷ୍ଠିର ଯକ୍ଷ ସମ୍ବାଦରେ ଯୁଧିଷ୍ଠିର ଯକ୍ଷଙ୍କୁ କହିଥିଲେ – ଏହି ମର୍ତ୍ତ୍ୟପୁରରେ ପ୍ରତିଦିନ ପ୍ରାଣୀମାନେ ଯମପୁରକୁ ଯାଉଛନ୍ତି। ତାହା ଦେଖି ମଧ୍ୟ ଅବଶିଷ୍ଟମାନେ ଚିରଦିନ ବଞ୍ଚିରହିବାକୁ ଇଚ୍ଛା କରୁଛନ୍ତି, ଏହା ହିଁ ସଂସାରରେ ସବୁଠାରୁ ଆଶ୍ଚର୍ଯ୍ୟକର ବିଷୟ।

ଟ୍ରାଫିକ୍ ପୋଷ୍ଟରେ ତିନୋଟି ଆଲୋକ ଜଳେ। ନାଲି ଆଲୋକରେ ଗାଡ଼ି ବନ୍ଦ ହେବ, ସବୁଜ ଆଲୋକରେ ଚାଲିବ, ମଝିରେ ହଳଦିଆ ଆଲୋକର ଅର୍ଥ କ'ଣ ? ଏହା ଦୁଇ ଦିଗରେ ଏକ ସମୟରେ ଜଳେ। ଯେଉଁ ଦିଗରେ ସବୁଜ ଆଲୋକ ଜଳୁଥିଲା ସେପଟେ ହଳଦିଆ ଜଳିଲେ ବୁଝାଯାଏ ଯଦି ଛକର ସୀମା ଭିତରକୁ ଆସିନାହଁ ତା'ହେଲେ ରହିଯାଅ। ଯେଉଁ ଦିଗରେ ନାଲି ଜଳୁଥିଲା ସେପଟେ ହଳଦିଆ ଆଲୋକ ଜଳିଲେ ବୁଝାଯାଏ ଏବେ ଯିବା ପାଇଁ ପ୍ରସ୍ତୁତ ହୁଅ। ଅଥଚ ଉଭୟ ପଟର ଗାଡ଼ିଚାଳକ ହଳଦିଆ ଆଲୋକରୁ କେବଳ ଆଗକୁ ଯିବା ଅର୍ଥକୁ ହିଁ ବୁଝନ୍ତି। ସୁତରାଂ ଏକ ସମୟରେ ଉଭୟ ଗାଡ଼ି ଆଗକୁମାଡ଼ିଆସେ। ଆମ ସହରର ଟ୍ରାଫିକ୍‌ଛକରେ ଏଇ ହଳଦିଆ ଆଲୋକ ଦୁର୍ଘଟଣା ପ୍ରାୟତଃ ଘଟେ। ଦୁର୍ଘଟଣା ଘଟିବା ପରେ ହିଁ ଡ୍ୟୁଟିରେ ଥିବା ଟ୍ରାଫିକ୍ ପୋଲିସ ମାଡ଼ି ଆସନ୍ତି। ଦୁଇ ଗାଡ଼ି ଓ ଚାଳକଙ୍କୁ ଥାନାକୁ ଟାଣିନିଅନ୍ତି।

ସମସ୍ତେ କୁହନ୍ତି, ଅନ୍ୟମନସ୍କ ହେଲେ ଦୁର୍ଘଟଣା ଘଟେ। ବସ୍ତୁତଃ ଏବେ ନିଜ ମନସ୍କତା ହିଁ ବହୁ ଦୁର୍ଘଟଣାର କାରଣ। ରାସ୍ତାଟି କେବଳ ମୋ ପାଇଁ ରହିଛି , ଯେମିତି ହେଉ ମୁଁ ମୋର ଆଗକୁ ମାଡ଼ିଯିବି। ସେଥିପାଇଁ ଅନ୍ୟ କିଏ ଅସୁବିଧାରେ ପଡୁ ମୋର କିଛି ଯାଏ ଆସେ ନାହିଁ। ମୋ ଗାଡ଼ିକୁ ମୁଁ ବିଜୁଳି ବେଗରେ ଚଳାଇବି। ସାଇଲେନ୍ସର ପାଇପରେ ବନ୍ଧୁକ ଫୁଟାଇବି। ଏମିତି ହେଡ୍‌ଲାଇଟ ଜଳାଇବି ଯେ ଆଗରୁ ଆସୁଥିବା ଗାଡ଼ିଚାଳକଙ୍କ ଆଖି ଜଳକା ମାରିଯିବ। ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଉଥିବା ଲୋକ ନିଜ ପାଇଁ ବିପଦ ଡାକିଆଣନ୍ତି। ଏମାନେ କିନ୍ତୁ ଅନ୍ୟମାନଙ୍କ ପାଇଁ ବିପଜ୍ଜନକ। ଅଥଚ ନିରଙ୍କୁଶ ଭାବରେ ସେମାନେ ତାହା କରିଚାଲନ୍ତି ଓ ଦୁର୍ଘଟଣାର କାରଣ ହୁଅନ୍ତି। ରାସ୍ତା ଅବରୋଧ ଏଠାରେ ଏକ ସାଧାରଣ କଥା। ସରକାରୀ, ବେସରକାରୀ ବିଭିନ୍ନ ବିଜ୍ଞାପନର ସ୍ତମ୍ଭ ରାସ୍ତା ଉପରେ ବସେ। ପୂଜା ସମୟରେ ତୋରଣଗୁଡ଼ିକ ରାସ୍ତା ଉପରକୁ ମାଡ଼ିଆସେ। ପଥପ୍ରାନ୍ତ ଦୋକାନୀମାନେ ସେମାନଙ୍କ ଦୋକାନକୁ ଆଗକୁ ମେଲିଦିଅନ୍ତି। ଗ୍ରାହକମାନେ ରାସ୍ତାରେ ଗାଡ଼ି ରଖି ଜିନିଷ କିଣନ୍ତି। ଗପସପ କରନ୍ତି। ସଙ୍କୁଚିତ ରାସ୍ତାରେ ଘଟୁଥିବା ସମସ୍ୟା ପ୍ରତି କାହାର ଦୃଷ୍ଟି ନ ଥାଏ। ନିଜର ସୁବିଧା ପାଇଁ ସାର୍ବଜନୀନ ଅସୁବିଧା ଘଟୁଥାଏ। ଏହାର ନିରାକରଣ ପାଇଁ ପ୍ରଶାସନର ମଧ୍ୟ କୌଣସି ପ୍ରକ୍ରିୟା ଦେଖିବାକୁ ମିଳେନାହିଁ। ବଡ଼ ବଡ଼ ସହରରେ ରାସ୍ତା ଗହଳି ଖୁବ୍ ସାଧାରଣ କଥା। ରାସ୍ତା ପ୍ରଶସ୍ତ ହେଲେ ଏହି ସମସ୍ୟା ରହିବନାହିଁ। ବାସ୍ତବରେ କିନ୍ତୁ ମନେହୁଏ ଆମର ଯଥାହୀନ ବ୍ୟସ୍ତତା ଓ ଅହଂକାରୀ ଅଜ୍ଞତା ହିଁ ଟ୍ରାଫିକ୍ ଜାମ୍‌ର ପ୍ରମୁଖ କାରଣ।

ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

# ଏଇ ଭାରତରେ

ପ୍ରାଣୀ ଚମଡ଼ାର ବିକଳ୍ପ ଭାବେ ଏବେ ଜୈବ ଚମଡ଼ା (ବାୟୋ ଲେଦର) ବ୍ୟବହାର କରିପାରିବେ। ୨୬ ବର୍ଷ ବୟସ୍କ ପ୍ରୀତିଶ ମିସ୍ତ୍ରି ଦି ବାୟୋ କମ୍ପାନୀ (ଟିବିସି) ପ୍ରତିଷ୍ଠା କରି ତା' ମାଧ୍ୟରେ ଏଭଳି ଲେଦର ପ୍ରସ୍ତୁତ କରୁଛନ୍ତି। ବିଶେଷକରି ଟମାଟୋ ବର୍ଜ୍ୟରୁ ଏହା ତିଆରି କରାଯାଉଛି। ଟମାଟୋରେ ପ୍ରାକୃତିକ ପଲିମର ପେପ୍‌ଟିନ ରହିଥିବାରୁ ରାସାୟନିକ ପ୍ରକ୍ରିୟାକରଣ ସାହାଯ୍ୟରେ ଚମଡ଼ା ତିଆରି କରାଯାଉଛି। ଏହି ବାୟୋ ଲେଦର ନରମ ଓ ଟାଣ ହେଉଛି। ଭାରତରେ ବର୍ଷକୁ ୪୪ ମିଲିୟନ ଟନ୍ ଟମାଟୋ ଉତ୍ପାଦନ ହେଉଛି ଓ ଏହାର ୩୦–୩୫ ପ୍ରତିଶତ ବର୍ଜ୍ୟ ଭାବେ ନଷ୍ଟ ହୋଇଯାଉଛି। ଯଦି ଏହାକୁ ଜୈବ ଚମଡ଼ା ପ୍ରସ୍ତୁତିରେ ବ୍ୟବହାର କରାଯାଇପାରନ୍ତା, ତେବେ ବହୁ ସଂଖ୍ୟାରେ ଜୀବ ହତ୍ୟା ହ୍ରାସ ପାଇପାରନ୍ତା ବୋଲି କୁହନ୍ତି ପ୍ରୀତିଶ। ସେ ଥାଡୋମଲ ଶାହାଣି ଇଞ୍ଜିନିୟରିଂ କଲେଜରୁ ବାୟୋଟେକ୍ନୋଲୋଜିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପଢ଼ିବା ସମୟରୁ ସେ ଏଭଳି ଚମଡ଼ା ତିଆରି ଉପରେ ଗବେଷଣା କରିବା ପରେ ୨୦୧୯ରେ ସଫଳତା ପାଇଥିଲେ। ଏବେ ଉତ୍ପାଦ ପାଇଁ ସେ ଟମାଟୋ ବର୍ଜ୍ୟ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ଥିବା ଫାର୍ମ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟରୁ ସଂଗ୍ରହ କରୁଛନ୍ତି। ସୁରଟସ୍ଥିତ କମ୍ପାନୀରୁ ପ୍ରତି ମାସରେ ପାଖାପାଖି ୫,୦୦୦ ମିଟର ବାୟୋ ଲେଦର ତିଆରି ହେଉଛି।

## ଚିରନ୍ତନୀ

ଚକିତ ହରିଣୀ–ନୟନ ଚାହିଁଛି
 ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
 ମୋହରି ବିରହ ପ୍ରାସେ।

(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 2 | | | 9 | | 8 | | 5 | |
| | | | | 1 | | | 4 | |
| 1 | 9 | | 5 | 2 | | 3 | | |
| | | | | | 4 | | | |
| | 5 | | | | | | | 8 |
| 3 | 8 | | | | | | | 7 |
| 9 | | | | | | | | |
| | | | 6 | 7 | | 9 | 2 | |
| | | | | 9 | | 6 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 2 | 5 | 3 | 7 | 6 | 9 |
| 7 | 5 | 2 | 4 | 6 | 9 | 3 | 1 | 8 |
| 9 | 3 | 6 | 8 | 1 | 7 | 4 | 2 | 5 |
| 4 | 7 | 5 | 1 | 8 | 2 | 9 | 3 | 6 |
| 6 | 9 | 3 | 5 | 7 | 4 | 1 | 8 | 2 |
| 2 | 1 | 8 | 3 | 9 | 6 | 5 | 4 | 7 |
| 8 | 2 | 1 | 9 | 4 | 5 | 6 | 7 | 3 |
| 3 | 6 | 9 | 7 | 2 | 1 | 8 | 5 | 4 |
| 5 | 4 | 7 | 6 | 3 | 8 | 2 | 9 | 1 |

ଗତକାଲିର ଉତ୍ତର

# ସଙ୍କୁଚିତ ବଜେଟ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୫–୨୬ ଆର୍ଥିକବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ନିର୍ମଳା ସୀତାରାମନ ବଜେଟରେ ଚାରିଟି ଇଞ୍ଜିନ: କୃଷି, ଏମ୍‌ଏସ୍‌ଏମ୍‌ଇ, ନିବେଶ ଏବଂ ରପ୍ତାନି ଉପରେ ଧ୍ୟାନଦେଇ ବିକଶିତ ଭାରତ ଲକ୍ଷ୍ୟକୁ ଆଗେଇ ନେବା କଥା କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବଜେଟକୁ ଲୋକଙ୍କ ବଜେଟ ଏବଂ ଏକ ଶକ୍ତି ଗୁଣକ ଭାବରେ ବର୍ଣ୍ଣନା କରିଲାବେଳେ ବିରୋଧୀ ଦଳ ନୈରାଶ୍ୟଜନକ ଏବଂ ବଜେଟର ଇଞ୍ଜିନ ଲାଇନଚ୍ୟୁତ ହୋଇଛି ବୋଲି କହିଛନ୍ତି। ବଜେଟର ସବିଶେଷ ସମୀକ୍ଷା କାଳେ ଏହାର ବାସ୍ତବ ରୂପ ଜଣାପଡ଼ିବ। ଅବଶ୍ୟ ବିଶ୍ୱ ଅର୍ଥନୀତିରେ ଆର୍ଥିକ ମାନ୍ଦାବସ୍ଥା, ପୋଲି କ୍ରାଇସିସ୍, ରୁଷିଆ–ୟୁକ୍ରେନ ଯୁଦ୍ଧ, ହମାସ ଉପରେ ଇସ୍ରାଏଲ ଆକ୍ରମଣ, ଇନ୍ଧନ ଦର ବୃଦ୍ଧି, ଟ୍ରମ୍ପଙ୍କ ଆମଦାନୀ ଶୁଳ୍କ ବୃଦ୍ଧି ଓ କିଛି ପ୍ରତିକ୍ରିୟାଶୀଳ ପଦକ୍ଷେପ ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି।

ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁ ନା କାହିଁକି, ପ୍ରତ୍ୟେକ ବର୍ଷ ଆପେ ଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧି ପାଇବ। ନାମାଙ୍କନ ଜିଡିପି ମଧ୍ୟ ବୃଦ୍ଧି ପାଇବ। କେବଳ କରୋନା ପରି ଦୁଃସମୟ ବା ବିଶ୍ୱ ଆର୍ଥିକ ସଙ୍କଟ ପରି ପରିସ୍ଥିତିକୁ ଛାଡ଼ିଦେଲେ ଏସବୁ ସର୍ବଦା ବୃଦ୍ଧି ପାଇଥାଏ। ମୁଦ୍ରାସ୍ଫୀତି ମଧ୍ୟ ସମ୍ପୂର୍ଣ୍ଣ ମୂଲ୍ୟକୁ ବୃଦ୍ଧି କରେ। ଉଦାହରଣ ସ୍ୱରୂପ, ଗତ ୩୦ ବର୍ଷ ମଧ୍ୟରେ, ଭାରତର ନାମାଙ୍କନ ଜିଡିପି ଟଙ୍କା ଦୃଷ୍ଟିରୁ ୩୫ ଗୁଣ ବୃଦ୍ଧି ପାଇଛି, ବାସ୍ତବ ଜିଡିପି କେବଳ ୧୨ ଗୁଣ ବୃଦ୍ଧି ପାଇଛି। ଅର୍ଥାତ୍ ମୁଦ୍ରାସ୍ଫୀତିର ପ୍ରଭାବ ରହିଛି। ତେଣୁ ନାମାଙ୍କନ ଜିଡିପି ବୃଦ୍ଧି ସହିତ ବଜେଟର ଆକାର ବୃଦ୍ଧି ପାଇବା ଉଚିତ।

୨୦୨୪–୨୫ରେ ନାମାଙ୍କନ ଜିଡିପି ୧୦.୫% ଏବଂ ମୁଦ୍ରାସ୍ଫୀତି (୩.୫ରୁ ୪% ପର୍ଯ୍ୟନ୍ତ ମୂଲ୍ୟ ଡିଫ୍ଲେଟର ଦ୍ୱାରା)କୁ ବାଦ୍‌ଦେଇ ବାସ୍ତବ ଜିଡିପି ୬.୫%ରୁ ୭% ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ନାମାଙ୍କନ ଜିଡିପି ୯.୭% ଓ ବାସ୍ତବ ଜିଡିପି ୬.୪% ହେବ ବୋଲି ଆର୍ଥିକ ସର୍ବେକ୍ଷଣରେ କୁହାଯାଉଛି। କିନ୍ତୁ ଚିନ୍ତାଜନକ ହେଉଛି ୨୦୨୩–୨୪ରେ ଆର୍ଥିକ ଅଭିବୃଦ୍ଧି ୮.୨% ହୋଇଥିଲା। ଗତ ୭ଟି ତ୍ରୟମାସରେ ଏହା ନିମ୍ନଗାମୀ ହୋଇଛି। ୨୦୨୫–୨୬ ବର୍ଷ ପାଇଁ ନାମାଙ୍କନ ଜିଡିପି ୧୦.୧% ଓ ବାସ୍ତବ ଜିଡିପି ୬.୩ରୁ ୬.୮% ହେବ ବୋଲି ଆକଳନ କରାଯାଇ ବଜେଟ ଉପସ୍ଥାପନ କରାଯାଇଛି। କିନ୍ତୁ ବଜେଟ ଆକାର ୧୦.୧% ନୁହେଁ ମାତ୍ର ୫.୫% ବୃଦ୍ଧିପାଇବ। ଉଲ୍ଲେଖନୀୟ ଏହି କି ଯେ ତଥାପି, ବଜେଟ ସଂକୋଚନାତ୍ମକ କାରଣ ବଜେଟ ବ୍ୟୟ ଅଟକଳର ବୃଦ୍ଧି ନାମମାତ୍ର ଜିଡିପିର ଆକଳନ ବୃଦ୍ଧି ଅପେକ୍ଷା କମ୍। ୨୦୨୪–୨୫ ଆର୍ଥିକ ବର୍ଷରେ ବଜେଟରେ ମୋଟ ବ୍ୟୟବରାଦ ୪୮,୨୦,୫୧୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୫–୨୬ରେ ୫୦,୬୫,୩୪୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ମାତ୍ର ୫.୫% ବୃଦ୍ଧି। ଗତବର୍ଷ ୭% ବୃଦ୍ଧି ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଚିନ୍ତାର ବିଷୟ ୨୦୨୪–୨୫ରେ ସଂଶୋଧିତ ବଜେଟ ଆକଳନ ୪୭,୧୬,୪୮୭ କୋଟି ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ ୧,୦୪,୦୨୫ କୋଟି ଟଙ୍କା ହ୍ରାସ ପାଇଛି।




ଅବଶ୍ୟ ଅତୀତର ରେକର୍ଡ କହୁଛି ଯେ ସରକାରଙ୍କ ପ୍ରତିଶ୍ରୁତି ମୁତାବକ ବଜେଟରେ ବ୍ୟୟବରାଦ କରାଯାଇଥିବା ଅର୍ଥ ଖର୍ଚ୍ଚ କରାଯାଉ ନାହିଁ।

ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟବରାଦ ବହୁତ କମ୍। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା। ୨୦୨୦–୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ, ୨୦୨୪–୨୫ରେ ୧୪.୬ %କୁ ହ୍ରାସ ପାଇଥିଲାବେଳେ ୨୦୨୫–୨୬ରେ ୧୪.୨%କୁ ହ୍ରାସ ପାଇବ ବୋଲି ଧାର୍ଯ୍ୟ କରାଯାଇଛି। ଅନ୍ୟ ଦେଶ ତୁଳନାରେ ଏହା ବହୁତ କମ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଏହା ଫ୍ରାନ୍ସରେ ୫୭%, ଇଟାଲୀ ୫୩.୮ %, ୟୁରୋ ଏରିଆ ୪୯.୫%, ଜର୍ମାନୀ ୪୮.୪%, ସ୍ପେନ ୪୫.୪%, ଜାପାନରେ ୪୪.୦୫%, ଗ୍ରେଟବ୍ରିଟେନ ୪୪.୫%, ଆମେରିକାରେ ୩୪.୩୮% ଓ ସୁଇଜରଲାଣ୍ଡରେ ୩୨% ରହିଛି। ଯେହେତୁ ବ୍ୟୟବରାଦ ଆଶାନୁରୂପ ବୃଦ୍ଧି ପାଉନି, ଗୋଟିଏ କ୍ଷେତ୍ରରେ ବୃଦ୍ଧି ପାଇଲେ ଗୋଟିଏ କ୍ଷେତ୍ରରେ ହ୍ରାସ ପାଉଛି। ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ପୂର୍ବବର୍ଷ ତୁଳନାରେ ହ୍ରାସପାଇଛି ବା ୨୦୨୪–୨୫ବର୍ଷର ସଂଶୋଧିତ ଅଟକଳରେ ମୂଳ ଧାର୍ଯ୍ୟଠାରୁ କମ୍ ହୋଇଛି। ଏହା ଆଶ୍ଚର୍ଯ୍ୟଜନକ ଯେ ରେଳ ବଜେଟ ବ୍ୟୟବରାଦ ଗତ ବର୍ଷ ୨.୬୨ ଲକ୍ଷ କୋଟି ଟଙ୍କା ଥିଲାବେଳେ ୨୦୨୫–୨୬ରେ ୨.୫୫ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ରେଳ ସୁରକ୍ଷା ପାଇଁ ମଧ୍ୟ ୩୨୨.୫୦ କୋଟି ଟଙ୍କା କମ୍ ବ୍ୟୟ ହେବ। ପୁଞ୍ଜି ବ୍ୟୟରେ ବୃଦ୍ଧି ହୋଇନି। ପୂର୍ବପରି ୨.୫୫ ଲକ୍ଷ କୋଟି ଟଙ୍କା ରହିଛି।

ଏହି ବଜେଟ ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥୀ। କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଅର୍ଥ ହସ୍ତାନ୍ତର ପରିମାଣ ପାଇଁ ୨୦୨୪–୨୫ ବର୍ଷ ବଜେଟରେ ଯେଉଁ ବ୍ୟୟବରାଦ କରିଥିଲେ ତାହା ସଂଶୋଧିତ ଅଟକଳରେ ହ୍ରାସ ପାଇଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠିରେ ୫,୦୫,୯୭୮ କୋଟି ଟଙ୍କାରୁ ୪,୧୫,୩୫୬ କୋଟି ଟଙ୍କାକୁ, ଅର୍ଥ ଆୟୋଗ ଦ୍ୱାରା ଅନୁଦାନରେ ୧,୩୨,୩୭୮ କୋଟି ଟଙ୍କାରୁ ୧,୨୭,୧୪୬ କୋଟି ଟଙ୍କାକୁ ଏବଂ ରାଜ୍ୟଗୁଡ଼ିକୁ ଅନ୍ୟାନ୍ୟ ହସ୍ତାନ୍ତର ବାବଦରେ ୩,୯୧,୭୭୬ କୋଟି ଟଙ୍କାରୁ ୩,୭୪,୭୭୪ କୋଟି ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ମୋଟ ଉପରେ ୧୦,୩୦,୧୩୨ କୋଟି ଟଙ୍କାରୁ ୯,୧୭,୨୭୬ କୋଟି ଟଙ୍କାକୁ ହ୍ରାସପାଇଛି। ଅର୍ଥାତ୍ ଯେତିକି ପରିମାଣର ଅର୍ଥ ରାଜ୍ୟମାନଙ୍କୁ ଦେବା ପାଇଁ ବଜେଟରେ ଦର୍ଶାଇଥିଲେ, ତା' ତୁଳନାରେ ରାଜ୍ୟମାନଙ୍କୁ ପ୍ରକୃତ ହସ୍ତାନ୍ତର ୧,୧୨,୮୫୬ କୋଟି ଟଙ୍କା କମ୍ ଦେଲେ।

କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ। କିନ୍ତୁ ନିର୍ବାଚନକୁ ଦୃଷ୍ଟିରେ ରଖି ଦିଲ୍ଲୀ ଓ ବିହାରକୁ କିଛି ଅଧିକ ଦିଆଯାଇଛି। ଆଗରୁ ଆନ୍ଧ୍ରପ୍ରଦେଶକୁ ଓ ବିହାରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଓଡ଼ିଶାକୁ କିଛି ଦିଆଯାଇନି। ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ ସଞ୍ଚୟ, ଉପଭୋଗ ଏବଂ ନିବେଶ ବୃଦ୍ଧି ସହିତ ଜିଡିପି ବୃଦ୍ଧି କରିବ। କିନ୍ତୁ ଲୋକଙ୍କ ପ୍ରକୃତ ଆୟ ବୃଦ୍ଧି ନ ହେଲେ ଏହା ସମ୍ଭବ ନୁହେଁ। ଆୟ ବୃଦ୍ଧି ପାଇଁ କିଛି ପଦକ୍ଷେପ ନାହିଁ। ଅର୍ଥନୀତି ମନ୍ଥର ହେବା, ମୁଦ୍ରାସ୍ଫୀତି ବୃଦ୍ଧି, ବେକାରି ବୃଦ୍ଧି, ପ୍ରକୃତ ମଜୁରି ହ୍ରାସ, ଲୋକଙ୍କ କ୍ରୟ ଶକ୍ତି ହ୍ରାସ, ବ୍ୟାପକ ଅସମାନତା ଭଳି ସମସ୍ୟାଗୁଡ଼ିକର ସମାଧାନ ପାଇଁ କିଛି କୁହାଯାଇନାହିଁ, ବରଂ ସଙ୍କୁଚିତ ବଜେଟ ଉପସ୍ଥାପନ କରାଯାଇଛି।

ମୋ: ୯୪୩୭୨୦୮୭୬୨

# ପାଠକ ଶ୍ରେଷ୍ଠ ବିଚାରକ

## ବିକଟାଳ ହର୍ନ ଧରପଗଡ଼ ହେଉ

ମହାଶୟ,
ଶବ୍ଦ ପ୍ରଦୂଷଣକୁ କମିଶନରେଟ୍ ପୋଲିସ ଗୁରୁତ୍ୱ ଦେଇ ବିକଟାଳ ହର୍ନ ଧରପଗଡ଼ ଅଭିଯାନ ଆରମ୍ଭ କରିଥିବାରୁ ଏହା ଏକ ଉଚିତ ପଦକ୍ଷେପ। ପୂର୍ବରୁ ଏକାଧିକବାର ଏଭଳି ଧରପଗଡ଼ କରାଯାଇ ଯାନବାହନରୁ ବିକଟାଳ ହର୍ନ ଖୋଲି ଏହାକୁ ସ୍ଥଗିତ କରିଦେବାରୁ ଅଭିଯାନର ଲକ୍ଷ୍ୟ ପୂରଣ ହୋଇପାରିନାହିଁ। କେବଳ କଟକ, ଭୁବନେଶ୍ୱରରେ ଏହା କରାଯାଉଥିବାରୁ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏହି ହର୍ନ ଯୋଗୁ ଅନ୍ୟ ଯାନର ଚାଳକଙ୍କ ସମେତ ରାସ୍ତା କଡ଼ରେ ଯାଉଥିବା ବୃଦ୍ଧାବୃଦ୍ଧ, ଛୋଟପିଲା, ହୃଦ୍‌ରୋଗୀ, ମହିଳାଙ୍କ ସମେତ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଙ୍ଗ୍ ସାଇଡ୍ ଡ୍ରାଇଭିଂ, ଅଧିକ ମାତ୍ରାରେ ବିନା ଡିପର ହେଡ୍‌ଲାଇଟ୍, ଓଭରସ୍ପିଡ୍, ଅଯଥା ଓଭରଟେକିଂ, ଟ୍ରାଫିକ୍ ନିୟମ ଉଲ୍ଲଂଘନ, ମଦ୍ୟପାନକରି ଗାଡ଼ିଚାଳନା, ମୋବାଇଲ ବ୍ୟବହାର ଉପରେ ରାଜ୍ୟବ୍ୟାପୀ ଧରପଗଡ଼ କରାଗଲେ ଅଭିଯାନର ଲକ୍ଷ୍ୟ ପୂରଣ ହେବ।

**– ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ): ଜିଲା ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଫାଷ୍ଟଗେଟ ଅଟୋନଗର ଛକରେ ବ୍ରାଉନସୁଗର ବିକ୍ରି କରୁଥିବା ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଶିବ ଭୂୟାଁ (୨୦) ଓ ପ୍ରକାଶ ବେହେରା(୨୬)। ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ୫୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଯାହାର ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଅଭିଯୁକ୍ତମାନେ ଧରାପଡ଼ିବା ପୂର୍ବରୁ ବ୍ରାଉନସୁଗାର ବିକ୍ରି କରି ପାଖରେ ରଖିଥିବା ୨୫୦୦ ଟଙ୍କା ମଧ ଜବତ କରିଛି ପୋଲିସ। ଅନ୍ୟପକ୍ଷରେ ପୋଲିସକୁ ଦେଖି କେତେଜଣ ଗ୍ରାହକ ଚମ୍ପଟ ମାରିଥିବା ଜଣାପଡ଼ିଛି।

### ସଂକ୍ଷେପରେ

## ମା',ଝିଅଙ୍କୁ ଅସଦାଚରଣ, ଯୁବକଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଅଞ୍ଚଳରେ ରହୁଥିବା ଜନୈକା ମହିଳା ଓ ତାଙ୍କ ଝିଅ ଙ୍କୁ ଅସଦାଚରଣ ହୋଇଥିଲା। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେ ହେଲେ ବାଦଲ ଲିମା(୨୨) । ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଅପରାହ୍ନରେ ଲୋଚାପଡ଼ା ଅଞ୍ଚଳରେ ରହୁଥିବା ମହିଳାଙ୍କ ଘରେ ପଶି ଜଣେ ଯୁବକ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ପରେ ଘରେ ଥିବା ତାଙ୍କ ଝିଅଙ୍କୁ ମଧ ସେ ଟଣା ଓଟରା କରିଥିଲେ। ଏହା ଦେଖି ତାଙ୍କ ମା' ପ୍ରତିବାଦ କରିଥିଲେ। ଯୁବକ ଜଣଙ୍କ ମହିଳାଙ୍କ ବେକ ଚିପି ହତ୍ୟା ଉଦ୍ୟମ କରିବା ସହ ତାଙ୍କ ବେକରେ ଥିବା ସୁନା ଚେନ ଝାମ୍ପି ନେଇଥିଲେ। ପରେ ପିଡ଼ିତା ମହିଳା ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

## ମହିଳାଙ୍କ ସୁନାହାର ଝାମ୍ପିନେଲେ

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ) ସହରରେ ଏବେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ରହିଛନ୍ତି। ଗତ ୧ ତାରିଖ ପୂର୍ବାହ୍ନରେ ପି. ନାଗଲକ୍ଷ୍ମୀ ନାମ୍ନୀ ଜଣେ ମହିଳା ମନ୍ଦିରକୁ ଯାଉଥିବା ବେଳେ ମିଲିଟାରୀ ଲାଇନରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ବେକରୁ ୨୫ ଗ୍ରାମର ମଙ୍ଗଳସୂତ୍ର ଝାମ୍ପି ନେଇଥିଲେ। ଅଭିଯୋଗ ପରେ ଟାଉନ ଥାନା ପୋଲିସ ନଂ.୫୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ସଦର ଥାନା ଅନ୍ତର୍ଗତ ବାଲିପଡା ନିକଟରେ ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ସୁନା ହାର ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତନାଘନା ଚଳାଇଛି। ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଲୁଟେରାଙ୍କୁ ଧରିବା ପାଇଁ ପ୍ରୟାସ କରୁଛି। ବଡବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ରାଧକାନ୍ତସାହିର ଶ୍ରୀଧର ବିଷୋୟୀ ଓ ତାଙ୍କ ଭାଉଜ ଗତ ୩ତାରିଖ ରେ ଏକ ଭୋଜି ଘରେ ଯୋଗ ଦେବାପାଇଁ ବାଇକରେ ଯାଉଥିଲେ। ବାଲିପଡ଼ା ନିକଟରେ ଦୁଇଜଣ ଯୁବକ ତାଙ୍କ ଗାଡ଼ି ପାଖକୁ ଆସି ରହିଥିଲେ। ସେମାନେ ଶ୍ରୀଧରଙ୍କୁ ମହୁରୀ କଲୁଆ ମନ୍ଦିରକୁ ରାସ୍ତା ପଚାରିଥିଲେ। ବାଇକ ପଛରେ ବସିଥିବା ଯୁବକ ଜଣଙ୍କ ଶ୍ରୀଧରଙ୍କୁ ଧକ୍କା ଦେବା ସହ ତାଙ୍କ ଭାଉଜଙ୍କ ବେକରୁ ୨୮ ଗ୍ରାମର ଏକ ସୁନା ହାର ଝାମ୍ପି ନେଇଥିଲେ। ମହିଳା ଜଣଙ୍କ ଚିତ୍କାର କରିଥିଲେ ମଧ ତାଙ୍କ କଥା କେହି ଶୁଣିନଥିଲେ। ଯୁବକ ଦ୍ୱୟ ଦିଗପହଣ୍ଡି ଅଭିମୁଖେ ଚାଲିଯାଇଥିବା ନେଇ ଥାନାକୁ ଆସି ପୋଲିସକୁ ଏସଂକ୍ରାନ୍ତରେ ଜଣାଇଥିଲେ।

## ଆଖୁ ଉନ୍ନୟନ କର୍ମଶାଳା

ଆସିକା,୫।୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ସମବାୟ ଚିନିଶିଳ୍ପ କୃଷକ ଭବନ ପରିସରରେ ବୁଧବାର ଆଖୁଚାଷର ଉନ୍ନତି ଲାଗି ଜିଲାସ୍ତରୀୟ ଷ୍ଟେକ୍ ହୋଲଡରମାନଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଚିନିଶିଳ୍ପର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କର୍ମଶାଳାରେ ଚିନିଶିଳ୍ପ ପରିଚାଳନା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡା ଅଧକ୍ଷତା କରିଥିଲେ । ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା, ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ, ପରିଚାଳନା ପରିଷଦର ସଦସ୍ୟମାନେ ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ବୈଜ୍ଞାନିକ ପ୍ରଣାଳୀରେ ଆଖୁଚାଷର ପ୍ରସାର ତଥା ଅଧିକ ସର୍କାରଯୁକ୍ତ ଉନ୍ନତମାନର ଆଖୁ ଉତ୍ପାଦନ ଲାଗି ଚାଷୀମାନଙ୍କୁ କ'ଣ ସହାୟତା ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । କର୍ମଶାଳାରେ ନୟାଗଡ ଆଖୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନ, ନାବାର୍ଡ ଜିଲ୍ଲା ଉନ୍ନୟନ ପରିଚାଳ, ଜିଲ୍ଲା ଅଗ୍ରଣି ବ୍ୟାଙ୍କ ପରିଚାଳକ, ଉଠା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, କୃଷି ଶିଳ୍ପ ନିଗମର ଜିଲ୍ଲା ପରିଚାଳକ, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ, ବିଭିନ୍ନ ବ୍ଲକଓ କୃଷି ଜିଲ୍ଲା ଅଧିକାରୀ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଅଧିକାରୀ, ରିଲାଏନ୍ସ ସାଧାରଣ ବୀମା ଅଧିକାରୀମାନେ କାର୍ଯ୍ୟକ୍ରମ ସମ୍ପର୍କରେ ନିଜସ୍ୱ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଜଳନ୍ଧର ଦଳାଇ, କୃଷ୍ଣଚନ୍ଦ୍ର କର, ରମାକାନ୍ତ ମହାନ୍ତି, କିଶୋର ଚନ୍ଦ୍ର ମେହେରଙ୍କ ସମେତ ବହୁ ଆଖୁଚାଷୀ ଆଖୁ ଫସଲର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ।

# ୫ ଗୁଣ ବଢ଼ିଲା ଆଳୁ ଚାଷ, ଖର୍ଚ୍ଚ ହେବ ୨.୧୪ କୋଟି

ବ୍ରହ୍ମପୁର,୫।୨(ଅଶୋକ କୁମାର ସାହୁ)



ଚିକିଟି ବ୍ଲକ କଳବାଡ ପଞ୍ଚାୟତର ବଡବରଙ୍ଗା ଗ୍ରାମରେ ହୋଇଥିବା ଆଳୁ ଚାଷ।

ଚଳିତବର୍ଷ ଗଞ୍ଜାମ ଜିଲାରେ ଆଳୁ ଚାଷ ପ୍ରାୟ ୫ ଗୁଣ ବଢ଼ିଛି। ଆଳୁ ମିଶନକୁ ସରକାର ଆଳୁ, ପନିପରିବା ଓ ମସଲା ସ୍କିମରେ ଅନ୍ତର୍ଭୁକ୍ତ କରି ଆଉ ଏକ ଯୋଜନା ପ୍ରଣୟନ କରିଛନ୍ତି। ଗତବର୍ଷ ଜିଲାରେ ୧୦୦ ହେକ୍ଟରରେ ଆଳୁ ଚାଷ କରାଯାଇଥିବାବେଳେ ଚଳିତବର୍ଷ ୫୦୦ ହେକ୍ଟର ଜମିରେ ଏହି ଚାଷ କରାଯାଇଥିବା ଉଦ୍ୟାନ କୃଷି ବିଭାଗରୁ ଜଣାପଡିଛି। ଉକ୍ତ ଯୋଜନା ୨୦୨୨-୨୩ରୁ ୨୦୨୫-୨୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ୱେବ ସାଇଟ ତଥ୍ୟରୁ ଜଣାପଡିଛି। ତେବେ ଚଳିତବର୍ଷ ଜିଲାର ୨୯୨୨ ଚାଷୀ ଏହି ଚାଷ କରିବାକୁ ଆଗ୍ରହୀ ହୋଇଛନ୍ତି। ସେମାନଙ୍କୁ ବିହନ କିଲୋ ପିଛା ୨୦ ଟଙ୍କା ଦରରେ ୬୫୦୦ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଛି। ଏଥିରୁ ଚାଷୀଙ୍କୁ ୧୦ ଟଙ୍କା ସବ୍‌ସିଡି ମିଳିବ ବୋଲି କୁହାଯାଇଛି। ଉକ୍ତ ବିହନ ପଂଜାବର ଜଳନ୍ଧରରୁ ଅଣାଯାଉଥିବାବେଳେ ଏଥିରେ କୁଫୁରି ଚନ୍ଦ୍ରମୁଖୀ, କୁଫୁରି ଜ୍ୟୋତି, ପୋଖରାଜ ଆଦି ରହିଛି। ଏହା ରାଜ୍ୟ ବିହନ ନିଗମ ଜରିଆରେ ବିଭିନ୍ନ ଜିଲା ଉଦ୍ୟାନ କୃଷି ବିଭାଗକୁ ଦିଆଯାଇଛି। ଏଥିପାଇଁ ୨ କୋଟି ୧୩ ଲକ୍ଷ ୫୯ ହଜାର ଟଙ୍କା ରାଜ୍ୟ ସରକାରଙ୍କ ଅନୁଦାନ ଆସିଛି। ବିଭାଗ ପକ୍ଷରୁ ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଛି। ବିଶେଷ କରି ଆଳୁ ପାଇଁ ବାଲିଆ ଓ ଦୋରସା ମାଟି ଦରକାର ହେଉଥିବାରୁ ସେହି ଅଞ୍ଚଳରେ ଏହି ଚାଷ କରିବାକୁ ଚାଷୀଙ୍କୁ ସୁଯୋଗ ଦିଆଯାଇଛି। ସେହିପରି ଉକ୍ତ ଯୋଜନାର ଆଉ ଏକ ପନିପରିବା ସ୍କିମରେ ପ୍ରାୟ ୨୦୦୦ ଏକର ଜମିରେ ୪ ହଜାର ଚାଷୀ ପରିବା ଚାଷ କରିଛନ୍ତି। ଏଥି ପାଇଁ ସରକାରଙ୍କ ପକ୍ଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଏହି ଯୋଜନାରେ ଜଣେ ଚାଷୀଙ୍କୁ ୮୦୦୦ ଟଙ୍କା ଏକର ପିଛା ଦିଆଯିବା ଯୋଜନା ଥିବାବେଳେ ଜଣେ ଚାଷୀ କେବଳ ଅଧ ଏକର କରିବାକୁ ଅନୁମତି ଦିଆଯାଇଛି। ଯଦି ଚାଷୀ ଅଧିକ କରିବେ ତେବେ ସେମାନଙ୍କ ନିଜସ୍ୱ ଅର୍ଥ ଏଥିରେ ଖର୍ଚ୍ଚ କରୁବାକୁ ପଡିବ ବୋଲି କୁହାଯାଇଛି। କିନ୍ତୁ ଅଧ ଏକରକୁ କେତେ ପନିପରିବା ବିହନ ଦିଆଯିବ ତାହା ସ୍ପଷ୍ଟ କରାଯାଇନାହିଁ। ସେହିପରୁ ମସଲା ଜାତୀୟ ଚାଷ ସ୍କିମ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ଏହା ଆସନ୍ତା ମେ ମାସରେ ଜଣାପଡିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ କନ୍ଦ ଜେନାଙ୍କୁ ପଚାରିବାରୁ ସହଯୋଗ କରିବା ପରିବର୍ତ୍ତେ ବିଭାଗର ଅନ୍ୟ ଅଧିକାରୀଙ୍କଠାରୁ ସୂଚନା ମିଳିବ ବୋଲି ଫୋପାଡିଲା ଭଳି ଉତ୍ତର ଦେଇଥିଲେ। ଚାଷ ବିଷୟରେ ଅନ୍ୟାନ୍ୟ ଅଞ୍ଚଳର ଚାଷୀମାନେ ମଧ ବିଭିନ୍ନ ବିଷୟରେ ପଚାରିବାକୁ ଆସୁଥିବାବେଳେ ତାଙ୍କୁ କିଭଳି ଉତ୍ତର ସେ ଦେଉଥିବେ ଏଥିରୁ ସ୍ପଷ୍ଟ ହେଉଛି।

## କୁଳପତିଙ୍କ ନୂତନ ସଚିବଙ୍କୁ କର୍ମଚାରୀ ସଂଘର ସ୍ୱାଗତ



କର୍ମଚାରୀମାନେ କୁଳପତିଙ୍କ ନୂତନ ସଚିବଙ୍କୁ ସ୍ୱାଗତ କରୁଛନ୍ତି।

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ସଚିବ ପଦରେ ନୂତନ ଭାବେ ପଦୋନ୍ନତି ପାଇଥିବା ଏ. ସୂର୍ଯ୍ୟ ପ୍ରକାଶଙ୍କୁ ବୁଧବାର ପ୍ରଶାସନିକ ଭବନ ଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ତରଫରୁ ସ୍ୱାଗତ କରାଯାଇଛି। ପୂର୍ବରୁ ସୂର୍ଯ୍ୟ ପ୍ରକାଶ କୁଳପତିଙ୍କ ପି. ଏ ଭାବେ ୫ ବର୍ଷ ଧରି ଦାୟିତ୍ୱ ତୁଲାଇଥିଲେ। ତାଙ୍କୁ କୁଳପତିଙ୍କ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରିବାକୁ କୁଳପତି ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ କ୍ରମେ କୁଳ ସଚିବ ସଚ୍ଚିଦାନନ୍ଦ ନାୟକ ବିଜ୍ଞପ୍ତି ପ୍ରକାଶ କରିଛନ୍ତ। ସେ ଦାୟିତ୍ୱ ନେବା ପରେ ବିଶ୍ୱବିଦ୍ୟାଳୟର ଯୁଗ୍ମ ସଚିବ ଡ ବାବୁଜି ସାମଲ, ସଂଘର ଉପଦେଷ୍ଟା ଡ.ଶଙ୍କର ମାଝୀ, ସଭାପତି ଡ. ମିହିର କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପାତ୍ର, ଉପ ସଭାପତି ଇନ୍ଦ୍ର ବେହେରା, ମନୋଜ ତ୍ରିପାଠୀ, ମନୋଜ ଶତପଥୀ, ସମ୍ପାଦକ ସଂଗ୍ରାମ କୁମାର ନାୟକ, ଏନ. ଭୀମରାଜୁ ରେଡ଼ି, ବିଭୁଦତ୍ତ ମହାରଣା, ସତ୍ୟ ନାରାୟଣ ଶତପଥୀ, ଉପେନ୍ଦ୍ର ପାଳ, ଦେବୀ ପ୍ରସାଦ ବେହେରା, ଏନ ତାରିଣୀକ୍ଷ ରେଡ୍ଡୀ, ଦେବୀ ପ୍ରସାଦ ମିଶ୍ର, ଏମ. କୌଶିକ କୁମାର, ଗୌରବ ଦାଶ, ପ୍ରଭାସ ନାୟକ, ବିରଜ କାନ୍ତ ସ୍ୱାଇଁ, କେଶବ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଦାୟିତ୍ୱ ନେବା ପରେ କୁଳପତି, କୁଳ ସଚିବ, ଯୁଗ୍ମ ସଚିବ ପ୍ରମୁଖଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ରମ୍ଭା,୫।୨(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ୍ ରଘୁନାଥପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ଦ୍ୱାଦଶ ବାର୍ଷିକୋତ୍ସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିବେକାନନ୍ଦ ସମଗ୍ର ବିଶ୍ୱରେ ନିଜ ଆଧାତ୍ମିକ ସାଧନା ପାଇଁ ପରିଚିତ ହୋଇ ପାରିଥିଲେ। ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ଯାଏଁ ଉଦ୍ୟମ ଜାରି ରହିବା ଜରୁରୀ ବୋଲି କହିଛନ୍ତି। ଏହି ଅବସରରେ ବ୍ରଜବନ୍ଧୁ ନାୟକଙ୍କ ସୌଜନ୍ୟରୁ ଗଣେଶ ଓ ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପିତ ବିଦ୍ୟାମଣ୍ଡପକୁ ଉଦ୍‌ଘାଟନ କରାଯାଇଥିଲା। ଲବଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡ଼ା.ନିରଞ୍ଜନ ରଥ, ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା, ରାମଗଡ଼ ସରପଞ୍ଚ ସନ୍ତୋଷିନୀ ବେହେରା, ଗଞ୍ଜାମ ବ୍ଲକ୍ ପଞ୍ଚାୟତ ସମିତି ଅଧକ୍ଷ ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ଅଧକ୍ଷ ସୁରଥ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର ପଣ୍ଡା, ଆଦାନି ଗ୍ରୁପର ସିଏସଆର ମୁଖ୍ୟ ଦେବଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଉଦ୍ଭିଦ ବିଜ୍ଞାନ ବିଭାଗର ଜାତୀୟ ପାଠଚକ୍ର



କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ) ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଚାଲିଥିବା ଦୁଇ ଦିନିଆ ଜାତୀୟ ପାଠଚକ୍ର ବୁଧବାର ଉଦଯାପିତ ହୋଇଛି। ଚିରସ୍ଥାୟୀ ବିକାଶ ନିମନ୍ତେ ଉଦ୍ଭିଦ ବିଜ୍ଞାନ ଓ ଜୈବ ବିବିଧତା କ୍ଷେତ୍ରରେ ନବୋଦ୍‌ଘାଟିତ ଧାରା ଶୀର୍ଷକ ପାଠଚକ୍ରକୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ପଦ୍ମିନୀ ସାହୁ, ପ୍ରଫେସର କେ.ବିଜୟ କୁମାର, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ପ୍ରଫେସର ଅମରେନ୍ଦ୍ର ମିଶ୍ର, ରବୀନ୍ଦ୍ର ନାଥ ପାଢ଼ୀ, ପ୍ରଫେସର ବିନୋଦ ଚନ୍ଦ୍ର ସାବତ, ଡ. ଜ୍ୟୋତିର୍ମୟୀ ମାଥନ, ଡ. ଦେବାଶିଷ ମହାପାତ୍ର, ଡ. ମୃତ୍ୟୁଞ୍ଜୟ ଜେନା, ଡ. ମାନସ କୁମାର ତ୍ରିପାଠୀ, ଡ. ସରିତା ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଏବଂ ସଂଯୋଜକ ଡ. ଗୌତମ ସାବତ ଅତିଥି ପରିଚୟ ଦେଇଥିଲେ। କାର୍ଯକାରୀ ସଂଯୋଜକ ଡ. ରଶ୍ମିତା ପାଢ଼ୀ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ସହ ସଂଯୋଜକ ଡ. ସସ୍ମିତା କୁମାରୀ ବେଉରା ଧନ୍ୟବାଦ ଦେଇଥିଲେ। ପାଠଚକ୍ର ସଂକ୍ଷିପ୍ତ ସାର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ଓ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ।

## ଦେଶୀ ମଦ ଜବତ, ୫ ଗିରଫ

ପାତ୍ରପୁର,୫।୨(ଉମା ଚରଣ ନେପାକ)

ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଚିକିଟି ଅବକାରୀ ରେଞ୍ଜ ନିରୀକ୍ଷକ ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜରଡା ଥାନା ସୁରଙ୍ଗୀ, ପଙ୍କାଳ, ତୁରୁବୁଡ଼ି, ଖାରିଆନାଳ, ଜାଡିମହୁଲ ଆଦି ଗ୍ରାମରେ ବୁଧବାର ଚଢାଉ କରାଯାଇଥିଲା। ଚଢ଼ାଉ ବେଳେ ୨୦୨ ଲିଟର ଅପମିଶ୍ରିତ ଦେଶୀ ମଦ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପଙ୍କାଳ ଗ୍ରାମର ଦୁସା ପୂଜାରୀ, ତୁରୁବୁଡିର ସରୋଜ କୁମାର ସାହୁ, ଜାଡିମହୁଲ ଗ୍ରାମର ଡମ୍ବୁରୁ ଶବର, କୁରେଶୁ ଶବର ଓ ସୁକୁମାରୀ ଶବର। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି। ଚଢ଼ାଉରେ ଚିକିଟି ଅବକାରୀ ଥାନା ଏଏସଆଇ ଆର୍. ଲକ୍ଷ୍ମୀ ରେଡ୍ଡୀ, ବସନ୍ତ କୁମାର ମଲ୍ଲିକ ଓ ଅବକାରୀ କର୍ମଚାରୀ ସାମିଲ ଥିଲେ।

## ଆଇଟିଆଇରେ ବାଳିକା ଦକ୍ଷତା ସଶକ୍ତୀକରଣ ଓ ପ୍ରଯୁକ୍ତି ବିଦ୍ୟା କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ପ୍ରଧାନଶିକ୍ଷକ।

ବ୍ରହ୍ମପୁର,୫।୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପରିସରରେ ବୁଧବାର ବାଳିକା ଦକ୍ଷତା ସଶକ୍ତୀକରଣ ଓ ପ୍ରଯୁକ୍ତି ବିଦ୍ୟା ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ରିଜିଓନାଲ ଆସିଷ୍ଟାଣ୍ଟ ଡାଇରେକ୍ଟର (ଏମ୍ପ୍ଲଇମେଣ୍ଟ ) ଫାଲଗୁନି ସାହାଏ ନାୟକ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ରୂପେ ଜିଲା ଏମ୍ପ୍ଲାଇମେଣ୍ଟ ଅଧିକାରୀ ଗୁପ୍ତ ପାଢି ଯୋଗ ଦେଇଥିଲେ। ବର୍ତ୍ତମାନ ବୈଷୟିକ ଶିକ୍ଷା ଜରୁରୀ ଶିକ୍ଷାଦାନ ବୋଲି ରାଜ୍ୟ ସରକାରଙ୍କ ଘୋଷଣା କରିଛନ୍ତି। ବ୍ରହ୍ମପୁର ଆଇଟିଆଇ ରାଜ୍ୟ ଓ ଦେଶରେ ବୈଷୟିକ ଶିକ୍ଷା ପାଇଁ ସୁନାମ ଅର୍ଜନ କରିଥିବା ବେଳେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଭଲ ପଦକ୍ଷେପ ନେଇଛି ବୋଲି ଅତିଥିମାନେ କହିଥିଲେ। ଆଇଟିଆଇ ଅଧକ୍ଷ ଇଂ ରଞ୍ଜନ କୁମାର ପରିଡା ଆଇଟିଆଇ ପଢିବା ପରେ ଛାତ୍ରୀଛାତ୍ରମାନେ କିଭଳି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଉଛନ୍ତି ସେଥିନେଇ କହିଥିଲେ। ଉପାଧକ୍ଷ ଇଂ ମନୋଜ କୁମାର ଦାସ ଛାତ୍ରୀଛାତ୍ରଙ୍କୁ କିଭଳି ପ୍ରଶିକ୍ଷଣ ଦିଆଯାଉଛି ସେ ସଂପର୍କରେ କହିଥିଲେ। କର୍ମଶାଳାରେ ଜିଲାର ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପ୍ରଧାନ ଶିକ୍ଷକ ଯୋଗ ଦେଇ ୨ ବର୍ଷ ଆଇଟିଆଇ ପାଠ ପଢା ପରେ ଛାତ୍ରୀଛାତ୍ରମାନେ କିଭଳି ନିଯୁକ୍ତି ପାଉଛନ୍ତି ସେଥିନେଇ ବୁଝିଥିଲେ। ଡମ୍ବୁରୁ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ମୃତ୍ୟୁକୁ ନେଇ ରାସ୍ତାରୋକୋ

ଦୁମୁଡ଼ିବନ୍ଧ,୫।୨(ଦୀପକ କୁମାର ପରାସେଠ) ଦୁମୁଡ଼ିବନ୍ଧ ବ୍ଲକରେ ବୁଧବାର ସଡ଼କ ଦୁର୍ଘଟଣାରେ ଜଣଙ୍କ ଜୀବନ ଯାଇଛି। ସେ ହେଲେ ବୁଡ଼ାପଡ଼ା ଗ୍ରାମର ସୂର୍ଯ୍ୟ ନାୟକ (୫୩)। ସୂର୍ଯ୍ୟ ନିଜ କାମରେ ଡ଼ା.ଆମ୍ବେଡକର ଛକ ଅଭିମୁଖେ ଯାଉଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ସମ୍ମୁଖ ରାସ୍ତାରେ ଏକ ଗାଡ଼ି ଧକ୍କାଦେଇ ଚାଲିଯାଇଥିଲା। ସୂର୍ଯ୍ୟଙ୍କ ମୁଣ୍ଡରେ ଶକ୍ତ ଆଘାତ ହୋଇଥିବାରୁ ପ୍ରଥମେ ଦୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ଫୁଲବାଣୀ ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନରେ ସୂର୍ଯ୍ୟଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବୁଡ଼ାପଡ଼ା ଗ୍ରାମର ଗ୍ରାମବାସୀ ଦୁମୁଡିବନ୍ଧ ଠାରୁ ମୁନିଗୁଡ଼ା ସଂଯୋଗ କରୁଥିବା ୫ନମ୍ବର ରାଜ୍ୟ ରାଜପଥର ବୁଡାପଡ଼ା ଛକ ଠାରେ ସମୟ ପ୍ରାୟ ଅପରାହ୍ନ ୨.୩୦ମିନିଟରେ ଟାୟାର ଜାଳି ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ଦୁମୁଡିବନ୍ଧ ପୋଲିସ, ତହସିଲଦାର ଶୁଭାଶିଷ ପାଲଟା ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ।

## ଉପାନ୍ତ ଅଞ୍ଚଳରେ ସୈନିକଙ୍କ ତ୍ୟାଗ ଅତୁଳନୀୟ




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧ ସାଂସ୍କୃତିକ ନୃତ୍ୟ ପରିବେଷଣ।

ବ୍ରହ୍ମପୁର,୫।୨(ସ୍ମୃତି ରଞ୍ଜନ ମହାଲିକ) ଅଭିନୟ ଜଗତ ପକ୍ଷରୁ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ବୁଧବାର ଉତ୍କଳ ଆଶ୍ରମ ପରିସରରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଜୟନ୍ତ କୁମାର ମହାପାତ୍ର ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇ ସ୍ୱାଧୀନତାରେ ସହିଦ ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟତମ ଅତିଥି ରୂପେ ସଂସ୍କୃତି ଗବେଷକ ଡ ହୃଷୀକେଶ ପାଣିଗ୍ରାହୀ ଦେଶର ସୁରକ୍ଷା ପାଇଁ ଉପାନ୍ତ ଅଂଚଳରେ କାର୍ଯ୍ୟରତ ସୈନିକଙ୍କୁ ତ୍ୟାଗ ଉପରେ ଆଲୋଚନା କରିଥିଲେ। ଦେଶର ସୁରକ୍ଷାରେ ସୈନିକଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ ବୋଲି କହିଥିଲେ। ବିଶିଷ୍ଟ ସାହିତ୍ୟିକ ଇଂ ଯାମିନୀକାନ୍ତ ଦାସ, ଆଂଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ ସିଦ୍ଧାର୍ଥ ଶଙ୍କର ପାଢି ଓ ନାଳନ୍ଦା ଶ୍ରୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ କାଳି ଚରଣ ସାହୁ ଅତିଥି ରୂପେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଂପାଦକ ଡ ମିହିର କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ତ୍ରିପତି ନାୟକ, ବିନାୟକ ହୋତା, ସରୋଜ ପଣ୍ଡା ଓ ଆପ୍ପା ରାଓ ସହଯୋଗ କରିଥିଲେ।

## ଉତ୍ତର ଘୁମୁସର ବନଖଣ୍ଡରେ ଥମୁନି ହାତୀ ଉପଦ୍ରବ

ଭଞ୍ଜନଗର,୫।୨(ବାବୁଲା ପ୍ରଧାନ)- ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଦନ୍ତାପଲଙ୍କ ଉପଦ୍ରବ ଥମୁନାହିଁ। ଗତ କିଛି ଦିନ ହେବ ହାତୀପଲ ଡୁମାକୁମ୍ପା, ହାତୀଗୁଡା ଗ୍ରାମ ଛାଡୁନାହାନ୍ତି। ଲୋକେ ରାତି ଅନିଦ୍ରା ହୋଇ ଜଗି ରହୁଛନ୍ତି। ହାତୀ ଦୈନନ୍ଦିନ ବନଖଣ୍ଡର କେଉଁଠି ନା କେଉଁଠି ଭଙ୍ଗାରୁଜା କରୁଛନ୍ତି। ଗୋରୁଗାଈ ଏବଂ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଭଳି ସ୍ଥିତିରେ ହାତୀ ମୁକାବିଲା କରିବା ପାଇଁ ଆବଶ୍ୟକ କର୍ମଚାରୀ ମଧ ଅଭାବ ପଡୁଛି। ଅନ୍ୟପଟେ ଡିଏଫଓ କାର୍ଯ୍ୟାଳୟରେ ୩ ଜଣ ବନପାଳ ଓ ୫ ଜଣ ବନରକ୍ଷୀ ନିୟୋଜିତ ଅଛନ୍ତି। ହଠାତ୍ କେଉଁଠି ଆବଶ୍ୟକ ପଡିଲେ ସେମାନଙ୍କୁ ପଠାଯାଉନାହିଁ। ଅନ୍ୟପଟେ ଆଜକୁ ୩ ଦିନ ହେବ ଲୋକେ ଡିଏଫଓ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମକୁ ଫୋନ କଲେ ଲାଗୁନାହିଁ। ବିଭିନ୍ନ ସମୟରେ ଫୋନ ମଧ କିଏ ଉଠାଉନଥିବା ଅଭିଯୋଗ ହେଉଛି। ତେଣୁ କଣ୍ଟ୍ରୋଲ ରୁମ ଫୋନ ୨୪ ଘଣ୍ଟିଆ କିଭଳି କାର୍ଯ୍ୟ କରିବ ସେଥିପ୍ରତି ଦୃଷ୍ଟି ଦେବା ସହ କାର୍ଯ୍ୟାଳୟରେ ବସି ରହିଥିବା କର୍ମଚାରୀଙ୍କୁ ହାତୀ ଉପଦ୍ରବ ଅଞ୍ଚଳକୁ ପଠାଇବାକୁ ଦାବି ହେଉଛି। ଅନ୍ୟପଟେ ବନ୍ୟପ୍ରାଣୀ ଫସଲ କ୍ଷତି କଲେ ଲୋକଙ୍କୁ ମାସ ମାସ ଧରି ଫସଲ କ୍ଷତି ପୂରଣ ସହାୟତା ପାଇବା ପାଇଁ ଅପେକ୍ଷା କରୁଛନ୍ତି। ପି ସି ସି ଏଫ ଅଫିସ ଅନୁମୋଦନ ମିଳିଲେ ହିଁ କ୍ଷତି ପୂରଣ ମିଳୁଛି। ଯାହାକୁ ନେଇ ଅସନ୍ତୋଷ ବଢୁଛି। ତେଣୁ ତହସିଲଦାର, ଉପଜିଲ୍ଲାପାଳଙ୍କ ଭଳି ଡିଏଫଓ ମାନଙ୍କୁ ମଧ ହିତାଧିକାରୀଙ୍କୁ ତତ୍କାଳ ସହାୟତା ରାଶି ପ୍ରଦାନ କ୍ଷମତା ଦିଆଯାଉ। ଏଥିସହ ହାତୀ ଯେଉଁ ଘର ଭାଙ୍ଗିଥିବ ସମ୍ପୃକ୍ତ ହିତାଧିକାରୀଙ୍କୁ ପକ୍କା ଘର ଯୋଜନାରେ ସାମିଲ କରିବାକୁ ବନ ବିଭାଗର ଅବସରପ୍ରାପ୍ତ ମୁଖ୍ୟ କିରାଣି ରମେଶ ପାତ୍ର ଦାବୀ କରିଛନ୍ତି। ସେପଟେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଲୋକଙ୍କୁ କିଭଳି ତୁରନ୍ତ ସହାୟତା ମିଳିପାରିବ ସେଥିପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଡି ଏଫ ଓ ହିମାଂଶୁ ଶେଖର ମହାନ୍ତି ଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କଣ୍ଟ୍ରୋଲ ରୁମ ଫୋନ ନମ୍ବର୍ କାହିଁକି ଲାଗୁନି ସେନେଇ ଯାଞ୍ଚ କରୁଛି। ଲୋକଙ୍କ ଧନ ଜୀନ କିଭଳି ସୁରକ୍ଷିତ ରହି ପାରିବ ସେଥିପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି।



ହାତୀ ଆତଙ୍କରୁ ରକ୍ଷା ପାଇବା ପାଇଁ ଡୁମାକୁମ୍ପା ପଂଚାୟତବାସୀ ରାତି ଉଜାଗର।

## ୪୫୦୦ ଲିଟର ପୋଚ ନଷ୍ଟ କଲା ପୋଲିସ

ସୋରଡା,(ରଜନୀ ମହାପାତ୍ର)ଗଞ୍ଜାମ ଜିଲା ବଡଗଡ ଥାନା ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ବେଆଇନ ମଦ ରନ୍ଧା ହେଉଥିବା ଖବର ପାଇ ବଡଗଡ ପୋଲିସ ବିଭିନ୍ନ ଜଗାରେ ଚଢାଉ କରିଛି। ଭୀମପୁର ଓ ବୁରୁପରା ଗ୍ରାମରେ ଚଢାଉ କରି ପୋଲିସ ୨୫୦୦ ଲିଟର ମହୁଲ ପୋଚ ନଷ୍ଟ କରିଛି। ସେହିପରି ଲେମ୍ବାକୁମ୍ପା ଓ ଖଜୁରିଆ ଡିହ ଛକରେ ଚଢାଉ କରି ୩ହଜାର ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି।

**ସଂକ୍ଷେପରେ**

## ଅଖଣ୍ଡ ନାମଯଜ୍ଞ ଉଦ୍ଯାପିତ

ବେଲଗୁଣ୍ଠା,୫।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ବ୍ଲକ୍‌ର କ୍ଷତ୍ରିୟବରପୁର ପଞ୍ଚାୟତ ଅନ୍ତର୍ଗତ ନୂଆଁ ପରଶୁଲୁଣ୍ଡା ଗ୍ରାମରେ ଶ୍ରୀ ପଞ୍ଚମୀଠାରୁ ଆରମ୍ଭ ହୋଇଥିବା ଚବିଶ ପ୍ରହରୀ ଅଖଣ୍ଡ ନାମ ଯଜ୍ଞ ବୁଧବାର ଉଦ୍ଯାପିତ ହୋଇଛି। ଏହି ନାମ ଯଜ୍ଞରେ ପରଶୁଲୁଣ୍ଡା ସହିତ ବିଜୟପୁର (ଟିଆଁଗିଆଁ), ବୁରପଲ୍ଲୀ, ଗୋଇରୀବାଡ଼ି ଏବଂ ଇନ୍ଦ୍ରଗଡ଼ର ସଂକୀର୍ତ୍ତନ ମଣ୍ଡଳୀ ଅଂଶ୍ରଗହଣ କରିଥିଲେ। ମାଧବରିଡା ମଠାଧୀଶ ନାମାଚାର୍ଯ୍ୟ ଭାବେ ଯୋଗ ଦେଇ ଯଜ୍ଞ ରୀତିନୀତି ସମ୍ପାଦନ କରିଥିଲେ। ସେହିପରି ପବିତ୍ର ତିଳ ସପ୍ତମୀ ଉପଲକ୍ଷେ ମଙ୍ଗଳବାର ଗୋବରା ନିକଟସ୍ଥ ବାସୁଦେବପୁର ଗ୍ରାମର ଆରମ୍ଭ ହୋଇଥିବା ଅଷ୍ଟପ୍ରହରୀ ଅଖଣ୍ଡ ନାମ ଯଜ୍ଞ ମଧ ବୁଧବାର ଉଦଯାପିତ ହୋଇଛି। ଏହି ଯଜ୍ଞରେ ବାସୁଦେବପୁର ଗ୍ରାମ ସମେତ କୁଶପଲ୍ଲୀ, ବରପଲ୍ଲୀ, ମରେଇପାଟ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଅଂଶ୍ରଗହଣ କରିଥିଲେ। ଯଜ୍ଞରେ ମୁଖ୍ୟ ପୂଜକ ଭାବେ ରତ୍ନପୁର ଗ୍ରାମର ସୂର୍ଯ୍ୟ ନାରାୟଣ ତ୍ରିପାଠୀ ଯୋଗଦେଇ ରୀତିନୀତି ସମ୍ପାଦନ କରିଥିଲେ। ଉଭୟ ଗ୍ରାମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।

## ପାରଳାଖେମୁଣ୍ଡିରେ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୫।୨(ଗିରିଧାରୀ ପରିଚ୍ଛା)- ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ମିଶନ ଶକ୍ତି କାଫେ ନିକଟରେ ମଧ ବୁଧବାର ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ,ଜିଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ,ଗୋଷାଣି ପଞ୍ଚାୟତ ସମିତି ଅଧକ୍ଷ ଏନ. ବିରାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ, ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ଓ ତହସିଲଦାର ନାରାୟଣ ବେହେରା ଉପସ୍ଥିତ ଥିଲେ। ଜିଲାର ସମସ୍ତ ବିଡିଓ ଓ ପିଇଓଙ୍କୁ ଏହି ବିକଶିତ ଗାଁ ବିକଶିତ ଓଡ଼ିଶାର ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଫେବୃଆରୀ ୧୫ ସୁଦ୍ଧା ପ୍ରତି ଗାଁର ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି।

## ବ୍ଲକ ବିଜେଡି ପକ୍ଷରୁ ବୈଠକ

ଶେରଗଡ଼, ୫।୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ସ୍ଥିତ ଦକ୍ଷିଣକାଳୀ ପୀଠରେ ବିଜୁ ଜନତା ଦଳର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି।ଏଥିରେ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକଙ୍କ ସଂଯୋଜନାରେ ହୋଇଥିବା ଏହି ବୈଠକ ରେ ଦଳର ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଦଳ ଭିତରେ ଶୃଙ୍ଖଳାର ସହ ସମସ୍ତେ ଭାଇଚାରା ମନୋଭାବରେ କାର୍ଯ୍ୟ କରିବାକୁ କୁହାଯାଇଥିଲା। ବିଭିନ୍ନ କାର୍ଯ୍ୟରେ କର୍ମୀ ଓ ନେତାମାନେ ଯେପରି ଅଣଦେଖା ନ ହୁଅନ୍ତି ସେଥିପ୍ରତି କର୍ମକର୍ତ୍ତାମାନେ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇଥିଲା। ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବରିଷ୍ଠ ନେତା ହୃଷୀକେଶ ପାଢ଼ୀ, ହୀନ ବେହେରା, ରଞ୍ଜନ ସେଠୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବୁଢ଼ା ପ୍ରଧାନ, ସୀମାଞ୍ଚଳ ପ୍ରଧାନ, କାହ୍ନୁଚରଣ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଚାଷୀଙ୍କ ସମସ୍ତ ଧାନ କ୍ରୟ କରିବା ନିମନ୍ତେ ଦାବି

# ମିଲରଙ୍କ ମନମୁଖି ବିରୋଧରେ ତାତିଲେ ଚାଷୀ



ଛତ୍ରପୁର,୫।୨(ଦିଲ୍ଲୀପ ସାମଲ):

ଗଞ୍ଜାମ ଜିଲାରେ କେତେକ ଧାନମଣ୍ଡରେ ମିଲରମାନେ ମନମୁଖୀ ଚଳାଇଛନ୍ତି। କେଉଁଠି ଚାଷୀଙ୍କ ଠାରୁ ନିୟମରୁ ଅଧିକ ଧାନ ନେଉଥିବା ବେଳେ ଆଉ କେଉଁଠି ଆଦୌ ଧାନ ସଂଗ୍ରହ କରୁନାହାନ୍ତି। ଏ ନେଇ ବାରମ୍ବାର ଜିଲା ପ୍ରଶାସନ ଏବଂ ଯୋଗାଣ ବିଭାଗକୁ ଜଣାଯାଇଥିଲେ ମଧ ଚାଷୀଙ୍କ ଦୁଃଖ କ କେହି ବୁଝୁ ନାହାନ୍ତି। ଏଭଳି ସମସ୍ୟା ନେଇ ବୁଧବାର ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ପୋଟଲାମପୁର ପଞ୍ଚାୟତର ଚାଷୀମାନେ ଭେଟିବା ସହ ନିଜର ହକ ଦାବି କରିଛନ୍ତି । ମିଲରମାନେ ଠିକରେ ଧାନ ଉଠାଉ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଚାଷୀ । ଚାଷୀଙ୍କ ସମସ୍ତ ଧାନ କିଣାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ ମାତ୍ର ଏ ପର୍ଯ୍ୟନ୍ତ ସେମାନଙ୍କ ଧାନ କାହିଁକି କିଣା ଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି ଚାଷୀ ନେତା ରାଜେନ୍ଦ୍ର ନାହାକ। ପଞ୍ଚାୟତର ସମସ୍ତ ଧାନ ୭ ଦିନ ମଧରେ କ୍ରୟ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ପୋଟଲାମପୁର ସମିତି ସଭ୍ୟ ଶମ୍ଭୁ ସ୍ୱାଇଁ କହିଛନ୍ତି। ଏହା ସହିତ ଚାଷୀମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଗଣପତି ବାରିକ,ଶତ୍ରୁଘନ ବିଶ୍ୱାଳ, ଶମ୍ଭୁ ନାଥ ସ୍ୱାଇଁ ଓ ରାଜେନ୍ଦ୍ର ନାହାକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଚାଷୀଙ୍କ ସମସ୍ୟା କିପରି ସମାଧାନ ହେବେ ସେ ନେଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

## ବର୍ଷକରେ ସଡ଼କ ଦୁର୍ଘଟଣାରେ ଯାଇଛି ୩୯୧ ଜୀବନ

ଛତ୍ରପୁର,୫।୨(ସନ୍ତୋଷ ପାଢ଼ୀ):

**ଗଞ୍ଜାମ ଜିଲା**

ଗଞ୍ଜାମ ଜିଲାରେ ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁ ସଂଖ୍ୟା କମୁ ନ ଥିବା ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ରାଜ୍ୟରେ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟାରେ ଗଞ୍ଜାମ ଜିଲା ୩ୟ ସ୍ଥାନରେ ରହିଛି। ଜିଲାରେ ୨୦୨୪ରେ ୮୧୮ଟି ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ୩୯୧ ଜଣଙ୍କ ଜୀବନ ଯାଇଥିବା ବେଳେ ୫୪୬ ଜଣ ଆହତ ହୋଇଛନ୍ତି। ୨୦୨୩ ଅପେକ୍ଷା ୨୦୨୪ରେ ଜିଲାରେ ଦୁର୍ଘଟଣା ହାର ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ହାର ୩ ପ୍ରତିଶତ କମିଛି। ୨୦୨୩ରେ ୭୪୦ଟି ସଡକ ଦୁର୍ଘଟଣା ଘଟିଥିଲା। ଯେଉଁଥିରେ ୪୦୫ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୪ରେ ଗଞ୍ଜାମ ଜିଲାରେ ୪୬ ପ୍ରତିଶତ ମୃତ୍ୟୁ ଜାତୀୟ ରାଜପଥରେ ହୋଇଥିବା ଜଣାପଡିଛି । ୪୧ ପ୍ରତିଶତ ଦୁର୍ଘଟଣା ଦ୍ରୁତଗତିରେ ଗାଡି ଚଳାଇବା ଯୋଗୁ ଘଟିଥିବା ଜଣାଯାଇଛି। ଚଳିତ ବର୍ଷ ଜାନୁଆରୀରେ ୩୦ ଦିନ ଧରି ସଡ଼କ ସୁରକ୍ଷା ମାସ ପାଳନ କରାଯାଇଥିଲା। ଜିଲାରେ ବିଭିନ୍ନ ସ୍ଥାନରେ ସ୍କୁଲ, କଲେଜରେ ସଚେତନତା ଶୋଭାଯାତ୍ରା ସହ ପଥପ୍ରାନ୍ତ ସଭା ଆୟୋଜନ ହୋଇଥିଲା । ସଡକ ସୁରକ୍ଷା ନିୟମ ମାନନ୍ତୁ ଏବଂ ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ ବୋଲି ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଏହାସତ୍ତ୍ୱେ ଜାନୁଆରୀ ୧ରୁ ୩୦ ତାରିଖ ମଧରେ ଜିଲାରେ ୬୧ଟି ସଡକ ଦୁର୍ଘଟଣା ଘଟି ଏଥିରେ ୩୦ ଜଣଙ୍କ ମୃତ୍ୟୁ ଘଟିଛି। ସେଥିମଧରେ ଗଞ୍ଜାମ ପୋଲିସ ଜିଲାରେ ୨୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବ୍ରହ୍ମପୁର ପୋଲିସ ଜିଲାରେ ୯ ଜଣଙ୍କ ଜୀବନ ଯାଇଛି। ୩୦ ଜଣ ଗୁରୁତର ଆହତ ହୋଇଥିବା ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

### ସ୍ମାର୍ଟ ମିଟର ବିଦ୍ୟୁତ୍ ବିଲରେ ତ୍ରୁଟି ପ୍ରସଙ୍ଗ

## ମାର୍ଚ୍ଚ ସୁଦ୍ଧା ନିଆଯିବ ଆବଶ୍ୟକ ପଦକ୍ଷେପ

ଗଞ୍ଜାମ,୫।୨(ବିଦ୍ୟାଧର ସାହୁ): ଟାଟା ପାୱାର ଲିମିଟେଡ୍ ପକ୍ଷରୁ ସାଧାରଣ ମିଟର ବାହାର କରାଯାଇ ସ୍ମାର୍ଟ ମିଟର ଲଗାଯିବା ପ୍ରକ୍ରିୟା ଚାଲୁ ରହିଛି। କିଛି ସ୍ଥାନରେ ଏହାର ଦୃଢ ପ୍ରତିବାଦ କରାଯାଉଛି ତ କିଛି ସ୍ଥାନରେ ଟାଟା ବିଦ୍ୟୁତ୍ ଉଚ୍ଚ କର୍ତ୍ତୃପକ୍ଷ ପୋଲିସ ସହାୟତାରେ ଜୋର ଜବରଦସ୍ତ ଲଗାଯାଇଛି ସ୍ମାର୍ଟ ମିଟର। ଏହି ମିଟର ଲାଗିବା ପରେ ପୂର୍ବ ମାସ ବିଲ ଅପେକ୍ଷା କାହାର ଅଧିକ ହଜାରେ ଟଙ୍କାରୁ ଉର୍ଦ୍ଧ୍ୱ ବିଲ୍ ଆସୁଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥଳେ ପୋଡ଼ମପେଟାବାସୀ ମଙ୍ଗଳବାର ଜଣେ ଟାଟା ସେକ୍ସନ ସୁପରଭାଇଜର ସମେତ ଦୁଇ ଜଣ କର୍ମଚାରୀଙ୍କୁ ଗ୍ରାମରେ ଅଟକ ରଖି ପ୍ରତିବାଦ କରିଥିଲେ। ବୁଧବାର ସିଏଚ୍ ଗଜଙ୍କ ନେତୃତ୍ୱରେ ଗ୍ରାମର ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଗଞ୍ଜାମ ସହରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ସେକ୍ସନ ଅଫିସର ସୂର୍ଯ୍ୟକାନ୍ତ ବିଶୋଇଙ୍କ ସହ ଆଲୋଚନା କରିଥିଲେ। ସମସ୍ୟା ଗୁଡ଼ିକ ଲିଖିତ ଆକାରରେ କାର୍ଯ୍ୟାଳୟରେ ଦେବାକୁ ଆଲୋଚନା ହୋଇଥିଲା। ଲିଖିତ ଅଭିଯୋଗ ହେବା ପରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

## ପ୍ରତିଭା ପ୍ରଦର୍ଶନ କଲେ ଶିକ୍ଷାର୍ଥୀ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ

କବିସୂର୍ଯ୍ୟନଗର,୫।୨(କୃପାସିନ୍ଧୁ ସ୍ୱାଇଁ)

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାର ଗୁଣବତ୍ତା ବୃଦ୍ଧି ଉଦ୍ଦେଶ୍ୟରେ ନିପୁଣ ଓଡିଶା କାର୍ଯ୍ୟକ୍ରମ ହେଉଛି। କବିସୂର୍ଯ୍ୟନଗର ବାଲ୍ୟସରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା ୭ଟି ବିଦ୍ୟାଳୟର ଶିକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। ଭାଷା, ସାହିତ୍ୟ,ଗଣିତ, ଜୀବନ କୌଶଳ, ସୂଚନା ପ୍ରଯୁକ୍ତି ଉପରେ ଶିକ୍ଷାର୍ଥୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶିକ୍ଷଣ ଓ ଶିକ୍ଷାଦାନ ସଂଯୋଜକ ସନ୍ତୋଷ ପଣ୍ଡା, ମୁଖ୍ୟବକ୍ତା ରୂପେ ବିଇଓ ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ରୂପେ ରଶ୍ମିରେଖା ମିଶ୍ର, ସିଆରସିସି ରମେଶ ଚନ୍ଦ୍ର ବେହେରା ଓ ସରପଞ୍ଚ ଆର. ଏନ ପୋଲାଈ ଉପସ୍ଥିତ ଥିଲେ । ଏହି ଅବସରରେ ପିଲାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପୂର୍ବତନ ଏମ୍‌ପି ଲଡୁକିଶୋରଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ



କବିସୂର୍ଯ୍ୟନଗର/ଆସିକା,୫।୨ (କୃପାସିନ୍ଧୁ ସ୍ୱାଇଁ/ ସୁରେନ୍ଦ୍ର ନାଥ ସାହୁ)

କବିସୂର୍ଯ୍ୟନଗର ପଥରା ବାସଭବନଠାରେ ପୂର୍ବତନ ଆସିକା ଏମ୍‌ପି ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଛି। ଲଡୁକିଶୋରଙ୍କ ସହଧର୍ମିଣୀ ତଥା ପ୍ରାକ୍ତନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ୨ ପୁତ୍ର ନଚିକେତା, ଅଶ୍ୱିନୀ ଏବଂ ବୋହୂ ପଥରାରେ ଲଡୁବାବୁଙ୍କ ପ୍ରତିମୂର୍ତ୍ତିଠାରେ ପୂଜାର୍ଚ୍ଚନା କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତାଙ୍କର ଯଶ, ଖ୍ୟାତି, କର୍ତ୍ତବ୍ୟନିଷ୍ଠା, ମାନବିକତା, ସରଳତା, ବିନମ୍ରତା ଓ ସେବାକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଲତିକା ପ୍ରଧାନ, ସୁବାଷ ବେହେରା, ସୁବାସ ମହାରଣା, ପୂର୍ବତନ ଏମ୍‌ପି ପ୍ରମିଳା ବିଷୋୟୀ, ସରପଞ୍ଚ ଭବାନୀ ଶଙ୍କର ମଲ୍ଲିକ, ଶିବ ନାହାକ, ସନ୍ତୋଷ ବେହେରା, ନଚିକେତା ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ଅଭିମନ୍ୟୁ ନାହାକ, ହର ପ୍ରସାଦ ସାହୁ, ରଞ୍ଜିତା ସାହୁ, ଚିନିଶିଳ୍ପ ସଭାପତି ରବୀନ୍ଦ୍ର ପଣ୍ଡା, ଜିଲା ପରିଷଦ ସଭ୍ୟ ମନୋଜ ଦୋରା,ମାହେଶ୍ୱରୀ ଦୋରା, ହାଡୁବନ୍ଧୁ କର, ସୁରଥ ଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ମହାପାତ୍ର ଭଗବାନ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମକା, କପା ମଣ୍ଡି ଖୋଲିବା ଦାବିରେ ସଂଯୁକ୍ତ କିଶାନ ପକ୍ଷରୁ ବିକ୍ଷୋଭ




ସଂଯୁକ୍ତ କିଶାନ ଗଜପତି ଜିଲା ଶାଖା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ପାରଳାଖେମୁଣ୍ଡି,୫।୨(ଗିରିଧାରୀ ପରିଚ୍ଛା)

ସଂଯୁକ୍ତ କିଶାନ ଗଜପତି ଜିଲା ଶାଖା ପକ୍ଷରୁ ମକା ଓ କପା ମଣ୍ଡି ଖୋଲିବା ଦାବିରେ ବୁଧବାର ମଧ୍ୟାହ୍ନ ୧୨ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛଇ। ଏଥିସହ କର୍ମକର୍ତ୍ତାମାନେ ଜିଲାପାଳ ବିଜୟ କୁମାର ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘର ଶତାଧିକ ସଦସ୍ୟ ପାରଳାଖେମୁଣ୍ଡି କଲେଜ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାରେ ୭ଟି ବ୍ଲକ୍‌ରୁ ମୋହନା, ଉଦୟଗିରି, ନୂଆଗଡ ଓ ରାୟଗଡ଼ ବ୍ଲକରେ ବହୁ ମାତ୍ରାରେ ଲୋକେ ମକା ଓ କପା ଚାଷ ଉପରେ ନିର୍ଭର କରୁଛନ୍ତି। ଏହି ଚାଷ କରି ସେମାନେ ଗୁଜରଣ ମେଣ୍ଟାଇଥାନ୍ତି। ବର୍ଷ ବର୍ଷ ଧରି ସେମାନେ ଏହିଚାଷ କରି ଆସୁଥିଲେ ମଧ ଜିଲାରେ ମଣ୍ଡି ନ ଥିବାରୁ ଅମଳ ପରେ ଚାଷୀ ସଠିକ ଦରରେ ବିକ୍ରି କରିପାରୁନାହାନ୍ତି। ଫଳରେ ଚାଷୀ ବାଧ ହୋଇ ଅମଳ ମକା ଓ କପାକୁ ଶାଗ ମାଛ ଦରରେ ବିକ୍ରି କରୁଛନ୍ତି। ପୂର୍ବରୁ ମୋହନା ବ୍ଲକ ଲୁହାଗୁଡି ଠାରେ ଏକ କପା ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ଅନୁଯାୟୀ ନିର୍ମାଣ ହୋଇଥିଲେ ମଧ ତାହା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଜିଲାରେ ମଣ୍ଡି ନ ଥିବା ହେତୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଶୀଘ୍ର ଜିଲାର ମକା , କପା ଚାଷୀଙ୍କ ପାଇଁ ମଣ୍ଡି ଖୋଲି ସୁଲଭ ଦରରେ ଏହାକୁ କିଣିବା ଲାଗି ଦଳ ପକ୍ଷରୁ ଦାବି କରାଯାଇଛି। ପ୍ରଶାସନ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଓଡିଶା କୃଷକ ସଭାର ରାଜ୍ୟ ସଦସ୍ୟ ଦଣ୍ଡପାଣି ରଇତ,ଜେନା ସୁବାସ ରାଓ, ତାଲିକା ଶବର, ଲୋକନାଥମ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପାଇପ୍ ଫଟାଇ ଦେଲେ ଠିକାଦାର, ଜଳ ଯୋଗାଣ ବନ୍ଦ

ଶେରଗଡ଼, ୫।୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ଦେଇ ଚିନ୍ନୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। କିଛି ଦିନ ହେଲା ଶେରଗଡ ଦେଇ ଉକ୍ତ ରାସ୍ତା କାର୍ଯ୍ୟ ହେଉଛି। ରାସ୍ତା ନିର୍ମାଣ ଦାୟିତ୍ୱ ନେଇଥିବା ସଂସ୍ଥାକୁ ରାସ୍ତାରେ ପାଣି ପାଇପ ଯାଇଥିବା ଅବଗତ କରାଯାଇଥିଲା। ଏହା ସତ୍ତ୍ୱେ ସମ୍ପୃକ୍ତ ଠିକାଦାର ରାସ୍ତା ପ୍ରଶସ୍ତୀକରଣ ସମୟରେ ପାଇପକୁ ଭାଙ୍ଗି ରାସ୍ତା ଖୋଳି କାର୍ଯ୍ୟ କରିଥିଲା। ଫଳରେ ପ୍ରାୟ ୫ ମିଟର ପାଇପ ଭାଙ୍ଗି ଯାଇଥିଲା। ଏଥିଯୋଗୁ ଶେରଗଡ଼ ରେ ପିଇବା ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ କିଛି ସୁଫଳ ମିଳିନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଝରପାରି ଟିମ୍ ଚାମ୍ପିୟନ

**ଟେନିସ୍ ବଲ କ୍ରିକେଟ ଟୁର୍ନାମେଣ୍ଟ**

ଧରାକୋଟ,୫।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଧରାକୋଟ ପ୍ରିମିୟର ଲିଗ ଉଦ୍ଯାପିତ ହୋଇଛି । ଫାଇନାଲ ମ୍ୟାଚ ନନ୍ଦିଗର ଓ ଝରପାରି ଟିମ୍ ମଧରେ ହୋଇଥିଲା। ଝରପାରୀ ପ୍ରଥମେ ବ୍ୟାଟିଂ କରି ୧୨ ଓଭର ଖେଳି ୭ ଉଇକେଟ ବିନିମୟରେ ୧୩୫ ରନ ସଂଗ୍ରହ କରିଥିବା ବେଳେ ନନ୍ଦିଗର ଟିମ୍ ମାତ୍ର ୭୬ ରନ ସଂଗ୍ରହ କରି ପାରିଥିଲା। ଚାମ୍ପିୟନ ଝରପାରି ଦଳର ସିପୁ ମ୍ୟାନ ଅଫ ଦି ସିରିଜ ହୋଇଥିବା ବେଳେ ନାରୁ ମ୍ୟାନ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କାର ହାସଲ କରିଥିଲେ । ବିଜୟୀ ଦଳକୁ କପ ସହ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିବାବେଳେ ରନର୍ସ ଅଫ ଦଳକୁ କପ ସହ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଅମ୍ପାୟାର ଭାବେ ମିଥୁନ ଓ ପିଣ୍ଟୁ ଖେଳ ପରିଚାଳନା କରିଥିଲେ। ଉଦ୍ଯାପନୀ କାର୍ଯକ୍ରମରେ ୟଙ୍ଗ କ୍ରିକେଟ କ୍ଲବର ସଭାପତି ସୁନିଲ କୁମାର ଗୌଡ଼ ସଭାପତିତ୍ୱ କରିଥିଲାବେଳେ ବିଷ୍ଣୁକେଶରୀ ଆଚାର୍ଯ୍ୟ ମୁଖ୍ୟ ଅତିଥି ଓ ସମାଜିକ କର୍ମୀ ଗିରିଜା ପ୍ରସାଦ ଦାସ, ଆଲୋକ ମହାପାତ୍ର, ୟଙ୍ଗ କ୍ରିକେଟ କ୍ଲବ ସଭ୍ୟ ଦିଲୀପ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ସୋନୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ୟଙ୍ଗ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଦାୟିତ୍ୱ ହସ୍ତାନ୍ତରରେ ଚାଲିଛି ଶେରଗଡ଼ ବ୍ଲକ

### ବିଡିଓ, ତହସିଲଦାର ନାହାନ୍ତି, ଉନ୍ନୟନ କାର୍ଯ୍ୟ ପ୍ରଭାବିତ

ଶେରଗଡ଼, ୫।୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଏବେ ମୁରବୀଶୂନ୍ୟ ହୋଇପଡିଛି। ଏଠାରେ ଥିବା ବିଡିଓ ପଦବୀ କେବଳ 'କା'ରେ ଚାଲିଛି। ଏବେ ବ୍ଲକରେ ବିଡିଓ ନାହାନ୍ତି କି ତହସିଲଦାର ନାହାନ୍ତି। ଗତ ଏକ ମାସ ତଳେ ବିଡ଼ିଓ ଶିବାଶିଷ ବରାଳ ତାଙ୍କର ବଦଳି ପରେ ଏଠାକୁ ଯୋଗ ଦେବାକୁ କୌଣସି ଅଧିକାରୀ ନ ଆସୁଣୁ ତହସିଲଦାର ତ୍ରିଦେବ ରଥଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଚାଲିଯାଇଥିଲେ। ଏବେ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ରଥ ୧୫ ଦିନ ହେଲା ତିନିମାସିଆ ତାଲିମରେ ଚାଲି ଯାଇଛନ୍ତି। ସେ ଧରାକୋଟ ତହସିଲଦାରଙ୍କୁ ତହସିଲ ଦାୟିତ୍ୱ ଓ ଏବିଡିଓଙ୍କୁ ବିଡିଓ ଦାୟିତ୍ୱ ଦେଇ ଚାଲିଯାଇଛନ୍ତି। ଫଳରେ ବ୍ଲକ ତହସିଲ ମୁରବୀଶୂନ୍ୟ ହୋଇ କାମଚଳା ନୀତିରେ ଚାଲିଛି। ଏଥିପାଇଁ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ହୋଇପାରୁ ନ ଥିବା ବେଳେ ବିଭିନ୍ନ କାର୍ଯ୍ୟରେ ଲୋକେ ବ୍ଲକ ଓ ତହସିଲକୁ ଆସି ନିରାଶରେ ଫେରୁଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବ୍ଲକ ପାଇଁ ସ୍ଥାୟୀ ବିଡିଓ ଓ ତହସିଲଦାର ନିଯୁକ୍ତି ଦିଗରେ ପଦକ୍ଷେପ ନେବାକୁ ଶେରଗଡ଼ବାସୀ ଦାବି କରିଛନ୍ତି।

## ଜିଲାପାଳଙ୍କୁ ଭେଟିଲେ ହିନ୍ଦୁ ସୁରକ୍ଷା ମଞ୍ଚର କର୍ମକର୍ତ୍ତା

ପାରଳାଖେମୁଣ୍ଡି,୫।୨(ଗିରିଧାରୀ ପରିଚ୍ଛା)

ଚଳିତ ମାସ ୧୪ରୁ ୧୭ ପର୍ଯ୍ୟନ୍ତ ତିନି ଦିନ ଧରି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଆୟୋଜନ ହେବାକୁ ଥିବା ଧର୍ମୀୟ ସଭାକୁ ବିରୋଧ କରିଛି ଗଜପତି ହିନ୍ଦୁ ସୁରକ୍ଷା ମଞ୍ଚ। ବୁଧବାର ବିଭିନ୍ନ ହିନ୍ଦୁ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଓ ସାଧୁ ସନ୍ଥଙ୍କ ଏକ ଶୋଭାଯାତ୍ରା ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କର୍ମକର୍ତ୍ତା ଓ ସାଧୁସନ୍ଥମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଖବରରୁ ଜଣାପଡିଛି, ମୋହନା ବ୍ଲକ ଅନ୍ତର୍ଗତ କପାଖାଲ ନିକଟରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଦ୍ୱାରା ଆୟୋଜନ ହେବାକୁ ଥିବା ପ୍ଲାଟିନମ ଓ ବାର୍ଷିକ ଉତ୍ସବ ଅବସରରେ ହେବାକୁ ଥିବା ସଭାରେ ଲକ୍ଷାଧିକ ଜନସମାବେଶ ହେବ । ଏଥିସହ ସଭା ଆୟୋଜନ ପାଇଁ ହଜାର ହଜାର ସଂଖ୍ୟାରେ ଗଛ କଟାଯିବ। ବହୁ ସଂଖ୍ୟାରେ ଗୋହତ୍ୟା ଏବଂ ଧର୍ମାନ୍ତରୀକରଣ ହେବାର ଆଶଙ୍କା ରହିଛି। ଫଳରେ ଏହାକୁ ହିନ୍ଦୁ ସମାଜ ପକ୍ଷରୁ ବିରୋଧ କରାଯାଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳ ବିଜୟ କୁମାର ଦାସଙ୍କୁ ପ୍ରଦାନ କରି ମଞ୍ଚର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। କପାଖାଲ ଏକ ଛୋଟିଆ ଗ୍ରାମ। ଏଠାରେ ଲକ୍ଷାଧିକ ଲୋକ ଏକାଠି ହେବା ଏବଂ ଦନ୍ତାରିନାଳ ବାଲିବାଡଠାରେ ଏକ ସରକାରୀ ଜାଗାରେ ସଭାକୁ ଆସିବାକୁ ଥିବା ଲୋକଙ୍କ ରହିବାକୁ କୁଟୀର ନିର୍ମାଣ ପାଇଁ ବହୁସଂଖ୍ୟାରେ ଗଛ କାଟିବାକୁ ହେବ। ସଭା ପାଇଁ ବହୁସଂଖ୍ୟକ ଗୋ ହତ୍ୟା କରାଯିବାର ମଧ ଆଶଙ୍କା ରହିଛି ବୋଲି ପ୍ରତିନିଧି ଦଳ ଜିଲାପାଳଙ୍କୁ ଅବଗତ କରାଇ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ମଞ୍ଚର ସ୍ୱାମୀ ସତ୍ୟାନନ୍ଦ ଗିରି, ସ୍ୱାମୀ ଭାସ୍କର ତୀର୍ଥ, ଲୋକନାଥ ମିଶ୍ର, ରାଜିଭନାଥ ଖାଡାଙ୍ଗାଙ୍କ ସହ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।



କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

## ମହିଳାଙ୍କୁ ହତ୍ୟା ଧମକ

ଦିଗପହଣ୍ଡି,(ଅଶେଷନାଥ ମିଶ୍ର)ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ଜଣେ ମହିଳାଙ୍କୁ ସେହି ଗ୍ରାମର ପିଣ୍ଟୁ ପ୍ରଧାନ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ନଂ.୫୪/୨୫ରେ ମାମଲା ରୁଜୁ ହୋଇଛି। ଗତ ମଙ୍ଗଳବାର ସକାଳେ ମହିଳା ଜଣକ ଗ୍ରାମରେ ଲକ୍ଷ୍ମୀ ବରାହ ନୃସିଂହ ଯାତ୍ରାକୁ ଯାଉଥିବା ବେଳେ ପିଣ୍ଟୁ ତାଙ୍କୁ ବାଟରେ ଅଟକାଇ ଆପତ୍ତିଜନକ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଛି। ଏସ୍ଆଇ ଦୁଷ୍ମନ୍ତ କୁମାର ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି ବୋଲି ଆଇଆଇସି ପ୍ରଶାନ୍ତ ପାତ୍ର କହିଛନ୍ତି।

# ଗ୍ରାମାଞ୍ଚଳର ବିକାଶ ଗ୍ରାମସଭାରେ ନିଷ୍ପତ୍ତି ହେବ



ଦିଗପହଣ୍ଡିରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଛତ୍ରପୁର, ୫।୨(ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ): ରାଜ୍ୟରେ ବିକଶିତ ଗାଁ ବିକଶିତ ଓଡ଼ିଶା ସମୃଦ୍ଧ ଓଡିଶାର ନୂତନ ପରିଭାଷା ଯୋଜନାର ଖୋର୍ଦ୍ଧା ଜିଲାର ଜଟଣୀ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ମୁଖ୍ୟାଳୟ ଓ ଛତ୍ରପୁର ପଞ୍ଚାୟତ ସମିତି ଆନୁକୁଲ୍ୟରେ ଛତ୍ରପୁର ଅନ୍ତର୍ଗତ ମିନି ଷ୍ଟାଡିୟମ ଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ ହେଲା ୫ ହଜାର କୋଟି ଟଙ୍କାର ବ୍ୟୟବରାଦରେ ୫ ବର୍ଷ ପାଇଁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମୀଣ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଉପଜିଲାପାଳ ଶିବାଶିଷ ବରାଳ, ଛତ୍ରପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଏସ୍.ଶାରଦା ରେଡ୍ଡି, ବିଡ଼ିଓ ଅନୁପାତାନନ୍ଦ ଜାନିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଭଞ୍ଜନଗର, (ବାବୁଲା ପ୍ରଧାନ):** ବିକଶିତ ଗାଁ,ବିକଶିତ ଓଡିଶା ଯୋଜନାର ଶୁଭାରମ୍ଭ ବୁଧବାର ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏନେଇ ଭଞ୍ଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ଏଥିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ରୂପାୟନ ପରେ ଗ୍ରାମାଞ୍ଚଳର ବିକାଶ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷ ନରି ସଭା ନାୟକ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର, ଯନ୍ତ୍ରୀ ରବିନ୍ଦ୍ର ନାୟକ ଉପସ୍ଥିତ ଥିଲେ।

**ଆସିକା, (ସୁରେନ୍ଦ୍ର ନାଥ ସାହୁ):** ଆସିକା ତହସିଲ ପଡିଆରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଅନିଲ ସେଠୀ, ଡେପୁଟି କଲେକ୍ଟର ଅମିତ ହୋତା, ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରେସମା ଦୋରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ।

**ଶେରଗଡ଼, (ସୂର୍ଯ୍ୟ ନାରାୟଣ ଦାଶ):** ଶେରଗଡ଼ ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ସୁଧାଂଶୁ ଶେଖର ତରାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଦାଶ, ସିଡିପିଓ ମମତାଞ୍ଜଳି ପଣ୍ଡା, ସଦାଶିବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ପକ୍ଷରୁ ଏମ୍‌ପି ପ୍ରତିନିଧି ଶିଶିର ମିଶ୍ର, ଉଦୟନାଥ ପ୍ରଧାନ, ଜୟରାମ ସ୍ୱାଇଁ, ଜୟଦେବ ଜେନା, ଜିତେନ୍ଦ୍ର ମହାରଣା, ମକରା ସ୍ୱାଇଁ, ନୟନୀ ଦଳେଇ, ଜନାର୍ଦ୍ଦନ ପାତ୍ର, କୃଷ୍ଣଚନ୍ଦ୍ର ସୁଆସିଆ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

**ବୁଗୁଡ଼ା (କାଳିଚରଣଦାଶ):** ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲା। ବେଳେ ଏଲଇଡି ମାଧ୍ୟମରେ ଏହାର ସିଧା ପ୍ରସାରଣ କରାଯାଇଥିଲା। ବିଡ଼ିଓ ଦ୍ୟୁତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର ନାୟକ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ସାହୁ,ପିଇଓ ସୁବ୍ରତ ଗଡ଼ନାୟକ ଉପସ୍ଥିତ ଥିଲେ।

**ପୁରୁଷୋତ୍ତମପୁର, (ସିମାଞ୍ଚଳ ମିଶ୍ର):** ପୁରୁଷୋତ୍ତମପୁର ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ପରିଷରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ବିଡିଓ ନିରାକାର ଜେନାଙ୍କ ସଂଯୋଜନାରେ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ ଯୋଗଦେଇ ବିକାଶର କିଛି ଦଳନଥାଏ ଏଣୁ ଦଳଗତ ନିର୍ବିଶେଷରେ ପୁରୁଷୋତ୍ତମପୁର ଅଞ୍ଚଳର ବିକାଶ ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ି ରାଜ୍ୟରେ ପୁରୁଷୋତ୍ତମପୁରକୁ ଏକ ନମ୍ବର ବ୍ଲକ ଭାବରେ ଗଢ଼ିତୋଳିବା ଲାଗି ଆହ୍ୱାନ ଦେଇଥିଲେ।

**ଧରାକୋଟ,(ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ବ୍ଲକରେ ରାଜ୍ୟ ସରକାରଙ୍କର ପ୍ରଯୋଜିତ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଡ଼ିଓ ଡେନିସ୍ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ,ଏବିଡ଼ିଓ ସୁଶୀଲ ପଟ୍ଟନାୟକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ଜିପିଇଓ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଖଲ୍ଲିକୋଟ,୫।୨(ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ କୁମାରୀ ଦାସ, ଉପାଧ୍ୟକ୍ଷ ଭାରତୀ ମହାରଣା, ତହସିଲଦାର ଡି. ମାଳେଶ୍ୱର ପାତ୍ର, ଏଇ ହରେକୃଷ୍ଣ ସାହୁ, ଆସିକା ଏମ୍‌ପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

**ଗଞ୍ଜାମ,(ବିଦ୍ୟାଧର ସାହୁ):** ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ଏ ସମ୍ପର୍କିତ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏନ୍‌ଏସି ଉପନଗରପାଳ ସୁରେନ୍ଦ୍ର ବାରିକି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ସମିତି ସଭ୍ୟା ଗୀତାଞ୍ଜଳି ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ବିଧାୟକ ପ୍ରତିନିଧି ମାନସ ନାୟକ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସମିତି ମେମ୍ବର ଧ୍ରୁବ ଚରଣ ପଲାଇ, ସରପଞ୍ଚ ସନ୍ତୋଷିନୀ ବେହେରା, ବୈରାଗୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପଛୁଆ ବର୍ଗ ତଥା ଆର୍ଥିକ କ୍ଷେତ୍ରରେ ପଛରେ ଥିବା ବ୍ୟକ୍ତି ବେଶେଷ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଯୋଜନାର ଲକ୍ଷ୍ୟ ବୋଲି ଉପସ୍ଥିତ ନେତାମାନେ ମତବ୍ୟକ୍ତ କରିଥିଲେ।

**ଚିକିଟି,(ପ୍ରକାଶ ଚନ୍ଦ୍ର ସାହୁ):** ଚିକିଟି ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବିକଶିତ ଗାଁବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହିକାର୍ଯ୍ୟକ୍ରମରେ ବିଡ଼ିଓ ଲକ୍ଷ୍ମଣ ସୁରେନ, ତହସିଲଦାର ବିଶ୍ୱରଞ୍ଜନ କହଁର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ପୁରଞ୍ଜିତ ପାତ୍ର, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ବ୍ଲକ ଏଇ ଉଦୟ ନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ପ୍ରତ୍ୟେକ ପଞ୍ଚାୟତର ଗାଁଗୁଡ଼ିକରେ ପଲ୍ଲୀସଭା ଓ ଗ୍ରାମସଭା ଦ୍ୱାରା ବିଭିନ୍ନ ସମସ୍ୟା ସମାଧାନ ହୋଇପାରିବ ବୋଲି ଆଲୋଚନା ହୋଇଥିଲା।

**ପାତ୍ରପୁର, (ଉମା ଚରଣ ନେପାକ):** ପାତ୍ରପୁର ବ୍ଲକରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ ଅଧକ୍ଷା ୱାଇ.ସଂଯୁକ୍ତା ଉଦ୍‌ଘାଟନ କରିଥିଲେ। ଉପାଧକ୍ଷ ଅନାଦି ଚରଣ ପଣ୍ଡିତ, ଅତିରିକ୍ତ ତହସିଲଦାର ଦିଲୀପ ଦେଉରୀ, ଏବିଡ଼ିଓ ବିଜୟ ପ୍ରଧାନ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନେହାଶିଷ ପଟ୍ଟନାୟକ, ସିପି ଦେବାଶିଷ ପ୍ରଧାନ ପରିଚାଳନା କରିଥିଲେ।

**କବିସୂର୍ଯ୍ୟନଗର, (କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ବ୍ଲକରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ବ୍ଲକ ଅଧକ୍ଷ ବୀରେନ୍ଦ୍ର ଖଟେଇ, ଅନ୍ୟତମ ଅତିଥି ରୂପେ ପାଇକଯମୁନା ସରପଞ୍ଚ ସତ୍ୟବାନ ସାହୁ, ଆଦିତ୍ୟ ତ୍ରିପାଠୀ, ସିଡିପିଓ ବୀଣାପାଣି ମିଶ୍ର, ଏଇଇ ରମେଶ ଲେଙ୍କା ସମେତ୍ତ ବ୍ଲକ କର୍ମଚାରୀ, ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ।

**ଦିଗପହଣ୍ଡି,୫।୨(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଗ୍ରାମାଞ୍ଚଳର ବିକାଶ ସକାଶେ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ବୋଲି ଉଦବୋଧନ ଦେଇଥିଲେ। ବିଡିଓ ଡ.ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


### ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ (ୱାଗନ୍)/ଖଡ଼ଗପୁର ୱାର୍କଶପ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ସେହିଦିନ ୧୫.୦୦ ଘଟିକାରେ ଖୋଲାଯିବ। କ୍ର.ସଂ.; ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଓ ଅପ୍‌ଲୋଡିଂ ତାରିଖ; କାର୍ଯ୍ୟର ନାମ; କାର୍ଯ୍ୟର ଆନୁମାନିକ ମୂଲ୍ୟ; ଅମାନତ ରାଶି: (୧); ଇ-ଡିୱାଇ-ଡବ୍ଲ୍ୟୁଡବ୍ଲ୍ୟୁ-ଇଓଟି-କ୍ରେନ୍-୭, ତାରିଖ ୦୩।୦୨।୨୦୨୫; ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପଠାରେ ୦୭ ଗୋଟି ଇଓଟି କ୍ରେନ୍ (୧୫/୫ ଟନ୍ କ୍ଷମତା)ର ରିକଣ୍ଡିସନିଂ; ₹୩୦,୧୬,୩୬୬/-, ଜିଏସ୍‌ଟି @ ୧୮% ସମେତ; ₹୬୦,୩୦୦/-। (୨); ଇ-ଡିୱାଇ-ଡବ୍ଲ୍ୟୁଡବ୍ଲ୍ୟୁ - ଓଟିଆର୍-ଏଡିଓଆର୍-୨୯-ଡବ୍ଲ୍ୟୁପି-ଆର୍‌ଇ, ତାରିଖ ୦୪।୦୨।୨୦୨୫; ଏଡିଓଆର୍ ଗଠନର ୧୪ ଗୋଟି ଆର୍କ ୱେଲ୍‌ଡିଂ ପ୍ଲାଣ୍ଟ, ୦୫ ଗୋଟି ଏମ୍‌ଆଇଜି/ଏମ୍‌ଏଜି ୱେଲ୍‌ଡିଂ ପ୍ଲାଣ୍ଟ ଏବଂ ୧୦ ଗୋଟି ପ୍ଲାଜ୍ମା କଟିଂ ପ୍ଲାଣ୍ଟର ଏକକାଳୀନ ମରାମତି; ₹୮,୯୩,୭୩୨/-, ଜିଏସ୍‌ଟି @ ୧୮% ସମେତ; ₹୧୭,୯୦୦/- । ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ଉଭୟ ପାଇଁ ତା୨୬।୦୨।୨୦୨୫ରିଖ ୧୫.୦୦ ଘଟିକା । ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: ଉଭୟ ପାଇଁ www.ireps.gov.in । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-1101)



See Career Appointment on every Wednesday & Saturday



### ପୂର୍ବ ତଟ ରେଳପଥ
### ପାର୍କିଂ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

ଷ୍ଟେସନ ଏବଂ ସ୍ଥାନ : (1) ମଞ୍ଚେଶ୍ୱର-MIX (2-ସହ-4 ଚକିଆ) (ପରିଚଳନ କ୍ଷେତ୍ରରେ), (2) ତାଳଚେର ରୋଡ୍-MIX (2-ସହ-4 ଚକିଆ) (ପରିଚଳନ କ୍ଷେତ୍ରରେ), (3) ସାକ୍ଷୀଗୋପାଳ-2 ଚକିଆ (ଷ୍ଟେସନ ବିଲ୍ଡିଂ ସାଇଡ), (4) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଂ ବେସ୍‌ମେଣ୍ଟରେ), (5) କଟକ-2 ଚକିଆ (ପରିଚଳନ କ୍ଷେତ୍ର ନିକଟରେ), (6) ନରଣପୁର-2 ଚକିଆ (ଷ୍ଟେସନ ବିଲ୍ଡିଂ ନିକଟରେ), (7) ରାହାମା-MIX (2-ସହ-4 ଚକିଆ) (ପରିଚଳନ କ୍ଷେତ୍ରରେ), (8) ନିରାକାରପୁର-MIX (2-ସହ-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.02.2025, 1100 ଘଟିକା (କ୍ରମ ସଂ.1 ଓ 2 ପାଇଁ), 14.02.2025, 1100 ଘଟିକା (କ୍ରମ ସଂ.3, 4 ଓ 5 ପାଇଁ), 17.02.2025, 1100 ଘଟିକା (କ୍ରମ ସଂ.6 ପାଇଁ) ଏବଂ 18.02.2025, 1100 ଘଟିକା (କ୍ରମ ସଂ.7 ଓ 8 ପାଇଁ)।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : 13.02.2025, 1130 ଘଟିକା (କ୍ରମ ସଂ.1 ପାଇଁ) ଓ 1140 ଘଟିକା (କ୍ରମ ସଂ.2 ପାଇଁ), 14.02.2025, 1130 ଘଟିକା (କ୍ରମ ସଂ.3 ପାଇଁ), 1140 ଘଟିକା (କ୍ରମ ସଂ.4 ପାଇଁ) ଓ 1150 ଘଟିକା (କ୍ରମ ସଂ.5 ପାଇଁ), 17.02.2025, 1130 ଘଟିକା (କ୍ରମ ସଂ.6 ପାଇଁ) ଏବଂ 18.02.2025, 1130 ଘଟିକା (କ୍ରମ ସଂ.7 ପାଇଁ) ଓ 1140 ଘଟିକା (କ୍ରମ ସଂ.8 ପାଇଁ)।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ୍‌ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-948/P/24-25


## ସନାତନୀ କର୍ମ ହିଁ ଧର୍ମ ଫିଲ୍ମ ବ୍ୟାନ୍ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

ଜି.ଉଦୟଗିରି,୫।୨(ଚିନ୍ମୟ କୁମାର ସେଠୀ): ଜି.ଉଦୟଗିରି ଖ୍ରୀଷ୍ଟିଆନ ସମୁଦାୟ ତରଫରୁ ସନାତନୀ ଧର୍ମ ହିଁ କର୍ମ ଚଳଚ୍ଚିତ୍ରକୁ ବିରୋଧ କରି ଅତିରିକ୍ତ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିବାକୁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ମଧ ଦାବି ପତ୍ର ପ୍ରଦାନ କରାଯାଇଛି। ଚଳଚ୍ଚିତ୍ରକୁ ବିରୋଧ କରୁଥିବା ଖ୍ରୀଷ୍ଟ ସମୁଦାୟର ସୂଚନାନୁସାରେ ଉକ୍ତ ଚଳଚ୍ଚିତ୍ରରେ ଖ୍ରୀଷ୍ଟିଆନ ମାନଙ୍କୁ ପ୍ରଲୋଭନ କାରୀ, ଲୁଣ୍ଠନ କାରୀ, ଜମି ହଡ଼ପ କାରୀ, ପ୍ରତାରଣା କାରୀ ବୋଲି ଦର୍ଶାଯାଇଛି। ଯାହାକୁ ଖ୍ରୀଷ୍ଟ ଧର୍ମ ପ୍ରମାଣ ବିହୀନ ଓ ଅଯୌକ୍ତିକ ବୋଲି ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତିରେ ରାଜ୍ୟର ସାମ୍ପ୍ରଦାୟିକ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳଚ୍ଚିତ୍ରକୁ ମୁକ୍ତିଲାଭ ନ କରିବା ପାଇଁ ଅନୁରୋଧ କରିଛନ୍ତି। ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସୁରଞ୍ଜନ ନାୟକ, ପ୍ରତାପ ପ୍ରଧାନ, ପ୍ରଶାନ୍ତ କୁମାର ଦାସ, ପୁରେଶ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଗଗନ ପ୍ରଧାନ, ପ୍ରେମ ପ୍ରକାଶ ସିଂ, ଦୀନେଶ ନାୟକ, ସୂର୍ଯ୍ୟକାନ୍ତ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


### WORKS DEPARTMENT
### OFFICE OF THE SUPERINTENDING ENGINEER
### ROURKELA (R&B) DIVISION, UDITNAGAR, ROURKELA

No. B-916 E-Mail Id: eepwdrkl@gmail.com

**Government of Orissa "e" Procurement Notice**

Bid Identification No. 92/2024-25 Dated: 03.02.2025

| | | |
|---|---|---|
| 1. | Number of Works | : 2 (Two) Number of Works |
| 2. | Estimated Cost | : Rs.78.99 Lakhs to 98.17 Lakhs |
| 3. | Period of Completion | : 4 (Four) to 6 (Six) Calendar Months |
| 4. | Date & Time of availability of Bid Document in the Portal | : Dt.06.02.2025 at 11.00 A.M. |
| 5. | Last date/time for receipt of Bids in the Portal | : Dt.17.02.2025 upto 05.00 P.M. |
| 6. | Date of Opening of Bid | : Dt.18.02.2025 at 11.00 A.M. |
| 7. | Name & Address of the Officer Inviting Bid | : Superintending Engineer, (R&B) Division, Rourkela, Udit Nagar |

Further details can be seen from the e-procurement portal http//tendersorissa.gov.in.

Sd./- Superintending Engineer
Rourkela (R&B) Division
OIPR-34068/11/0023/2425



### ବୀମା ଲୋକପାଳ ପରିଷଦ, ମୁମ୍ବାଇ
### ବୀମା ଲୋକପାଳ ପଦବୀ ପାଇଁ ଖାଲି ସ୍ଥାନ

CIO ବୀମା ଲୋକପାଲ ପରିଷଦ Council for Insurance Ombudsmen

ବିଜ୍ଞାପନ ନଂ.୧/୨୦୨୫ ତାରିଖ: ୦୬।୦୨।୨୦୨୫

ଅହମ୍ମଦାବାଦ, ଭୁବନେଶ୍ୱର, ଦିଲ୍ଲୀ, କୋଲକାତା, ଲକ୍ଷ୍ନୌ, ନୋଏଡା, ପାଟନା ଏବଂ ପୁଣେ କେନ୍ଦ୍ରରେ ପ୍ରତ୍ୟେକ ଗୋଟିଏ ପଦବୀରେ ବୀମା ଲୋକପାଳ ଭାବେ ନିଯୁକ୍ତି ପାଇଁ ଅନ୍‌ଲାଇନ୍ ଆବେଦନ ଗ୍ରହଣ ନିମନ୍ତେ ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ବ୍ୟକ୍ତିମାନଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି।

**ବୀମା ଲୋକପାଳ ଭାବେ ନିଯୁକ୍ତି ପାଇଁ ଯୋଗ୍ୟତା:**

କ) ଅନ୍‌ଲାଇନ୍ ଆବେଦନ ଗ୍ରହଣ ପାଇଁ ନିର୍ଦ୍ଧାରିତ ଶେଷ ତାରିଖ ଅନୁଯାୟୀ ଆବେଦନକାରୀଙ୍କ ବୟସ ୫୫ (ପଞ୍ଚାବନ) ବର୍ଷରୁ କମ୍ ଓ ୬୫ (ପଞ୍ଚଷଠି) ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।

ଖ) ଆବେଦନକାରୀ ପୂର୍ବରୁ କିମ୍ବା ବର୍ତ୍ତମାନ ଏକ ସର୍ବଭାରତୀୟ ସେବା କିମ୍ବା ସଂଘର ସିଭିଲ ସର୍ଭିସ୍‌ର ସଦସ୍ୟ ହୋଇଥିବା ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ କିମ୍ବା ସମକକ୍ଷ ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ ।

*ସ୍ପଷ୍ଟୀକରଣ: ଭାରତ ସରକାରଙ୍କ ଯୁଗ୍ମ ସଚିବ କିମ୍ବା କେନ୍ଦ୍ର ସରକାରଙ୍କ ସମକକ୍ଷ ଭାବରେ ପ୍ରଥମ ନିଯୁକ୍ତି ତାରିଖରୁ ସେବାର ଅବଧି ଗଣନା କରାଯିବ ।*

**କିମ୍ବା**

ଗ) ଆବେଦନକାରୀ ବୀମା ଉଦ୍ୟୋଗରେ ଅତି କମ୍‌ରେ ୨୫ (ପଚିଶ) ବର୍ଷ କାର୍ଯ୍ୟ କରିଥିବା ଏବଂ ଏକ ବୋର୍ଡର ନିର୍ଦ୍ଦେଶକଙ୍କଠାରୁ ଗୋଟିଏ ପାହ୍ୟାରୁ କମ୍ ହୋଇ ନ ଥିବା ଏକ ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ ।

*ସ୍ପଷ୍ଟୀକରଣ: ବୀମା ଉଦ୍ୟୋଗରେ ବୋର୍ଡର ନିର୍ଦ୍ଦେଶକ ପାହ୍ୟାରୁ ତୁରନ୍ତ ତଳେ କିମ୍ବା କୌଣସି ଏକ ବୋର୍ଡର ନିର୍ଦ୍ଦେଶକ ପାହ୍ୟାରେ (ଯାହା ପୂର୍ବରୁ ହୋଇଥିବ) ପ୍ରଥମ ନିଯୁକ୍ତି ତାରିଖରୁ ସେବାର ଅବଧି ହିସାବ କରାଯିବ।*

**ପଦବୀର କାର୍ଯ୍ୟକାଳ:** ତିନି ବର୍ଷ, କିମ୍ବା ୬୮ ବର୍ଷ ବୟସରେ ପଦାର୍ପଣ କରିବା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେବ ଏବଂ ପୁନଃ ନିଯୁକ୍ତି ପାଇଁ ଯୋଗ୍ୟ ହେବେ ନାହିଁ ।

ବୀମା ଲୋକପାଳ ଭାବେ ନିଯୁକ୍ତି ପାଇଁ ଯୋଗ୍ୟତା, ପ୍ରକ୍ରିୟା ଏବଂ ମନୋନୟନ ମାନଦଣ୍ଡ, ପଦବୀର କାର୍ଯ୍ୟକାଳ ଏବଂ ବୀମା ଲୋକପାଳଙ୍କ କର୍ତ୍ତବ୍ୟ ତଥା କାର୍ଯ୍ୟ ସମୟ ସମୟରେ ସଂଶୋଧିତ ବୀମା ଲୋକପାଳ ନିୟମାବଳୀ, ୨୦୧୭ ଅନୁଯାୟୀ ହେବ । (https://www.cioins.co.in/OmbudsmanRules2017)।

ନିମ୍ନଲିଖିତ ବିବରଣୀ "ବୀମା ଲୋକପାଳ-୨୦୨୫ ପଦବୀ ନିମନ୍ତେ ଖାଲି ପଦବୀ" ଶୀର୍ଷକ ଅଧୀନରେ ଆମର ୱେବ୍‌ସାଇଟ୍ https://www.cioins.co.inରେ ଉପଲବ୍ଧ:

୧. **''ନୋଟିଫିକେଶନ୍" ଟ୍ୟାବ୍,** ଯେଉଁଥିରେ ବୀମା ଲୋକପାଳ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟତା, ପାରିଶ୍ରମିକ, ପଦବୀର କାର୍ଯ୍ୟକାଳ ଏବଂ ନିଯୁକ୍ତିର ଅନ୍ୟାନ୍ୟ ସର୍ତ୍ତାବଳୀ ଉପଲବ୍ଧ ଅଛି ।

୨. **"ବୀମା ଲୋକପାଳ-୨୦୨୫ ପଦବୀ ପାଇଁ ଅନ୍‌ଲାଇନ୍ ଆବେଦନ'',** ଯେଉଁଥିରେ ଅନ୍‌ଲାଇନ୍‌ରେ ଆବେଦନ ଦାଖଲ କରିବାର ଲିଙ୍କ୍ ରହିଛି ।

ଆବେଦନ **କେବଳ ଅନ୍‌ଲାଇନ୍‌ରେ** ଦାଖଲ କରାଯିବା ଆବଶ୍ୟକ । ଅନ୍ୟ କୌଣସି ପଦ୍ଧତିରେ ଦାଖଲ ହୋଇଥିବା ଆବେଦନଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ।

ଏ ସଂକ୍ରାନ୍ତରେ କୌଣସି ପ୍ରଶ୍ନ query-recruitment@cioins.co.inରେ ପଠାଯାଇପାରେ । ଅନ୍‌ଲାଇନ୍ ଆବେଦନ ଗ୍ରହଣ କରିବାର ଶେଷ ତାରିଖ **୦୭।୦୩।୨୦୨୫**, ୧୭.୩୦ ଘଟିକା (ଆଇଏସ୍‌ଟି) ଅଟେ ।

ଅନ୍‌ଲାଇନ୍‌ରେ ଆବେଦନ କରିବା ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ www.cioins.co.in ପରିଦର୍ଶନ କରନ୍ତୁ କିମ୍ବା **କ୍ୟୁଆର୍ କୋଡ୍** ସ୍କାନ୍ କରନ୍ତୁ

CBC 15227/12/0005/2425 **ସଚିବ (ସିଆଇଓ)**


## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ
# ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମିର ବିକାଶ ହେବ

ଫୁଲବାଣୀ, ୫।୨(ରାକେଶ କୁମାର ରାଉତ): ଫୁଲବାଣୀସ୍ଥିତ କରୋନେସନ୍ ପଡ଼ିଆରେ ଜିଲାସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲାପାଳ ଅମ୍ରିତ୍ ଋତୁରାଜ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପ ଜିଲାପାଳ ଚିତରନ ମହନ୍ତ, ଏମ୍‌ପିଙ୍କ ପ୍ରତିନିଧି ରାଜେନ୍ଦ୍ର ମାଝୀ, ଜଗନ୍ନାଥ ସାହୁ, ଫୁଲବାଣୀ ବିଧାୟକ ପ୍ରତିନିଧି ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାୟ ଦୁଇ ହଜାରରୁ ଅଧିକ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଫୁଲବାଣୀ ବିଡିଓ ଅନୁପ ଅଭିଷେକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାଇକିଆ, ୫।୨ (ପ୍ରଦୀପ ବେହେରା):** ରାଇକିଆ ଠାରେ ବୁଧବାର ଅନୁଷ୍ଠିତ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ବ୍ଲକ୍ ଉପାଧ୍ୟକ୍ଷ ରିନା ପ୍ରଧାନ, ଏବିଡ଼ିଓ ଦିବ୍ୟସିଂ କହଁର, ଏବିଇଓ ସୀମାଦ୍ରି କହଁରଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ, ଲୋକ ପ୍ରତିନିଧି , ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଏହି ଯୋଜନାର ଆଭିମୁଖ୍ୟ ଏବଂ ଏହାର କାର୍ଯ୍ୟକାରୀ ସମ୍ପର୍କରେ ଆଲୋକପାତ କରିଥିଲେ।

**ଦାରିଙ୍ଗବାଡି, (ଅରୁଣ ସାହୁ):** ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ଏପିଓ କେଦାର ଚନ୍ଦ୍ର ପଣ୍ଡା, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ପିଟର ଦିଗାଲ, ୧୦ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ଦାରିଙ୍ଗବାଡ଼ିବ୍ଲକର ୨୫ଟି ପଞ୍ଚାୟତର ବିକାଶ କରାଯିବ।

**ଜି.ଉଦୟଗିରି,(ଚିନ୍ମୟ କୁମାର ସେଠୀ):** ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଧିକାରୀ ମନୋଜ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ତରଫରୁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏଇଇ ଅସିତ୍ କୁମାର ସେଠୀ ତଥା ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗ ଦେଇଥିଲେ।

**ଖଜୁରିପଡ଼ା, (ବିଦୁର ବେହେରା):** ଖଜୁରିପଡ଼ା ସ୍କୁଲ ପଡ଼ିଆ ଠାରେ ବୁଧବାର ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଗାଁ ମାଟିରୁ ହିଁ ପ୍ରକୃତ ବିକାଶ ଆରମ୍ଭ। ଗାଁ ଉନ୍ନତି ହେଲେ ଦେଶର ବିକାଶରେ ଅଗ୍ରଗତି ହେବ ଏଭଳି ମତ ରଖିଛନ୍ତି ଉପସ୍ଥିତ ମଞ୍ଚାସୀନ ଅତିଥିବୃନ୍ଦ। ବିଶେଷ କରି ମୌଳିକ ଭିତ୍ତିଭୂମିର ବିକାଶ, କ୍ଷୁଦ୍ର ପର୍ଯ୍ୟଟନ, କ୍ରିଡ଼ା ଓ ଶିକ୍ଷା ଭିତ୍ତିଭୂମିର ଆଧୁନିକରଣ, ଅଭିନବ ବହୁମୁଖି ଜନ ମଙ୍ଗଳକାରୀ ଯୋଜନାକୁ ଏଥିରେ ସାମିଲ କରାଯାଇଛି। ଏହି ରାଜ୍ୟସ୍ତରୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରଯାଇଛି।

**କ.ନୂଆଗାଁ, (କାଳୀ ପ୍ରସାଦ ତ୍ରିପାଠୀ):** କ.ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯକ୍ରମକୁ ଭିଡ଼ିଓ କନ୍‌ଫରେନ୍ସରେ ମାଧ୍ୟମରେ ଅଞ୍ଚଳବାସୀ ସିଧାସଳଖ ଦେଖିବାକୁ ସୁଯୋଗ ପାଇଛନ୍ତି। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟା ଅନିତା ମଲିକ, ସାଂସଦ ପ୍ରତିନିଧି ପଣ୍ଡିତ ବିଶି ମାଝୀ, ଉପାଧକ୍ଷ ଧବଳେଶ୍ୱର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଭମ ମହାପାତ୍ର, ଏପିଓ ଅନିଲ ପଟ୍ଟନାୟକ, ଡାକ୍ତର ଅମିତ୍ କୁମାର ବେହେରା ଏବଂ ସି.ପି ରାକେଶ କୁମାର ସାହୁ ଉପସ୍ଥିତ ରହିଥିଲେ। ଏମାନଙ୍କ ସହିତ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ।

**ତୁମୁଡ଼ିବନ୍ଧ, (ଦୀପକ କୁମାର ପରା ସେଠ):** ତୁମୁଡିବନ୍ଧ ବ୍ଲକରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ତୁମୁଡ଼ିବନ୍ଧ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ବିଘ୍ନେଶ୍ୱର ଦିଗାଲ, ସହକାରୀ ଯନ୍ତ୍ରୀ କେଦାରନାଥ ଚୌଧୁରି, ଏପିଓ ଜ୍ୟୋତିରଞ୍ଜନ ବେହେରା, ବିପିଏମ ଅକ୍ଷୟ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ପାଢ଼ି, ବ୍ଲକ ଅଧକ୍ଷା ବାସନ୍ତୀ ମାଝୀ, ବ୍ଲକ ଉପାଧକ୍ଷ ସନ୍ତୋଷ ସାହୁ, ନେତ୍ର ମନସେଠ, ତୁମୁଡିବନ୍ଧ ଭାଜପା ବ୍ଲକ ସଭାପତି ସରମେଶ୍ୱର ମାଝୀ, ଶ୍ରୀଚନ୍ଦ୍ର ପାରାସେଟ, ପବିତ୍ର ବେହେରା, ଶଙ୍କର ବଡ଼ନାୟକ, ରବି ପାତ୍ର ଏବଂ ଜନପ୍ରତିନିଧି, ମିଶନଶକ୍ତିର ମିହିଳାମାନେ ଉପସ୍ଥିତ ଥିଲେ।


### TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2024-25/NIT/22**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000001902/2024-25 | SITC of 100TB Storage (50 TB + 50 TB) Usable |
| 2 | TPCODL/CCG/1000002006/2024-25 | Rate Contract for Supply of Single Phase Smart Meter along with Boxes |
| 3 | TPCODL/P&S/1000002003/2024-25 | Rate Contract for Power Transformer Refurbishment work at PSS |
| 4 | TPCODL/P&S/1000002008/2024-25 | Rate Contract for Supply of Miscellaneous Items (Utensils, Stationery and Others) for 2 years |
| 5 | TPCODL/P&S/1000002009/2024-25 | Rate Contract for Supply of Electronics Items (Mobile, TV, Home Appliance and Others) for 1 year |
| 6 | TPCODL/P&S/1000002019/2024-25 | SITC of Clad rack warehouse at Bhubaneswar Store of TPCODL. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from dtd. **06.02.2025**. Future communication / corrigendum to tender documents, if any, shall be available on TPCODL website.



### OFFICE OF THE MEDININAGAR MUNICIPAL CORPORATION
e-mail :- municipalcouncil.medininagar@gmail.com

**Very Short Tender Notice (3rd Call)**

Tender notice No:-UDHD/MMC/30/2024-25 DATED: 05/02/2025

| | | | |
|---|---|---|---|
| 1. | Tender Value | : | INR 3,50,15,700.00/- |
| 2. | Date of downloading of bid document | : | From 06/02/2025 10:00 Hrs. **to 14/02/2025 up to 14:00 Hrs.** through website https://jharkhandtenders.gov.in |
| 3. | Place & Date of Pre-bid meeting | : | Date: 08/02/2025, Time **15:00 Hrs.** Medininagar Municipal Corporation, Court Compound, Medininagar Dist- Palamu, Jharkhand, Pin code.- 822101 |
| 4. | Date and time for submission of queries through e-mail | : | From 08/02/2025, 10:00 Hrs. **to 14:00 Hrs.** After last date of queries submission, no queries shall be entertained. Only queries submitted to advertised email id i.e. municipalcouncil.medininagar@gmail.com will be considered and entertained. |
| 5. | Last date and time for uploading of bids | : | Date: 14/02/2025 **up to 14:00 Hrs** Through website https://jharkhandtenders.gov.in |
| 6. | Time and date of opening technical bids | : | Date: 15/02/2025 **up to 14:00 hours** |
| 7. | Time and date of opening of financial bids | : | To be communicated later |
| 8. | Place of opening of bid | : | Through website https://jharkhandtenders.gov.in |
| 9. | Period of bids validity | : | 180 days |
| 10. | Tender Inviting Authority | : | Municipal Commissioner, MMC, Medininagar |
| 11. | For participating in e-tendering process, the contractor shall have to et themselves registered to get user ID, Password and Digital signature. This will enable them to access the website https://jharkhandtenders.gov.in and download / participate in e-tender. All tender queries related to this tender shall be communicated at Medininagar | | |
| 12. | Bid processing fees / EMD to be paid through online mode i.e. through the payment gateway of https://jharkhandtenders.gov.in (ii) Bids along with necessary online payments must be submitted in the NIT. The department does not take any responsibility for the delay / Non availability of internet connection, Network Traffic / Holidays or any other reasons. Tender Fees Amount : INR – 10,000/- EMD Amount – INR - 350,200/- | | |
| 13. | The tender documents can be obtained through website https://jharkhandtenders.gov.in | | |
| 14. | - Deleted- | | |
| 15. | In lieu of Bid Security, the Bidder shall furnish 'Bid Securing Declaration Form' along with the technical proposal as per the format described in the bidding document. | | |
| 16. | All the information / corrigendum / addendum related to the project shall be published on the website https://jharkhandtenders.gov.in. The authority shall have the right to reject the bid partially or fully without assigning any reason whatsoever. | | |
| 17. | For any information department help line No. 9386849354/7860001444 may be used | | |
| 18. | - Deleted- | | |
| 19. | Opening and visibility of the uploaded documents at website https://jharkhandtenders.gov.in shall be the responsibility of the bidder. Bidder should ensure that the uploaded documents are opening and visible. This can be done by downloading the documents and checking the same before final submission of bid at e-procurement website. | | |
| 20. | Further details of works can be obtained from the office of Municipal Commissioner, MMC, Palamu. For clarification, regarding the e-tendering process, please contact e-procurement Helpdesk, 9386849354/7860001444 | | |

Note :- Only Online tender is Permissible.

Sd./-
Municipal Commissioner –Cum- Administrator
Medininagar Municipal Corporation

PR 345817 District(24-25)#D



### OFFICE OF DISTRICT MANAGER
### ODISHA STATE CIVIL SUPPLIES CORPORATION LTD., RAYAGADA

No.CAD-2462

Phone: 9438200057, District Website: www.rayagada.nic.in

Tender No. 286/ Date: 03.02.2025

District Manager, Odisha State Civil Supplies Corporation Ltd., Rayagada invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of paddy from Paddy Purchase Centre (PPC) to Rice Mills and rice from Mill to Depot for the KMS 2024-25 of the units of Bissam Cuttack Block, Chandrapur Block, Gudari Block & NAC, Gunupur Block & NAC, Kolnara Block, K.Singpur Block, Kashipur Block, Muniguda Block, Padmapur Block, Ramanaguda Block, Rayagada Block & Municipality in the district of the State of Odisha. |
| 2 | Availability of bid document in the portal | From 06.02.2025 |
| 3 | Last date / time for receipt of bids in the portal | Dt.19.02.2025 upto 5.30 P.M. |
| 4 | Date / time of opening of techncial bid | Dt.20.02.2025 at 11 A.M. |
| 5 | Name and address of the officer inviting tender | District Manager, OSCSC Ltd., Rayagada |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum / cancellation / retenders etc. if any shall be published only in above websites.

Sd./- District Manager, OSCSC Ltd., Rayagada
OIPR-07013/11/0005/2425

## ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ମହିଳା

ଦିଗପହଣ୍ଡି,୫।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କରପଡ଼ା ଗ୍ରାମ କୁମ୍ଭାର ସାହିର ଜ୍ୟୋସ୍ନାରାଣୀ ପ୍ରଧାନଙ୍କୁ ତାଙ୍କ ସ୍ୱାମୀ କିଶୋର ଅଧିକ ଯୌତୁକ ପାଇଁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ଥାନା ନଂ.୫୫/୨୫ରେ ସ୍ୱାମୀ କିଶୋରଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। ଏସ୍ଆଇ ଜ୍ୟୋତି ରଞ୍ଜନ ବେହେରା ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଗତ ପ୍ରାୟ ୪ ବର୍ଷ ତଳେ ଜ୍ୟୋସ୍ନାରାଣୀ କିଶୋରଙ୍କୁ ଭଲ ପାଇ ବିବାହ କରିଥିଲେ। ବିବାହର କିଛିଦିନ ଭଲରେ କଟିବା ପରେ ତାଙ୍କୁ ସ୍ୱାମୀ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ଧମକ ଦେବାସହ କଟୁ କଥା କହୁଥିଲେ। ଏହା ଅସହ୍ୟ ହେବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଠକ ଦମ୍ପତିଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## ବନ୍ଧକ ଫ୍ଲାଟ୍, କୋଠାର ଜାଲ୍ ଦସ୍ତାବିଜ୍ ଦେଇ ୧.୩ କୋଟି ଋଣ ଠକେଇ

ଭୁବନେଶ୍ୱର,୫।୨(ସତ୍ୟଜିତ୍ ରାଉତ)

ପୂର୍ବରୁ ଋଣ ପାଇଁ ବନ୍ଧକ ରଖାଯାଇଥିବା ଫ୍ଲାଟ୍ ଓ ଡ୍ୟୁପ୍ଲେକ୍ସର ଜାଲ ଦସ୍ତାବିଜ୍ ଦେଇ ଆଇସିଆଇସିଆଇ ବ୍ୟାଙ୍କରୁ ପୁନର୍ବାର ୧.୩ କୋଟି ଋଣ ନେଇ ଠକେଇ ମାମଲାରେ ଏକ ଦମ୍ପତିଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବୁଧବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପଟିଆରେ ରହୁଥିବା ଆଶୀର୍ବାଦ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ମନୋଜ୍ଞାନ ପଟ୍ଟନାୟକ। ଅଭିଯୁକ୍ତଦ୍ୱୟଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ଜୟଦେବ ବିହାରରେ 'ଏବି ସଲ୍ୟୁସନ୍ସ' ନାଁରେ ଅଭିଯୁକ୍ତ ଆଶୀର୍ବାଦ ଏକ ନିଜସ୍ୱ କମ୍ପାନୀ (ପ୍ରୋପ୍ରାଇଟରଶିପ୍ ଫାର୍ମ) ଚଳାଉଛନ୍ତି। ୨୦୧୮ ଜାନୁଆରୀରେ ଆଶୀର୍ବାଦ ଭୁବନେଶ୍ୱରସ୍ଥିତ ଅଶୋକ ନଗର ଇଣ୍ଡିଆନ୍ ବ୍ୟାଙ୍କ ବ୍ରାଞ୍ଚରୁ ୩.୭୯ କୋଟି ଟଙ୍କାର ଏକ କ୍ୟାଶ୍ କ୍ରେଡିଟ୍ (ସିସି) ଋଣ ଆଣିଥିଲେ। ଏହି ଲୋନ୍ ପାଇଁ ସ୍ତ୍ରୀ ମନୋଜ୍ଞାନ ଓ ତାଙ୍କ ନାଁରେ କଳାରାହାଙ୍ଗରେ ଥିବା ଦୁଇଟି ଫ୍ଲାଟ୍ ଓ ଗୋଟିଏ ଡ୍ୟୁପ୍ଲେକ୍ସକୁ ବନ୍ଧକ ରଖିଥିଲେ। ତେବେ ଏହି ସିସି ଲୋନ୍ କିସ୍ତି ଚାଲିଥିବାବେଳେ ୨୦୧୮ ଅକ୍ଟୋବରରେ ଅଭିଯୁକ୍ତ ଦମ୍ପତି ଚତୁରତାର ସହ ବ୍ୟାଙ୍କ ଅଧିକାରୀଙ୍କୁ ଅନ୍ଧାରରେ ରଖି ଆଇସିଆଇସିଆଇ ବ୍ୟାଙ୍କକୁ ଚୂନ ଲଗାଇଥିଲେ। ବନ୍ଧକ ରଖାଯାଇଥିବା ଉକ୍ତ ଦୁଇ ଫ୍ଲାଟ୍ ଓ ଡ୍ୟୁପ୍ଲେକ୍ସର ଜାଲ ଦସ୍ତାବିଜ୍ ଦେଇ କଟକ ଲିଙ୍କ୍ ରୋଡ ଆଇସିଆଇସିଆଇ ବ୍ରାଞ୍ଚରୁ ୧.୫ କୋଟି ଟଙ୍କାର ଋଣ ନେଇଯାଇଥିଲେ। ତେବେ ଏହାପରେ ଆଶୀର୍ବାଦ ଉକ୍ତ ବନ୍ଧକ ରଖାଯାଇଥିବା ଏକ ଫ୍ଲାଟର ଜାଲ କାଗଜପତ୍ର ଦେଇ ଜଣଙ୍କୁ ବିକ୍ରି ମଧ୍ୟ କରିଦେଇଥିଲେ। ଅଭିଯୁକ୍ତଦ୍ୱୟ ଇଣ୍ଡିଆନ ବ୍ୟାଙ୍କରେ ଉକ୍ତ ଲୋନ୍ ପରିଶୋଧ କରି ନ ପାରିବାରୁ ବନ୍ଧକ ସମ୍ପତ୍ତିକୁ ବ୍ୟାଙ୍କ ନିଜ ହେପାଜତକୁ ନେବାକୁ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହି ସମୟରେ ଦମ୍ପତିଙ୍କ କଳା କାରନାମା ଘଟଣା ଜଣାପଡ଼ିଥିଲା। ଇଣ୍ଡିଆନ୍ ବ୍ୟାଙ୍କ ଉକ୍ତ ବିକ୍ରି ହୋଇଥିବା ଫ୍ଲାଟ୍ ସମେତ ବାକି ଗୋଟିଏ ଫ୍ଲାଟ୍ ଓ ଡ୍ୟୁପ୍ଲେକ୍ସକୁ ନିଜ ହେପାଜତକୁ ନେଇ ଜବତ କରିଥିଲା। ତେବେ ଏଥିପାଇଁ ଆଇସିଆଇସିଆଇ ବ୍ୟାଙ୍କର କ୍ଷତି ହୋଇଥିଲା। ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଦେୟ ମିଶି ଏହି ଋଣର ପରିମାଣ ୧.୩ କୋଟି ହୋଇଯାଇଥିଲା। ଏହି ଠକେଇ ନେଇ ଆଇସିଆଇସିଆଇ ବ୍ୟାଙ୍କ ଫାଇନାନସିଆଲ୍ କ୍ରାଇମ ପ୍ରିଭେନ୍ଶନ୍ ଗ୍ରୁପର ଆଞ୍ଚଳିକ ମୁଖ୍ୟ ସୁଶାନ୍ତ ନାୟକ ଇଓଡବ୍ଲ୍ୟୁ ନିକଟରେ ଏତଲା ଦେଇଥିଲେ। ଏହାକୁ ଆଧାର କରି ଇଓଡବ୍ଲ୍ୟୁ ଜାନୁଆରୀ ୩୦ରେ ମାମଲା (ନଂ.୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ଡକାୟତି ଉଦ୍ୟମ ବେଳେ ୬ ଗିରଫ


ଗିରଫ ୬ ଅଭିଯୁକ୍ତ।

### ୪ ଗାଡ଼ି ସମେତ ବହୁ ମାରଣାସ୍ତ୍ର ଜବତ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୫।୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)

ଯାଜପୁର ଜିଲା ପୋଲିସ ପକ୍ଷରୁ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଡକାୟତି ଉଦ୍ୟମ କରୁଥିବା ୬ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ କଟକ ଜିଲା ଜଗତପୁର ଥାନା ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ଅମର ଭୂୟାଁ, ଜଗତପୁର ଥାନା ନାଜରପୁର ଗ୍ରାମର ଜିତେନ୍ଦ୍ର ରାଜବଂଶୀ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଆଶିଷ କୁମାର ତୁଲାସିଂହ, ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ମଠସାହିର ରିଣ୍ଟୁଆ ମଲ୍ଲିକ ଓ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ରତିକାନ୍ତ ଦାସ। ଏହି ୫ ଜଣଙ୍କୁ ଗିରଫ ପରେ ସେମାନେ ଚୋରି କରି ସାମଗ୍ରୀ ବିକୁଥିବା କଟକ ଜିଲା ମଙ୍ଗୁଳି ଛକଠାରେ କବାଡ଼ିଆ ଦୋକାନ କରିଥିବା ସେକ୍ ଯାହିରୁଲଙ୍କୁ ଗିରଫ କରାଯାଇଛି। ସେକ୍ ଯାହିରୁଲଙ୍କ ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ବେଲଦଙ୍ଗ ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମରେ। ସେମାନଙ୍କ ନିକଟରୁ ୨ ପିକଅପ ଭ୍ୟାନ୍ ଓଡି୦୫ବିଆର୪୭୪୧, ଓଡି୦୫ବିଏଲ ୦୪୧୬, ଗୋଟିଏ ବୋଲେରୋ ଓଡି୦୫୦୧୪୧, ଗୋଟିଏ ଟାଟା ଏସିଇଓଡି୦୫ଏପି ୨୨୧୭ ସମେତ କଟର ମେଶିନ, ଟ୍ରାନ୍ସଫର୍ମର କଏଲ, ଟ୍ରାନ୍ସଫର୍ମର ତେଲ, ଏକ ଖଣ୍ଡା, ଖେଳନା ବନ୍ଧୁକ ଓ ୫ ମୋବାଇଲ ଫୋନ୍ ଜବତ କରାଯାଇଛି। ବୁଧବାର ବାଲିଚନ୍ଦ୍ରପୁର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଯାଜପୁର ରୋଡ୍ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁରସ୍ଥିତ ତୁଳସୀ ହୋଟେଲ ନିକଟରେ କେତେଜଣ ଲୋକ ଡକାୟତି ଯୋଜନା କରୁଥିଲେ। ପତରାଜପୁର ବିଦ୍ୟାଳୟ ନିକଟରେ ଥିବା ଏକ ବିଦ୍ୟୁତ୍ ଷ୍ଟକ ୟାର୍ଡରୁ ସେମାନେ ଲୁଟ କରିବା ପାଇଁ ପ୍ରସ୍ତୁତ ହେଉଥିଲେ। କୌଣସି ସୂତ୍ରରୁ ଖବର ପାଇ ଯାଜପୁର ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ଓ ବଡ଼ଚଣା ଥାନା ଅଧିକାରୀ ଅସିତ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସେଠାରେ ଚଢ଼ାଉ କରିଥିଲା। ଏସ୍ଡିପିଓଙ୍କ କହିବା ଅନୁସାରେ, ସେମାନେ ହେଉଛନ୍ତି ପେଶାଦାର ଅପରାଧୀ। ବଡ଼ଚଣା, କୁଆଖିଆ, କୋରେଇ, ପାଣିକୋଇଲି, ଧର୍ମଶାଳା, ଜେନାପୁର, ବାଲିଚନ୍ଦ୍ରପୁର ଓ ପିପିଲି ଥାନାରେ ସେମାନଙ୍କ ନାମରେ ୨୩ ମାମଲା ରହିଛି। ସେମାନେ ରାତିରେ ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର, କଏଲ, ତାର ଆଦି ଚୋରି କରନ୍ତି। ଯଦି କେହି ଦେଖିଦେଲେ ସେମାନଙ୍କୁ ଖେଳନା ବନ୍ଧୁକ ଓ ଖଣ୍ଡା ଆଦି ଦେଖାଇ ଭୟଭୀତ କରାଇଥାଆନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍ଡିପିଓଙ୍କ ସମେତ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଓ ବଡ଼ଚଣା ଥାନା ଅଧିକାରୀ ଉପସ୍ଥିତ ଥିଲେ। ଏନେଇ ଥାନାରେ ନଂ.୩୪/୨୫ରେ ମାମଲା ରୁଜୁ ହୋଇଛି।

# ଗୁଆହାଟୀରୁ ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

**ମଣପୁରମ୍ ଡକାୟତି ଘଟଣା**

### ଉଦ୍ଧାର ହୋଇ ନାହିଁ ଚୋରି ସାମଗ୍ରୀ

ସମ୍ବଲପୁର,୫।୨(ପ୍ରମୋଦ ବହିଦାର)

ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପୁରମ ସୁନାଋଣ ଅର୍ଥଲଗାଣ ସଂସ୍ଥା ଡକାୟତି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ସମ୍ବଲପୁର ପୋଲିସ ୧ମାସ ପରେ ଗିରଫ କରିଛି। ଅଭିଯୁକ୍ତ ବିହାର ବୈଶାଳୀ ଜିଲା ହାଜିପୁର ଦୀର୍ଘକୋଲା ପଶ୍ଚିମର ଉତ୍ତମ ପାଶ୍ୱାନ(୨୨)। ସମ୍ବଲପୁର ପୋଲିସ ଆସାମର ଗୁଆହାଟୀରୁ ଫେବୃଆରୀ ୧ରେ ତାଙ୍କୁ ଗିରଫ କରିଥିଲା। ଗିରଫ ପରେ ଗୁଆହାଟୀର ଏକ କୋର୍ଟରେ ଉତ୍ତମଙ୍କୁ ହାଜର କରାଯାଇଥିଲା। ଏହାପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ସମ୍ବଲପୁର ଅଇଁଠାପାଲି ଥାନା ଆଇଆଇସି ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଯାଇଥିବା ପୋଲିସ ଦଳ ତାଙ୍କୁ ମଙ୍ଗଳବାର ରାତିରେ ସମ୍ବଲପୁର ପହଞ୍ଚିଥିଲା। ବୁଧବାର ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ସମ୍ବଲପୁର ମଣ୍ଡଳ କାରାଗାର ହାଜତକୁ ପଠାଇ ଦିଆଯାଇଛି। ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବା ପାଇଁ ସ୍ଥାନୀୟ ଏସ୍ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଛି ବୋଲି କହିଛନ୍ତି ଧନୁପାଲି ଥାନା ଆଇଆଇସି ସ୍ୱାଇଁ।

ଏ ସମ୍ପର୍କରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି, ଗତ ଜାନୁଆରୀ ୩ ତାରିଖରେ ମଣପୁରମ୍ ସଂସ୍ଥାରେ ସ୍ୱଷ୍ଟ ଦିବାଲୋକରେ ହୋଇଥିବା ଡକାୟତିକୁ ଉତ୍ତମ ପାଶ୍ୱାନ ହିଁ ପ୍ରତ୍ୟକ୍ଷ ପରିଚାଳନା କରିଥିଲେ। ସେ ଲୁଟ୍ ପରେ ସୁନାଭର୍ତ୍ତି ବ୍ୟାଗକୁ ବାଇକ ପଛରେ ବସି ଚମ୍ପଟ ମାରିଥିଲେ। ତାଙ୍କୁ ଗିରଫ କରାଯାଇଛି। ତେବେ ଏପର୍ଯ୍ୟନ୍ତ ଚୋରି ସାମଗ୍ରୀ ଉଦ୍ଧାର ହୋଇନାହିଁ। ସୂଚନାଯୋଗ୍ୟ ଯେ, ବାଇକ୍ରେ ଆସି ଏକସଙ୍ଗେ ୬ରୁ ୭ ଜଣ ହେଲମେଟ ଓ ମୁଖାପିନ୍ଧା ଡକାୟତ ମଣପୁରମ ସଂସ୍ଥା ଭିତରକୁ ପଶି ବନ୍ଧୁକ ମୁନରେ କମ୍ପାନୀ କର୍ମଚାରୀଙ୍କୁ ଭୟଭୀତ କରି ପ୍ରାୟ ୨୯କେଜି ସୁନାଗହଣା ଓ ନଗଦ ୪ ଲକ୍ଷ ୮୧ ହଜାର ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ଫେରାର ହୋଇଯାଇଥିଲେ। ସମ୍ବଲପୁର ବୁଢାରଜା ମଣପୁରମ ସଂସ୍ଥାର ମୁଖ୍ୟ ପ୍ରବନ୍ଧକ ସୁଧୀର ନାଥଙ୍କ ଏତଲା କ୍ରମେ ଧନୁପାଲି ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି।

# ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା

- ପ୍ରେମିକାଙ୍କ ସହ ରାତିରେ ବୁଲିବାକୁ ଯାଇଥିବା ବେଳେ ଆକ୍ରମଣ
- ପ୍ରେମିକାଙ୍କୁ ଅଟକ ରଖି ପଚରାଉଚରା, ମୁଖ୍ୟ ଅଭିଯୁକ୍ତ ଫେରାର

ବଇଣ୍ଡା,୫।୨ (ପରିକ୍ଷିତ ସାହୁ)


ଘଟଣାସ୍ଥଳରେ ରାହୁଲଙ୍କ ମୃତଦେହ।

ପ୍ରେମିକାଙ୍କୁ ନେଇ ମଙ୍ଗଳବାର ରାତିରେ ବୁଲିବାକୁ ଯାଇଥିବା ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁର ଗ୍ରାମରେ ମଙ୍ଗଳବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ ମଧପୁର ଅଞ୍ଚଳର ରାହୁଲ ସାମଲ (୧୮)। ମୃତ ରାହୁଲଙ୍କ ବାପା ଦିଲୀପ ସାମଲ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୫୧/୨୫ରେ ଏକ ମାମଲା ରୁଜୁ କରିବା ସହ ରାହୁଲଙ୍କ ପ୍ରେମିକା କୁହାଯାଉଥିବା ଅନୁଗୋଳ ଥାନା ଅଞ୍ଚଳର ଜନୈକ ଯୁବତୀଙ୍କୁ ଅଟକ ରଖିଛି। ଅନ୍ୟପଟେ ହତ୍ୟାକାଣ୍ଡରେ ସମ୍ପୃକ୍ତ ସାନଗୋବିନ୍ଦପୁର ଗ୍ରାମର ଜଣେ ଯୁବକ ଫେରାର ହୋଇଯାଇଛନ୍ତି।

ପୋଲିସ କହିଛି, ମଧପୁର ଅଞ୍ଚଳର ରାହୁଲ ପ୍ରେମିକାଙ୍କୁ ନେଇ ସାନଗୋବିନ୍ଦପୁର ଅଞ୍ଚଳକୁ ବୁଲିବାକୁ ଯାଇଥିଲେ। ସେମାନେ ଏକ ନିଛାଟିଆ ସ୍ଥାନରୁ ଫେରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସେହି ଗ୍ରାମର ଜଣେ ଯୁବକଙ୍କ ସହ ମୁହାଁମୁହିଁ ହୋଇଥିଲେ। ଅଭିଯୁକ୍ତଙ୍କ ଜଣେ ସମ୍ପର୍କୀୟାଙ୍କ ସହ ମଧ୍ୟ ରାହୁଲଙ୍କ ପ୍ରେମ ସମ୍ପର୍କ ରହିଥିଲା। ତେଣୁ ରାହୁଲଙ୍କୁ ଆଉ ଜଣେ ଯୁବତୀଙ୍କ ସହ ଦେଖିବା ପରେ ଏହାକୁ ନେଇ ରାହୁଲ ଓ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମୁଖ୍ୟ ଅଭିଯୁକ୍ତ ଏକ ଠେଙ୍ଗାରେ ରାହୁଲଙ୍କ ମୁଣ୍ଡକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ରାହୁଲଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀ ରାହୁଲଙ୍କ ସହିତ ଥିବା ଯୁବତୀଙ୍କୁ ଅଟକ ରଖି ପୋଲିସକୁ ସୂଚନା ଦେଇଥିଲେ। ହଣ୍ଡପା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଥାନାକୁ ଆଣି ପଚରା ଉଚରା କରିଥିଲେ। ବୁଧବାର ସକାଳେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ନେଇ ଘଟଣାସ୍ଥଳରେ ତଦନ୍ତ କରିଥିଲା। ଖୁବ୍ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

# ଭଉଣୀ ସହ ମିଶି ପ୍ରେମିକାଙ୍କ ଗର୍ଭନଷ୍ଟ, ପ୍ରେମିକ ଗିରଫ

ଭୁବନେଶ୍ୱର,୫।୨ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବତୀଙ୍କ ଗର୍ଭନଷ୍ଟ ସହ ମାଡ଼ ମାରି ନିର୍ଯାତନା ଦେବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା କଟକର କୀର୍ତ୍ତି କେଶରୀ ମିଶ୍ର(୩୦)। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


କୀର୍ତ୍ତି କେଶରୀ ମିଶ୍ର

ଅଭିଯୋଗ ଅନୁଯାୟୀ, ଗତ ଚାରି ବର୍ଷ ପୂର୍ବେ ପୀଡ଼ିତା ଯୁବତୀଙ୍କ ସହ କୀର୍ତ୍ତିଙ୍କ ଏକ ପାର୍ଟିରେ ସାକ୍ଷାତ୍ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଭିଯୁକ୍ତ କୀର୍ତ୍ତି ପୀଡ଼ିତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ଇଚ୍ଛା ବିରୋଧରେ ଏକାଧିକ ଥର ଶାରିରିକ ସମ୍ପର୍କ ରଖିଥିଲେ। ଫଳରେ ପୀଡ଼ିତା ତିନିଥର ଗର୍ଭବତୀ ହୋଇଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ଜଣକ ତାଙ୍କର ଗର୍ଭନଷ୍ଟ କରିଦେଇଥିଲେ। ଏପରି କି ୨୦୨୩ ଅଗଷ୍ଟରେ ଗର୍ଭବତୀ ଥିବାବେଳେ ଅଭିଯୁକ୍ତ କୀର୍ତ୍ତି ନିଜ ଭଉଣୀଙ୍କୁ ସାଙ୍ଗରେ ନେଇ ଗର୍ଭନଷ୍ଟ କରିବା ଲାଗି ଜୋରଜବରଦସ୍ତ ମେଡିସିନ ଦେବା ଲାଗି ପ୍ରୟାସ କରିଥିଲେ। ପୀଡ଼ିତା ଜଣକ ମେଡିସିନ ଖାଇବାକୁ ମନା କରିବାରୁ ଅଭିଯୁକ୍ତ କୀର୍ତ୍ତି ତାଙ୍କ ପେଟକୁ ଗୋଇଠା ମାରିଥିଲେ ଏବଂ ଭଉଣୀ ତାଙ୍କ ଚୁଟି ଧରି ଟଣାଓଟରା କରିବା ସହିତ ବେକକୁ ଚିପି ଧରିଥିଲେ। ଫଳରେ ପୀଡ଼ିତାଙ୍କ ଗର୍ଭନଷ୍ଟ ହୋଇଯାଇଥିଲା। ପରେ ଅଭିଯୁକ୍ତ ପୁନର୍ବାର ପୀଡ଼ିତାଙ୍କ ଘରକୁ ଯାଇ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ବିଭିନ୍ନ ବାହାନା ଦେଖାଇ ପୀଡିତାଙ୍କ ନିକଟରୁ ୫୦ହଜାର ଟଙ୍କା ମଧ୍ୟ ନେଇଯାଇଥିଲେ। ଏହାପରେ ପୀଡ଼ିତା ୨୦୨୪ ଅଗଷ୍ଟରେ ଅଭିଯୁକ୍ତଙ୍କ ନିକଟକୁ ଯାଇ ବିବାହ କରିବା ଲାଗି ଅନୁରୋଧ କରିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କ ବେକ ଚିପି ତାଙ୍କୁ ମାରିବାକୁ ଉଦ୍ୟମ କରିଥିଲେ । ପୀଡିତା ଜଣକ କୌଶଳକ୍ରମେ ଅଭିଯୁକ୍ତଙ୍କ କବଳରୁ ଖସି ଥାନାରେ ଅଭିଯୋଗ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଜଳରେ ଜଳ ପ୍ରତିଷ୍ଠା, ମଳରେ ମଳ ପ୍ରତିଷ୍ଠା,**
**ବ୍ରାହ୍ମଣେ ଖାଆନ୍ତି ଶୁଦ୍ର ଅଇଁଠା,**
**ଶିବ ଖାଆନ୍ତି ବାଛୁରୀ ନାଳ,**
**ଶ୍ରୀକୃଷ୍ଣଙ୍କ ମୁଣ୍ଡରେ ଶିଖଣ୍ଡି ଚୂଳ।**

ଜଳାଶୟ ଗଙ୍ଗା ଜଳ ଦାରା ପ୍ରତିଷ୍ଠା କରିବା, ଶୌଚ ଯାଇ ମାଟିହାତ କରିବା ଭଳି ବ୍ରାହ୍ମଣଙ୍କର ଶୁଦ୍ରଙ୍କ ଶ୍ରାଦ୍ଧରେ ଭୋଜନ କରିବା ବା ଚାଉଳ ନେବା ଦେଖାଯାଏ। ସେହିପରି ବାଛୁରୀ ପିଇବା ପରେ କ୍ଷୀର ଶିବଙ୍କୁ ଲାଗି କରାଇବା ଓ ଶ୍ରୀକୃଷ୍ଣଙ୍କ ମୁଣ୍ଡରେ ମୟୂର ଚୂଳ ରହିଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଣେ ପଶିଲେ**
**ମାଣେ ଖସେ ।**

ଜଣେ ମନୁଷ୍ୟର ଭରଣପୋଷଣ ନିମିତ୍ତ ଅଧିକ ଖର୍ଚ୍ଚର ଆବଶ୍ୟକତା ରହିଥାଏ। ଲୋକସଂଖ୍ୟା ବୃଦ୍ଧିରୁ ଅଧିକ ଖାଦ୍ୟର ଆବଶ୍ୟକତା ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ନାବାଳକ ପୁଅକୁ ଛୁରିରେ ଆକ୍ରମଣ କଲେ ବାପା

ହିଞ୍ଜିଳିକାଟୁ, ୫।୨(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ପୋଡ଼ିଙ୍ଗି ଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ନାବାଳକ ପୁଅକୁ ଛୁରିରେ ଆକ୍ରମଣ କରି ବାପା ଫେରାର୍ ହୋଇଯାଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ୧୦ ବର୍ଷୀୟ ପୁଅ ସୁମନଙ୍କୁ ମା' ବାସନ୍ତୀ ବେହେରା ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏ ନେଇ ଅଭିଯୋଗକ୍ରମେ ହିଞ୍ଜିଳି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ବାପା ମନୋଜ ବେହେରାଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଛି।

ପୋଡିଙ୍ଗି ଗ୍ରାମର ମନୋଜ ବିଭିନ୍ନ ସମୟରେ ତାଙ୍କ ସ୍ତ୍ରୀଙ୍କ ସହ ଗଣ୍ଡଗୋଳ କରନ୍ତି। ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ୭ ମାସ ପୂର୍ବେ ବାସନ୍ତୀ ବଡ଼ପୁଅ ଶିବ (୧୩) ଓ ସୁମନଙ୍କୁ ନେଇ ଭୁବନେଶ୍ୱର ଚାଲିଯାଇ ସେଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଶନିବାର ମନୋଜ ଭୁବନେଶ୍ୱର ଯାଇ ଆଉ ଗଣ୍ଡଗୋଳ କରିବେନି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ୱାମୀଙ୍କ କଥାରେ ଭରସା ରଖି ବାସନ୍ତୀ ପିଲାମାନଙ୍କୁ ଧରି ଗତ ସୋମବାର ଗାଁକୁ ଫେରିଥିଲେ। ମଙ୍ଗଳବାର କୌଣସି କଥାକୁ ନେଇ ପୁଣି ଦମ୍ପତିଙ୍କ ମଧ୍ୟରେ କଳହ ଲାଗିଥିଲା। ଏଥିରେ ମନୋଜ ଉତ୍ତ୍ୟକ୍ତ ହୋଇ ପରିବାରର ସମସ୍ତଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ବୁଧବାର ସାନପୁଅ ସୁମନ ଗାଁଦାଣ୍ଡରେ ଖେଳୁଥିବା ବେଳେ ମନୋଜ ତାଙ୍କୁ ହଠାତ୍ ଛୁରିରେ ଆକ୍ରମଣ କରିଥିଲେ। ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିବାରୁ ସୁମନ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡିଯାଇଥିଲେ। ଏହାଦେଖି ସାଙ୍ଗମାନେ ପାଟି କରିବାରୁ ମନୋଜ ଚମ୍ପଟ ମାରିଥିଲେ। ସେ ନିଶାସକ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି।

# ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଘରୁ ୨ କୋଟି ଜବତ

**ଭୁବନେଶ୍ୱର, କଟକ, ମାଲକାନଗିରିର ୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର)/ ଭୁବନେଶ୍ୱର,୫।୨(ସତ୍ୟଜିତ୍ ରାଉତ)





ମାଲକାନଗିରି ଜିଲା ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଭିଜିଲାନ୍ସ ସ୍କାନରକୁ ଆସିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ସାନ୍ତନୁଙ୍କ ଘର ଓ ତାଙ୍କ ଅଫିସରେ କାମ କରୁଥିବା ୩ କର୍ମଚାରୀଙ୍କ ଘର ସମେତ ଭୁବନେଶ୍ୱର, କଟକ ଓ ମାଲକାନଗିରିର ୭ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ଏହି ଚଢାଉରେ ଶାନ୍ତନୁଙ୍କ ଘର ଓ ସହକର୍ମୀଙ୍କ ଘରୁ ମୋଟ ୨ କୋଟି ୬ ଲକ୍ଷ ୯୨ ହଜାର ୮୫୦ ଟଙ୍କା ସମେତ ଅନ୍ୟାନ୍ୟ ସମ୍ପତ୍ତି ମିଳିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଭିଜିଲାନ୍ସ ପକ୍ଷରୁ ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଶାନ୍ତନୁଙ୍କ କଟକ ବଳିଆସାହି ନୂଆପଡ଼ାସ୍ଥିତ ପୈତୃକ ଘର, ଭୁବନେଶ୍ୱର ଭିମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀସ୍ଥିତ ଜଣେ ସମ୍ପର୍କୀୟଙ୍କ ଘର, ମାଲକାନଗିରିସ୍ଥିତ ଅଫିସ ଚାମ୍ବର, ଅଫିସରେ କାମ କରୁଥିବା କୃଷି ଯନ୍ତ୍ରୀ ମୋହନ ମଣ୍ଡଳଙ୍କ ମାଲକାନଗିରିସ୍ଥିତ ଘର, ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱଜିତ ମଣ୍ଡଳଙ୍କ ମାଲକାନଗିରିସ୍ଥିତ ଘର, ଠିକା କର୍ମଚାରୀ ଅମିୟକାନ୍ତ ସାହୁଙ୍କ ମାଲକାନଗିରିସ୍ଥିତ ଘର ଆଦି ରହିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୨ଜଣ ଅତିରିକ୍ତ ଏସ୍ପି, ୪ ଡିଏସ୍ପି, ୧୦ ଇନ୍ସପେକ୍ଟର, ୬ ଏଏସ୍ଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ଶାନ୍ତନୁଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ସୂଚନାନୁଯାୟୀ, ଶାନ୍ତନୁଙ୍କ ଜୟପୁର ଟାଉନସ୍ଥିତ ପାୱାର ହାଉସ କଲୋନୀରେ ଥିବା ୪,୬୦୦ ବର୍ଗଫୁଟରେ ଥିବା ଗୋଟିଏ ୩ମହଲା କୋଠା ଠାବ ହୋଇଛି। ଭୁବନେଶ୍ୱର ଓ କଟକରେ ୪ଟି ବହୁମୂଲ୍ୟ ଫ୍ଲାଟ୍ ଠାବ ହୋଇଥିବାବେଳେ ଫ୍ଲାଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ୍ ହିସାବ କରୁଛି। ଠାବ ହୋଇଥିବା ମୋଟ ନଗଦ ୨.୦୬ କୋଟି ଟଙ୍କା ମଧ୍ୟରୁ ଶାନ୍ତନୁଙ୍କ ୧ କୋଟି ୯୮ ଲକ୍ଷ ଟଙ୍କା ରହିଛି। ସେହିପରି ସହଯୋଗୀ ବିଶ୍ୱଜିତଙ୍କ ନିକଟରୁ ୬ ଲକ୍ଷ ୯୨ ହଜାର ୧୧୦ ଟଙ୍କା, ମୋହନଙ୍କ ନିକଟରୁ ୧ ଲକ୍ଷ ୧୯ ହଜାର ୧୪୦ ଟଙ୍କା ଓ ଅମିୟକାନ୍ତଙ୍କ ନିକଟରୁ ୮୧ ହଜାର ୬୦୦ ଟଙ୍କା ଠାବ ହୋଇଛି। ତେବେ ଶାନ୍ତନୁଙ୍କ ଘରୁ ଯାଞ୍ଚ ବେଳେ ୪୨୨.୪୪ ଗ୍ରାମର ସୁନା ଅଳଙ୍କାର ମଧ୍ୟ ମିଳିଛି। ଏଥିସହ ତାଙ୍କ ଘରୁ ୨୯.୦୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ (ହ୍ୟୁଣ୍ଡାଇ ଆଇ-୨୦), ୨ଟି ଦୁଇ ଚକିଆ ଯାନ ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଠାବ ହୋଇଛି। ସେହିପରି ଶାନ୍ତନୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବ୍ୟାଙ୍କ ଓ ଜୀବନବୀମା ଜମା ୯୧ ଲକ୍ଷ ୧୦ ହଜାର ୩୦୬ ଟଙ୍କା ରହିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ତେବେ ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସାନ୍ତନୁ ତାଙ୍କ ସହକର୍ମୀଙ୍କ ସାଙ୍ଗରେ ସ୍ଥାନୀୟ ଅଞ୍ଚଳରେ ବହୁ ଦୁର୍ନୀତି କରିଥିବା ଭିଜିଲାନ୍ସ ଆଶଙ୍କା କରି ଅଧିକ ତଦନ୍ତ ଚଳାଇଛି।

### ଅବିଭକ୍ତ କୋରାପୁଟ, ଗଞ୍ଜାମ ଜିଲାରେ ୩ ଦଶନ୍ଧି

ଅବିଭକ୍ତ କୋରାପୁଟ ଓ ଗଞ୍ଜାମ ଜିଲାରେ ଶାନ୍ତନୁ ୩ ଦଶନ୍ଧି ହେଲା କାମ କରିଛନ୍ତି। ସେ କୃଷି ଅର୍ଥନୀତିରେ ଏମ୍ଏସ୍ସି କରି ୧୯୯୫ ଡିସେମ୍ବର ୧୯ରେ କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ ଭାବେ ଖୋର୍ଦ୍ଧା ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ୨୦୦୦ ଡିସେମ୍ବରରୁ ୨୦୦୯ ଡିସେମ୍ବର ଯାଏ ସେ ମାଲକାନଗିରି ମାଥିଲିରେ ବିହନ ଉତ୍ପାଦନ ଅଧିକାରୀ ଭାବେ କାମ କରିଥିଲେ। ୨୦୦୯ରେ ଶାନ୍ତନୁ କୋରାପୁଟ ଜିଲା ବିହନ ଉତ୍ପାଦନ ଅଧିକାରୀଙ୍କ ଅଫିସକୁ ବଦଳି ହୋଇ ୨୦୧୬ ଯାଏ କାମ କରିଥିଲେ। ୨୦୧୬ରେ ସେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ରାଙ୍କକୁ ପଦୋନ୍ନତି ପାଇ ଗଞ୍ଜାମ ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧୀନରେ କାମ କରିଥିଲେ। ୨୦୨୦ରେ ସେ ସହକାରୀ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ର୍ୟାଙ୍କକୁ ପଦୋନ୍ନତି ପାଇ ଗଜପତି ଜିଲା ପାରଳାଖେମୁଣ୍ଡି ଜଳ ବିଭାଜିକା ପ୍ରୋଜେକ୍ଟ ଡାଇରେକ୍ଟର ଦାୟିତ୍ୱ ନେଇଥିଲେ। ୨୦୨୧ ଅଗଷ୍ଟରେ ଶାନ୍ତନୁ ପୁଣି ପଦୋନ୍ନତି ପାଇ ମାଲକାନଗିରି ମୃତ୍ତିକା ସଂରକ୍ଷଣ ଉପ ନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରୋଜେକ୍ଟ ଡାଇରେକ୍ଟର ଭାବେ କାମ କରୁଛନ୍ତି।

# ଓଡ଼ିଶାରେ ୩ ନୂଆ ରେଳ ଡିଭିଜନ ପାଇଁ କଂଗ୍ରେସର ଦାବି

ରାୟଗଡ଼ା,୫।୨(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ ପାଇଁ ରାଜ୍ୟରେ ୩ ନୂଆ ରେଳ ଡିଭିଜନ ନିମନ୍ତେ କଂଗ୍ରେସ ଦାବି କରିଛି। ଏନେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ବୁଧବାର ଏକ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟକ୍ଷମ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଜାନୁଆରୀ ୬ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଫଳରେ ପୂର୍ବରୁ ୱାଲ୍‌ଟେୟର ଡିଭିଜନର ଅଧୀନରେ ଥିବା କୋଟାଭାଲସା-ବାଛେଲି/କିରାଣ୍ଡୁଲ, କୁନେରୁ-ଥେରୁବାଲି ଜଙ୍କସନ, ସିଙ୍ଗାପୁର ରୋଡ୍-କୋରାପୁଟ ଜଙ୍କସନ ଏବଂ ପାରଳାଖେମୁଣ୍ଡି-ଗୁଣପୁର ଆଦି ପ୍ରାୟ ୬୮୦ କି.ମି.ର ରେଳପଥ ବର୍ତ୍ତମାନ ରାୟଗଡ଼ା ରେଳ ଡିଭିଜନ ଅଧୀନରେ ରହିବ ବୋଲି କେନ୍ଦ୍ର ରେଳ ମନ୍ତ୍ରାଳୟର ରେଲୱେ ବୋର୍ଡ ପକ୍ଷରୁ ଜାରି ହୋଇଥିବା ଚିଠିରେ ଉଲ୍ଲେଖ ରହିଛି। ଉକ୍ତ ଚିଠିକୁ ଆଧାରକରି ଏମ୍‌ପି ଉଲାକା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାରୁ ଭାଜପାର ୨୦ ଲୋକ ସଭା ସଦସ୍ୟ ରହିଥିବାବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ୩ଜଣ ରାଜ୍ୟ ସଭାକୁ ପ୍ରତିନିଧିତ୍ୱ କରୁଛନ୍ତି। ଏହାସତ୍ତ୍ୱେ କେନ୍ଦ୍ର ସରକାର ରେଳ ବିକାଶ କ୍ଷେତ୍ରରେ ଓଡ଼ିଶା ଅପେକ୍ଷା ଆନ୍ଧ୍ରପ୍ରଦେଶକୁ ଗୁରୁତ୍ୱ ଦେଉଛନ୍ତି। ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ପୂର୍ବରୁ ଗୋଟିଏ ରେଳ ଜୋନ୍ ରହିଥିଲେ ମଧ୍ୟ ନିଜର ରାଜନୈତିକ ଫାଇଦା ପାଇଁ କେନ୍ଦ୍ର ସରକାର ଦକ୍ଷିଣ ତଟ ରେଳ ଜୋନ୍ ନାମରେ ଆଉ ଏକ ନୂତନ ରେଳ ଜୋନ୍ କରିଛନ୍ତି। ତେଣୁ ସେହି ସମାନତା ଅଧିକାର ଓଡ଼ିଶା ପାଇବାକୁ ହକ୍‌ଦାର ଏବଂ ଏହା କାର୍ଯ୍ୟକାରୀ କରାଯାଉ ବୋଲି କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଦାବି କରିଛନ୍ତି। ସପ୍ତଗିରି କହିଛନ୍ତି, ପୂର୍ବତଟ ରେଳ ଜୋନରୁ ୱାଲ୍‌ଟେୟର ରେଳ ଡିଭିଜନକୁ ପୃଥକ୍ କରାଯାଇ ନୂତନ ଘୋଷିତ ଦକ୍ଷିଣତଟ ରେଳ ଜୋନ୍‌ରେ ସାମିଲ କରାଯାଇଛି। ତେଣୁ ବର୍ତ୍ତମାନ ପୂର୍ବତଟ ରେଳ ଜୋନ୍ ଅଧୀନରେ କେବଳ ଖୋର୍ଦ୍ଧା, ସମ୍ବଲପୁର ସମେତ ନୂତନ ଭାବେ ଗଠିତ ରାୟଗଡ଼ା ରେଳ ଡିଭିଜନ ରହିବ। ଯଦି ରାଜ୍ୟର ସୀମାକୁ ନେଇ କେନ୍ଦ୍ର ସରକାର ରେଳ ଜୋନ୍ ଗଠନ କରୁଛନ୍ତି ତେବେ ସୁନ୍ଦରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜକୁ ନେଇ ଏକ ରେଳ ଡିଭିଜନ ଗଠନକରି ତାହାକୁ ପୂର୍ବତଟ ରେଳପଥରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ସପ୍ତଗିରି କହିଛନ୍ତି। ସେହିଭଳି ଝାରସୁଗୁଡ଼ା, ବରଗୁଆଁ, କିରିବୁରୁ, ରାଉରକେଲା ଓ ନୂଆଗାଁକୁ ନେଇ ରାଉରକେଲାଠାରେ ଏକ ନୂଆ ରେଳ ଡିଭିଜନ କରାଯାଇ ତାହାକୁ ପୂର୍ବତଟ ରେଳ ଜୋନ୍‌ରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଛନ୍ତି। ସେହିଭଳି ବଂଶପାଣି, ପଦାପାହାଡ଼, ରୂପସା, ବାଙ୍ଗିରିପୋଷି ଏବଂ ଭଦ୍ରକ ଓ ଲକ୍ଷ୍ମଣନାଥକୁ ନେଇ ଯାଜପୁରଠାରେ ଏକ ରେଳ ଡିଭିଜନକରି ତାହାକୁ ପୂର୍ବତଟ ରେଳ ଜୋନ୍‌ରେ ସାମିଲ କରାଗଲେ ପୂର୍ବତଟ ରେଳ ଜୋନ୍‌ର ଗୁରୁତ୍ୱ ବଢ଼ିବା ସହିତ ଓଡ଼ିଶାର ବିକାଶ ହେବ ବୋଲି ଏମ୍‌ପି ଉଲାକା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି। ତେଣୁ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ଏମ୍‌ପିମାନେ ଏହି ଦାବି ସଂସଦରେ ଉପସ୍ଥାପନ କରିବା ଆବଶ୍ୟକ ବୋଲି ଏମ୍‌ପି ସପ୍ତଗିରି କହିଛନ୍ତି।

# ଯୁବ, ଛାତ୍ର କଂଗ୍ରେସ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଫିସ୍ ଘେରାଉ ଉଦ୍ୟମ



ପଟ୍ଟାମୁଣ୍ଡାଇ, ୫।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ବିକଶିତ ଗାଁ ବିକଶିତ ଓଡ଼ିଶା ଲୋକାର୍ପଣ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ଛାତ୍ର କଂଗ୍ରେସ ପକ୍ଷରୁ ବ୍ଲକ୍‌ରେ ଚାଲିଥିବା ବିଭିନ୍ନ ଦୁର୍ନୀତିର ପ୍ରତିବାଦ ଓ ଗରିବ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲକରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା, ବିଡିଓଙ୍କ ବଦଳି ଦାବିରେ ଶୋଭାଯାତ୍ରାରେ ଆସି ପଟ୍ଟାମୁଣ୍ଡାଇ ବ୍ଲକ୍ ଅଫିସ୍ ଘେରାଉ କରିବାକୁ ଉଦ୍ୟମ କରିଥିଲେ।

ଜିଲା ଛାତ୍ର କଂଗ୍ରେସ ସଭାପତି ବିଭୁପ୍ରସାଦ ଜେନା, ଜିଲା ଦଳିତ ସେଲ୍ ସଭାପତି ସର୍ବେଶ୍ୱର ସେଠୀଙ୍କ ତତ୍ତ୍ୱାବଧାନରେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଯୁବ ଓ ଛାତ୍ର କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ରାସ୍ତା, ସ୍କୁଲ, କମ୍ୟୁନିଟି ସେଣ୍ଟର ଆଦି ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି, ବୃଦ୍ଧାବୃଦ୍ଧ ଭତ୍ତା ନ ପାଇ ହନ୍ତସନ୍ତ ହେବା, ଆବାସ, ଛତୁଆ ଯୋଗାଣରେ ଦୁର୍ନୀତି ପ୍ରସଙ୍ଗ ଉଠାଇବା ସହ ବିଡିଓଙ୍କ ବଦଳି ଦାବି କରିଛନ୍ତି। ତେବେ ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ପୋଲିସ କଂଗ୍ରେସ ଶୋଭାଯାତ୍ରାକୁ ଅଟକାଇ ଥିଲା। ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ବିକଶିତ ଗାଁ ବିକଶିତ ଓଡ଼ିଶା ସରକାରୀ କାର୍ଯ୍ୟକ୍ରମ ଚାଲିଥିବା ଓ ବହୁ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ଗଣ୍ଡଗୋଳ ଆଶଙ୍କାରେ ପୋଲିସ ଶୋଭାଯାତ୍ରାକୁ ଅଟକାଇବାରୁ ଯୁବଛାତ୍ର କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତାରେ ବସି ପ୍ରତିବାଦ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ନଗର ଯୁବ ଛାତ୍ର କଂଗ୍ରେସ ସଭାପତି ଦିବେଶ ରାଜ, ରମାକାନ୍ତ ଜେନା, ବିବ୍ରତ ବେହେରା, କଳ୍ପତରୁ ମଲିକ ଈଶ୍ୱର ମଲିକ ପ୍ରମୁଖ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳା ଭଙ୍ଗ ଆଶଙ୍କାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଆନ୍ଦୋଳନକାରୀ ଯୁବଛାତ୍ର କଂଗ୍ରେସ କର୍ମୀଙ୍କୁ ଗିରଫକରି ଥାନାକୁ ନେଇଯାଇଥିଲେ।



କେନ୍ଦ୍ର ବଜେଟକୁ ଜନବିରୋଧୀ, କର୍ପୋରେଟ୍ ସପକ୍ଷବାଦୀ ଭାବେ ଦର୍ଶାଇ ବିଭିନ୍ନ ବାମ ଦଳ ଓ ସଂଗଠନ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ଏହାର ନେତୃତ୍ୱ ନେଇଥିବାବେଳେ ଏହି ଅବସରରେ ପ୍ରତିବାଦ ସ୍ୱରୂପ ବଜେଟ କାଗଜକୁ ପୋଡ଼ାଯାଉଛି।

## ମାର୍କୋଣା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟିଂ

**ସିମୁଳିଆ, ୫।୨(ସନ୍ତୋଷ ନାୟକ):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣା ପଞ୍ଚାୟତ ସରପଞ୍ଚ କମଳାକାନ୍ତ ନାୟକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ବୁଧବାର ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୋଟିଂ କରାଯାଇଛି। ମାର୍କୋଣା ପଞ୍ଚାୟତରେ ୧୩ଟି ୱାର୍ଡ ରହିଛି। ପୂର୍ବରୁ ଜଣେ ୱାର୍ଡସଭ୍ୟାଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ୱାର୍ଡସଭ୍ୟା ଇସ୍ତଫା ଦେବା ପରେ ବର୍ତ୍ତମାନ ୧୧ଜଣ ୱାର୍ଡ ସଭ୍ୟାସଭ୍ୟ ଅଛନ୍ତି। ତେବେ ସରପଞ୍ଚ କମଳାକାନ୍ତଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ୮ଜଣ ୱାର୍ଡସଭ୍ୟାସଭ୍ୟ ପୂର୍ବରୁ ତାଙ୍କ ନାମରେ ଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହି ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୯ଜଣ ଭୋଟ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ସୁନୀଲ କୁମାର ଗୁଡୁ ଭୋଟିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିମୁଳିଆ ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜଙ୍କ ସମେତ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶରେ ଭୋଟିଂ ପ୍ରକ୍ରିୟା ହୋଇଥିଲେ ହେଁ ପରବର୍ତ୍ତୀ ରାୟ ପ୍ରକାଶ ନ ହେବା ପର୍ଯ୍ୟନ୍ତ ଗଣତି କରାଯିବ ନାହିଁ ବୋଲି ରାୟ ପ୍ରକାଶ ପାଇଛି।

# ବିକଶିତ ନାଁରେ ବିକଳାଙ୍ଗ ଯୋଜନା କରାଯାଇଛି: ଅରୁଣ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)



ରାଜ୍ୟ ଭାଜପା ସରକାରଙ୍କ ଦ୍ୱାରା ବୁଧବାର ଆରମ୍ଭ କରାଯାଇଥିବା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାକୁ ବିଜେଡି ସମାଲୋଚନା କରିଛି। ଏହି ଯୋଜନା ବିକଶିତ ନାଁରେ ବିକଳାଙ୍ଗ ଯୋଜନା କରାଯାଇଛି ବୋଲି ଭୁବନେଶ୍ୱର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ ସାହୁ କହିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତରେ ୫୦ ଲକ୍ଷ ଟଙ୍କା ହିସାବରେ ସମୁଦାୟ ୩,୩୯୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରସ୍ତାବ ରହିଥିଲା ବେଳେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସମୁଦାୟ ୧୦୦୦ କୋଟି ବ୍ୟୟର ପ୍ରସ୍ତାବ ରହିଛି। ରାଜ୍ୟରେ ୬୮୦୦ ପଞ୍ଚାୟତ ଥିବାବେଳେ ପ୍ରତି ପଞ୍ଚାୟତକୁ ୧୪.୮୦ ଲକ୍ଷ ଟଙ୍କା ପଡୁଛି। ରାଜ୍ୟରେ ଅନ୍ୟୂନ ୫୦,୦୦୦ ରାଜସ୍ୱ ଗ୍ରାମ ରହିଛି, ପ୍ରାୟ ୯୨,୦୦୦ ୱାର୍ଡ ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ବରାଦ କରାଯାଇଥିବା ଅର୍ଥ ୱାର୍ଡ ପିଛା ଏକ ଲକ୍ଷ ଟଙ୍କା ପଡୁଛି, ଯାହା ଗ୍ରାମାଞ୍ଚଳର ବିକାଶ ପାଇଁ ସମୁଦ୍ରକୁ ଶଙ୍ଖେ ସଦୃଶ। ସେହିପରି ଦରଦାମ ବୃଦ୍ଧି ଗ୍ରାମାଞ୍ଚଳର ବାସିନ୍ଦାଙ୍କୁ ବ୍ୟଥିତ କରୁଛି। ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶା ନାରା ଗତ ୮ ମାସରେ ଫମ୍ପା ଆୱାଜରେ ପରିଣତ ହୋଇଛି। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ବୋଲି ଅରୁଣ କହିଛନ୍ତି। ଡବଲ ଇଞ୍ଜିନ ଡବଲ ବିକାଶ ପାଇଁ ଦୁଇ ଗୁଣ ଅର୍ଥ ବରାଦ କରିବାକୁ ଅରୁଣ ଅନୁରୋଧ କରିଛନ୍ତି।


**ODISHA MARITIME BOARD**
**ADVERTISEMENT - ADDENDUM**
**CORRIGENDUM**
**ODISHA MARITIME BOARD**

**No.JJ-55:** Advertisement published on 01.02.2025 for inviting applications from the eligible candidates for engagement of Chief Nautical Officer & General Manager (HR & IT/ Communications) in Odisha Maritime Board, Government of Odisha is in continuous process of the Advertisement published on 12.12.2024. The applicants who have already applied in response to the Advertisement dated 12.12.2024 need not apply again.
In this regard, the deadline for applying for the aforesaid posts is hereby extended for a further period of Ten (10) days from the date of publication of this corrigendum.
For more details please refer to the website: https://ct.odisha.gov.in/.

OIPR-38035/11/0021/2425

**INDIRA GANDHI INSTITUTE OF TECHNOLOGY**
**SARANG, DHENKANAL (ODISHA) - 759146**
(An Autonomous Institute of Govt. of Odisha)

No. IGIT/ETC/33 Date: 03.02.2025

**NOTICE INVITING TENDER**

**Subject: Tender for procurement of Laboratory furniture for the Department of Electronics and Telecommunication Engineering.**

No. KK-348: For and on behalf of IGIT Sarang, sealed tenders are invited from eligible reputed agencies/vendors/dealers/manufacturer/suppliers having valid GST Registration/PAN/TIN Clearance for the supply and installation of laboratory furniture in the new Laboratories of the Department of Electronics and Telecommunication Engineering, I.G.I.T. Sarang, Dhenkanal. The interested agencies/vendors/dealers/manufacturer/suppliers may collect details list of specifications, sample pictures and other related documents which are available in the office and our website: **www.igitsarang.ac.in**.
The detail tender completed in all aspect may be submitted in sealed envelope in the Office of the Director, (Special attention to H.O.D., Department of ETC Engineering) I.G.I.T., Sarang, Dist.: Dhenkanal - 759146 (Odisha) by Indian Govt. Speed Post/Registered Post under strong sealed cover marked as **"TENDER FOR THE SUPPLY OF LABORATORY FURNITURE FOR THE DEPARTMENT OF ELECTRONICS AND TELECOMMUNICATION ENGINEERING"**.

| S. No. | Particulars | Important Dates | Time |
|---|---|---|---|
| 1 | Last date & time for submission of tender | 27.02.2025 | 03.00 P.M. |
| 2 | Date & time of opening of Technical Bid | 28.02.2025 | 04.30 P.M. |
| 3 | Date & Time of opening of Financial Bid | 01.03.2025 | 04.30 P.M. |

**Bid Opening Venue: Meeting Room, ETC Engg., IGIT Sarang**

| Sl. No. | Items | Quantity | EMD in shape of DD in favour of Principal, Indira Gandhi Institute of Technology, Sarang payable at SBI, IGIT, Sarang. (IFSC Code No. SBIN0010246) | Cost of Tender Paper Non-refundable in Rs. + GST as applicable in shape of DD in favour of Principal, Indira Gandhi Institute of Technology, Sarang payable at SBI, IGIT, Sarang (IFSC Code No. SBIN0010246) |
|---|---|---|---|---|
| 1 | Wooden/ Moulded Seating Stool | 222 | Rs.10000/- | Rs.1000/- |
| 2 | Chair (S-Type for Faculty & Staff) | 15 | | |
| 3 | Fiber Chair | 15 | | |
| 4 | Big Rack (4 Shelves) | 05 | | |
| 5 | Almirah | 05 | | |
| 6 | Wooden Table (Office) | 02 | | |

OIPR-14091/11/0036/2425 Sd./- Director

RFP Notice No. 2773 Date-03-02-2025

**TENDER NOTICE INVITING REQUEST FOR PROPOSAL (RFP) for SELECTION & HIRING OF MANPOWER SERVICE PROVIDER ON OUTSOURCING BASIS FOR DIRECTORATE OF HEALTH SERVICES, ODISHA, BHUBANESWAR.**

**No.E-729:** Sealed applications are invited for selection of Regd. Agency/Firm/ Manpower Service Provider for providing manpower to the Director of Health Services, Odisha in conformity with the terms & conditions of the detailed RFP notice in two sealed covers (Technical & Financial Proposal) from intending applicants fulfilling the terms of eligibility laid down in the RFP document. Please refer to the website: www.dhsodisha.nic.in for complete details and downloading the document. The last date and time of submission of proposal (Technical & Financial) to the Director of Health Services, Odisha, 2nd. Floor, HOD Building, Bhubaneswar -751001 is 27.02.2025 till 3.00 PM. The RFP should reach the Director of Health Services, Odisha, 2nd. Floor, HOD Building, Bhubaneswar -751001 through **Speed Post / Registered Post / Courier Service.** Any other mode of submission of RFP will be out rightly rejected. For any queries related to this RFP, please write to **www.dhs.odisha@gmail.com**

Sd./-
OIPR-10002/11/0012/2425 Director of Health Services, Odisha

GOVERNMENT OF ODISHA No.A-998:
**Office of the Additional Chief Engineer**
**Upper Kolab Project, At/Po: Bariniput**
Dist: Koraput, ODISHA- 764006
email id: aceukp2022@gmail.com

**e-Procurement Notice No.ACE-UKP-03/2024-25**
Bid Identification No.ACE-UKP-03/2024-25 (I) to ACE-UKP-03/2024-25 (XII)

1. Name of the Works : Civil Works
2. No. of Works : 12 Nos.
3. Approximate Estimated Cost : Ranging from Rs.234.47 Lakhs to 252.87 Lakhs
4. Period of Completion : Six Calendar Months each
5. Type of Contract : Percentage Rate (Double cover)
6. Date & Time of Bidding/ Availability of Bid documents in the Portal : From 10.00 A.M. of 06.02.2025 Upto 05.00 P.M. of 23.02.2025
7. Last date & time for receipt of bids in portal : 23.02.2025 upto 5.00 P.M.
8. Time and date of Opening of Technical Bid : 11.00 A.M. of 24.02.2025
9. Place of Opening of Bid : O/o The Additional Chief Engineer Upper Kolab Project, Bariniput

Further details can be seen from the website https://tendersodisha.gov.in. Addendum/Corrigendum/Cancellation required, If any will be published in Govt. Website only.

OIPR-32197/11/0003/2425 Sd./- Additional Chief Engineer Upper Kolab Project, Bariniput

**Government of Odisha** No.O-1393
**Office of the Superintending Engineer**
**Rural Works Division, Dhenkanal**
E-Mail:eerwdivisiondhenkanal@yahoo.co.in

**e-Procurement Notice No.10/Building Works/2024-25**

1. Name of the Work : Building Works
2. Total No. of Works : 13 (Thirteen) Nos.
3. Estimated Cost : Rs.10.34 to 2.52 Lakh (approx)
4. Class of Contractor : "D" & "C" Class
5. Period of Completion : 01 (One) Calendar Month
6. EMD Required : As mentioned in the Annexure at Column-04
7. Online for Bidding : 05.2.2025 at 11.00 A.M. to 12.02.2025 upto 3.00 P.M.
8. Last Date & Time of seeking tender clarification : 11.02.2025 upto 4.00 PM
9. Date & Time of opening of tender (Technical & Financial Bid) : 12.02.2025 Technical Bid at 5.00 PM

Other Details can be seen from the website http://tendersorissa.gov.in

Sd./- Superintending Engineer
OIPR-25101/11/0015/2425 R.W.Division, Dhenkanal

GOVERNMENT OF ODISHA No. b-39
**OFFICE OF THE CHIEF CONSTRUCTION ENGINEER**
**SOUTHERN N.H. CIRCLE, BERHAMPUR**
Email: senhsouthbam@gmail.com

**INVITATION FOR BIDS**
**BID IDENTIFICATION No. 20/CCE NH, South of 2024-25**
**[e-Procurement]**
Bid Identification No. 20/CCE NH, South of 2024-25

No. 359 Date: 31.01.2025

1. The **Chief Construction Engineer, Southern N.H. Circle, Berhampur** on behalf of the Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road Works as detailed in the table below.
2. Nature of work : Road
3. No. of work : 1 No.
4. Tender Cost : Rs.10,000/-
5. Class of Contractor : "A" Class & "B" Class
6. Availability of Bid document in the website : From 10.02.2025 11.00 A.M. to 24.02.2025 5.30 P.M.
7. Date of Opening of Bid : 25.02.2025 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9. Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
OIPR-34148/11/0015/2425 Southern NH Circle, Berhampur

**Government of Odisha "e" Procurement Notice**
**WORKS DEPARTMENT**
Bid Identification No.CCE-NHC (KJR)-01/2024-25
e-mail:senhkeonjhar@gmail.com/eenhbaripada@yahoo.in

No.b-40: Letter No.131, Dt.29.01.2025

1. No. of the Work : 1 number Building Works
2. Estimated Cost : Rs.1,22,99,742.00
3. Class of Contractor : "B" Class & "A"
4. Period of Completion : 09 (Nine) Calendar Months
5. Date and Time of availability of Bid document in the Portal : From 11.00 Hours of 05.02.2025 to16.00 Hours of 20.02.2025
6. Last date/Time for receipt of bids in the : 16.00 Hours of 20.02.2025
7. Date of Opening of Bid from Portal : 11.30 Hours on 21.02.2025
8. Name and address of the Officer Inviting Bid : Chief Construction Engineer N.H. Circle, Keonjhar- 758002.

Further details can be seen from the e-Procurement portal **"http://tendersodisha.gov.in"**

Sd./- Chief Construction Engineer,
OIPR-34145/11/0003/2425 N.H. Circle, Keonjhar

GOVERNMENT OF ODISHA No. A-1018
**DEPARTMENT OF WATER RESOURCES**
**e-Procurement Notice No. e-BNID-03/2024-25**

| | | |
|---|---|---|
| 1. | Name of Work | Flood Embankment, Building & Road Works |
| 2. | Total No. of Work | 58 (Fifty Eight) |
| 3. | Estiamted Cost | Rs.7.98 Lakhs to 49.98 Lakhs |
| 4. | Period of Completion | 02 Calendar Months to 04 Calendar Months |
| 5. | Date & time of availability of Bid Document in the portal | 10.00 hours of 07.02.2025 to 17.00 hours 17.02.2025 |
| 6. | Last date/time for receipt of Bids in the Portal | 17.02.2025 upto 17.00 hours |
| 7. | Date and place of Opening of Bid | Dt.18.02.2025 at 11.00 hours in the Office of the Superintending Engineer, Bhanjanagar Irrigation Division, Bhanjanagar |
| 8. | Date of Lottery | 24.02.2025 (Monday) at 11.00 A.M. |
| 9. | Name and address of the O.I.T. (Officer Inviting Tender) | Superintending Engineer, Bhanjanagar Irrigation Division, Bhanjanagar |

Further details can be seen from the e-Procurement Portal **"https://tendersodisha.gov.in"**.

Sd./- Superintending Engineer
Bhanjanagar Irrigation Division
OIPR-32010/11/0006/2425 Bhanjanagar

**DISTRICT PROJECT OFFICE**
**SAMAGRA SHIKSHA, JAJPUR (ODISHA)**
Notice No. 289/XIV//2024-25 Date: 03.02.2025

**NOTICE INVITING TENDER (NIT)**

No. n-208: Sealed tendrs are invited from the reputed & credible Printers/Firms/Agencies for printing & supply of "Question cum Answer Sheets, Answer Key & Oral Questions" for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last date & time of receipt of Bid | Date & time of Opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2024-25 | Rs.2000/- (Two thousand) only | Rs.50,000/- | 13.02.2025 | 14.02.2025 at 12.30 P.M. |

The detailed BID document is available in the website **www.jajpur.odisha.gov.in**, **www.osepa.odisha.gov.in**. Interested and eligible agency/firm may downloaded BID DOCUMENT from the above website and apply accordingly. Corrigendum/Addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/ cancel the entire selection process at any stage without assigning any reason thereof.

By the Order of Collector-cum-Chairman
Sd./- Distirct Project Co-ordinator
OIPR-27057/11/0001/2425 Samagra Shiksha, Jajpur

**ZILLA SWASTHYA SAMITI (ZSS), KANDHAMAL**
**Office of the CDM&PHO-cum-District Mission Director, NHM, Kandhamal**
Advt.No.1380/NHM/HR-Out House/2024/16 Date:03.02.2025

**WALK-IN-INTERVIEW**

**No.E-731:** Interested candidates fulfilling the eligibility criteria are requested to attend the Walk-in-Interview for filling up the following posts under National Health Mission, Kandhamal on purely temporary (contractual) basis for a period of 11 months with monthly remuneration as noted against each and subject to renewal as per the society norm basing on the performance and subsistence of the programme. Performance Incentives & other benefits are also admissible as per norm applicable & orders issued there-under from time to time. Minimum age for all said post is 21 completed years as on 01.12.2024.

| Sl.No. | Name of the Post | Vacancy | Remuneration & (PI) | Date of Walk-in-Interview |
|---|---|---|---|---|
| 1 | Dental Technician-DEIC | 01 Post | 15623/- + PI | 28.02.2025 |
| 2 | Lab. Assistant- DPHL | 01 Post | 12705/- + PI | |
| 3 | MO SNCU | 02 Post | 67122/- + PI | |
| 4 | MO DEIC | 01 Post | 67122/- + PI | |
| 5 | MO Haemoglobinopathy | 01 Post | 67122/- + PI | |
| 6 | MO NPCDCS | 01 Post | 67122/- + PI | |

The above positions are purely temporary and also co-terminus with the scheme. Canvassing in any form will render the candidate disqualified for the position. Details of qualification and application form can be downloaded from the district website: (https://kandhamal.odisha.gov.in). The interested candidates may attend the Walk in interview on scheduled date. The candidates can register their name from Previous day (i.e. before 01 day) of the scheduled date and it will be continued till 12.00 Noon of the scheduled date of Walk in Interview. No application will be received after scheduled date & timing of registration. Venue:- O/o- DPMU, NHM, DHH Phulbani, Dist-Kandhamal, Pin-762001, Odisha. The undersigned reserves the right to cancel any or all the applications without assigning any reason or communication thereof. No personal enquiry regarding recruitment will be entertained by over phone.

Sd./- Dr. Santosh Kumar Padhi
OIPR-10015/11/0019/2425 CDM&PHO-cum-District Mission Director, NHM, Kandhamal

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଶ୍ଚିମବଙ୍ଗରେ ପୁଞ୍ଜି ବିନିଯୋଗକୁ ଦ୍ୱିଗୁଣିତ କରିବ ରିଲାଏନ୍ସ

**କୋଲକାତା,୫।୨**

ରିଲାଏନ୍ସ ଗ୍ରୁପ୍ ପଶ୍ଚିମବଙ୍ଗରେ ପ୍ରାୟ ୫୦,୦୦୦ କୋଟି ଟଙ୍କା ପୁଞ୍ଜି ନିବେଶ କରିବ ବୋଲି ଅଷ୍ଟମ ବେଙ୍ଗଲ ଗ୍ଲୋବାଲ ବିଜ୍‌ନେସ ସମ୍ମିଳନୀରେ ଯୋଗ ଦେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିସ୍ତୃତ ଭାବେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏପରି କି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆସନ୍ତା ୨୦୩୦ ସୁଦ୍ଧା ଏହି ପୁଞ୍ଜି ବିନିଯୋଗକୁ କାର୍ଯ୍ୟକ୍ଷମ କରାଇବା ସହିତ ୨୦୩୫ ବେଳକୁ ପୁଞ୍ଜି ନିବେଶ ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବା ନେଇ ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି।


ମୁକେଶ ଅମ୍ବାନୀ

ସେହିଭଳି ଆସନ୍ତା ୧୦ବର୍ଷ ମଧ୍ୟରେ ପଶ୍ଚିମବଙ୍ଗରେ ନିଜର ପୁଞ୍ଜିନିବେଶକୁ ଦ୍ୱିଗୁଣିତ କରିବା ସହିତ ଗତ ଦଶନ୍ଧି ମଧ୍ୟରେ ରିଲାଏନ୍ସର ପୁଞ୍ଜିନିବେଶ ୨ ହଜାର କୋଟି ଟଙ୍କାରୁ ୫୦ହଜାର କୋଟି ଟଙ୍କାକୁ ବୃଦ୍ଧି ହୋଇଥିବା ଅମ୍ବାନୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ସେହିପରି ରିଲାଏନ୍ସ ଜିଓ ଭାରତରେ ବିଶ୍ୱର ସର୍ବଶ୍ରେଷ୍ଠ ଏଆଇ ଭିତ୍ତିଭୂମି ପ୍ରସ୍ତୁତ କରୁଛି ଏବଂ ଏକ ଅତ୍ୟାଧୁନିକ ମାନୁଫାକଚରିଂ କ୍ଷମତା ସହିତ ଡିପ୍ ଟେକ୍ନୋଲୋଜି ସମ୍ପନ୍ନ ଦେଶ ହେବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

ବେଙ୍ଗଲ ଗ୍ଲୋବାଲ ସମ୍ମିଳନୀରେ ଯୋଗଦେଇ ମୁକେଶ ଅମ୍ବାନୀ ମୋଟ ୫ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଜିଓ ପକ୍ଷରୁ କୋଲକାତାରେ ରହିଥିବା ଡାଟା ସେଣ୍ଟରକୁ ଅତ୍ୟାଧୁନିକ ଏଆଇ-ପ୍ରସ୍ତୁତ ଡାଟା ସେଣ୍ଟରରେ ପରିଣତ କରାଯାଉଛି, ଯାହା ଆସନ୍ତା ୯ମାସ ମଧ୍ୟରେ ପ୍ରସ୍ତୁତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଡାଟା ସେଣ୍ଟର ପଶ୍ଚିମବଙ୍ଗକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଭଳି ଟେକ୍ନୋଲୋଜି ଯୋଗାଇବ, ଯାହା ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରିବ। ରିଟେଲ କ୍ଷେତ୍ରରେ ରିଲାଏନ୍ସ ଆସନ୍ତା ତିନି ବର୍ଷ ମଧ୍ୟରେ ୪୦୦ଟି ନୂତନ ଷ୍ଟୋର ଖୋଲିବାକୁ ଯାଉଥିବା ଅମ୍ବାନୀ ଘୋଷଣା କରିଛନ୍ତି। ସମ୍ପ୍ରତି ରିଲାଏନ୍ସର ପଶ୍ଚିମବଙ୍ଗରେ ୧୩୦୦ରୁ ଅଧିକ ଷ୍ଟୋର ରହିଛି, ଯାହା ତିନି ବର୍ଷ ମଧ୍ୟରେ ୧,୭୦୦କୁ ବୃଦ୍ଧି ପାଇବ।

# ଶେୟାର ବଜାର କାରବାରରେ ହ୍ରାସ



**ମୁମ୍ବାଇ,୫।୨**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୧୨ (୩୧୨.୫୩) ପଏଣ୍ଟ କମି ୭୮,୨୭୧ (୭୮,୨୭୧.୨୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୪୩ (୪୨.୯୫) ପଏଣ୍ଟ ହ୍ରାସ ଘଟି ୨୩,୬୯୬ (୨୩,୬୯୬.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଏଇଏଲ୍‌ର ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟର

**ଭୁବନେଶ୍ୱର,୫।୨**

ଏଥର ଏନର୍ଜି ଲିମିଟେଡ (ଏଇଏଲ୍) ର ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟର 'ଏଥର ସ୍ପେସ୍'ର ଶୁଭାରମ୍ଭ ନିକଟରେ ବାଲେଶ୍ୱରର କାଳିଦାସପୁରଠାରେ ହୋଇଯାଇଛି। ଏପରିକି ଏହି ସେଣ୍ଟର ଜରିଆରେ ବ୍ରାଣ୍ଡର ଗ୍ରାହକମାନେ ଏଥର-୪୫୦ ପରଫର୍ମାନ୍ସ ସ୍କୁଟର ଏବଂ ଏଥର ରିଜଟା କିଣିପାରିବେ। ଏ ସମ୍ପର୍କରେ ଏଇଏଲ ସିବିଓ ରବନୀତ ସିଂ ଫୋକେଲା କହିଛନ୍ତି, ବାଲେଶ୍ୱରରେ ଆମେ ଆମର ପ୍ରଥମ ଅଭିଜ୍ଞତା କେନ୍ଦ୍ରର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ପୁରୀ ଓ ସମ୍ବଲପୁର ଭଳି ସ୍ଥାନରେ ମଧ୍ୟ ନୂତନ ଏକ୍ସପେରିଏନ୍ସ ସେଣ୍ଟର ସହ ଆମେ ଓଡ଼ିଶା ବଜାରରେ ଆମର ନେଟୱର୍କ ବିସ୍ତାର କରୁଛୁ। କ୍ରିଷ୍ଣା ଆକ୍ୱା ଫାର୍ମସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର ସମୀର କୁମାର ଜଟାନିଆ କହିଛନ୍ତି, ଆମେ ଇଲେକ୍ଟ୍ରିକ ଦୁଇ ଚକିଆ ଯାନ ସେଗମେଣ୍ଟର ସବୁଠାରୁ ପ୍ରସିଦ୍ଧ ବ୍ରାଣ୍ଡ ଏଥର ଏନର୍ଜି ସହିତ ଯୋଡିହୋଇ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ। ଏପରିକି ଆମେ ବାଲେଶ୍ୱରରେ ପ୍ରଥମ ଅଭିଜ୍ଞତା କେନ୍ଦ୍ର ପ୍ରତିଷ୍ଠା କରୁଛୁ। ବାଲେଶ୍ୱରବାସୀଙ୍କ ପାଇଁ ଗୁଣାତ୍ମକ ଉତ୍ପାଦ ଯୋଗାଇବା ଏବଂ ଏଠାକାର ଲୋକଙ୍କ ମଧ୍ୟରେ ଇଲେକ୍ଟ୍ରିକ୍ ଯାନର ଗ୍ରହଣୀୟତା ବୃଦ୍ଧି କରିବାକୁ ନେଇ ଆମେ ଉତ୍ସାହିତ ଅଛୁ।

# ଗଗନ ଗୋ ଫର୍ ଫ୍ରିଡମ୍ ଗୋଲ୍ଡ ଅଫରର ବିଜେତା

**ବମ୍ପର ଡ୍ର'ରେ ସୁରେଶ ଜିତିଲେ ସ୍ୱର୍ଣ୍ଣମୁଦ୍ରା**

**ଭୁବନେଶ୍ୱର,୫।୨(ଅଭୟ ଦାଶ)**

ଫ୍ରିଡମ ହେଲ୍‌ଦି କୁକିଂ ଅଏଲ୍‌ର ବହୁ ପ୍ରତୀକ୍ଷିତ ବମ୍ପର ଡ୍ର 'ଗୋ ଫର୍ ଫ୍ରିଡମ ଗୋଲ୍ଡ ଅଫର-୨୦୨୪'ର ବିଜେତାଙ୍କ ନାମ ନିକଟରେ ଘୋଷଣା କରାଯାଇଥିଲା। ଓଡ଼ିଶା ସମେତ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ଏହି ବମ୍ପର ଡ୍ର'ର ଭାଗ୍ୟଶାଳୀ ବିଜେତାମାନେ ୫୦ଗ୍ରାମର ସ୍ୱର୍ଣ୍ଣମୁଦ୍ରା ଜିତିଛନ୍ତି। ଏପରିକି ପ୍ରତ୍ୟେକ ରାଜ୍ୟରୁ ଜଣେ ବିଜେତା ୫୦ଗ୍ରାମ ସୁନାମୁଦ୍ରା ଜିତିଥିବାବେଳେ ଉପବିଜେତାଙ୍କୁ ୧୦ଗ୍ରାମର ସୁନାମୁଦ୍ରା ପୁରସ୍କାର ସ୍ୱରୂପ ଏକ ସ୍ୱତନ୍ତ୍ର ଉତ୍ସବରେ ଦିଆଯାଇଥିଲା।

ଏହି ପରିପ୍ରେକ୍ଷୀରେ ଫ୍ରିଡମର ଓଡ଼ିଶା ବଜାର ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍‌ର ଜିଏମ୍ (ମାର୍କେଟିଂ) ଚେତନ ପିମ୍ପଲଖୁଟେ ଏବଂ ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ପ୍ରମୁଖ ଉପସ୍ଥିତ ରହି 'ଗୋ ଫର୍ ଫ୍ରିଡମ ଗୋଲ୍ଡ ଅଫର-୨୦୨୪'ର ବିଜେତା ଯାଜପୁର ଜିଲାର ଗଗନ ବିହାରୀ ସାହୁଙ୍କୁ ୫୦ ଗ୍ରାମ ସ୍ୱର୍ଣ୍ଣମୁଦ୍ରା ଏବଂ ଗଜପତି ଜିଲା (ମୋହନା)ର ସୁରେଶ ଚନ୍ଦ୍ର ସାହୁଙ୍କୁ ୧୦ଗ୍ରାମର ସୁନା ମୁଦ୍ରା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ।



ଦୁଇ ଭାଗ୍ୟଶାଳୀ ବିଜେତାଙ୍କ ସହ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍‌ର ବରିଷ୍ଠ ଅଧିକାରୀ।

ଏ ସମ୍ପର୍କରେ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍‌ସର ଜିଏମ୍ (ମାର୍କେଟିଂ) ଚେତନ ପିମ୍ପଲଖୁଟେ କହିଥିଲେ, ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲରେ ଆମ ଗ୍ରାହକଙ୍କୁ ଗୁଣାତ୍ମକ ତଥା ନିରାପଦ ଉତ୍ପାଦ ପ୍ରଦାନ କରିବା ବ୍ୟତୀତ 'ଗୋ ଫର୍ ଫ୍ରିଡମ୍ ଗୋଲ୍ଡ ଅଫର୍ ୨୦୨୪' ଆମେ କାର୍ଯ୍ୟ କରୁଥିବା ଭୌଗୋଳିକ ସ୍ତରରେ ମଧ୍ୟ ଏହି ଅଫର ଜରିଆରେ ଗ୍ରାହକଙ୍କ ମଧ୍ୟରେ ସୁଖ ବିସ୍ତାର କରିପାରିଛୁ।

ସେହିଭଳି ଫ୍ରିଡମ୍ ହେଲ୍‌ଦି କୁକି ଅଏଲ୍‌ର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ କହିଥିଲେ, ଆମେ ଏହି ଅଫର ଜରିଆରେ ଏକ ଭଲ କାରବାର ଓ ଉତ୍ସାଜନକ ଆଗ୍ରହ ବଜାରରେ ଦେଖିବାକୁ ପାଇଥିଲୁ।

# ଆର୍ଥିକ ଅଭିବୃଦ୍ଧିକୁ ପ୍ରାଥମିକତା

**ନୂଆଦିଲ୍ଲୀ,୫।୨**

ବର୍ତ୍ତମାନ ସମୟରେ ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ ସରକାର ଆର୍ଥିକ ଅଭିବୃଦ୍ଧିକୁ ପ୍ରାଥମିକତା ଦେଉଛନ୍ତି। ଏପରିକି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନିକଟରେ ଉପସ୍ଥାପନ କରାଯାଇଥିବା କେନ୍ଦ୍ରୀୟ ବଜେଟ ମଜଭୁତ ଡିଜିଟାଲ ଇଣ୍ଡିଆ ପାଇଁ ଏକ ବୋଲ୍ଡ ବ୍ଲୁ ପ୍ରିଣ୍ଟ ହୋଇଥିଲାବେଳେ ଟେକ୍ନୋଲୋଜି-ଆଧାରିତ ବିକାଶ, ଏଆଇ-ଚାଳିତ ଆଧୁନିକୀକରଣ ଓ ସମାବେଶୀ ଆର୍ଥିକ ଅଭିବୃଦ୍ଧିକୁ ଏହା ପ୍ରାଥମିକତା ଦେଉଛି ବୋଲି ସେଲ୍‌ସଫୋର୍ସ ଇଣ୍ଡିଆର ଅଧ୍ୟକ୍ଷ ତଥା ସିଇଓ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ବିଶ୍ୱର ଅନ୍ୟତମ ସର୍ବବୃହତ ଟ୍ୟାଲେଣ୍ଟ ପୁଲ୍ ଭାବେ ଭାରତରେ ଏଆଇ ବିପ୍ଳବକୁ ଆଗକୁ ବଢ଼ାଇବାର ବର୍ତ୍ତମାନ ଏକ ସ୍ୱତନ୍ତ୍ର ସୁଯୋଗ ରହିଛି କିନ୍ତୁ ଏହାକୁ ହାସଲ କରିବା ପାଇଁ ଦ୍ରୁତ ଅପସ୍କିଲିଂ, ଶିଳ୍ପ ସହଭାଗିତା ଓ ଶିକ୍ଷାକୁ ଗଣତାନ୍ତ୍ରିକ କରିବାର ଆବଶ୍ୟକତା ରହିଛି ବୋଲି ଅରୁନ୍ଧତୀ ମତବ୍ୟକ୍ତ କରିଛନ୍ତି। ଏହି ବଜେଟକୁ ସେ ଏକ ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବିନ୍ଦୁ ଭାବେ ଦେଖୁଛନ୍ତି।


ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ

ସେହିପରି ବଜେଟରେ ୫୦,୦୦୦ ଅଟଳ ଟିଙ୍କରିଙ୍ଗ ଲାବ୍, ଶିକ୍ଷା କ୍ଷେତ୍ରରେ ଏଆଇ ପାଇଁ ୫୦୦ କୋଟି ଟଙ୍କାର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଏବଂ ଦକ୍ଷତା ବିକାଶ ପାଇଁ ୫ଟି ନ୍ୟାଶନାଲ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସ ଭାରତ ସରକାରଙ୍କ ନିବେଶ ସେଲ୍‌ସଫୋର୍ସରେ ଆମର ମିଶନ ସହ ଜଡିତ ରହିଛି। ସେଲ୍‌ସଫୋର୍ସରେ ଟ୍ରେଲହେଡ ଓ ଆମର ସେଲ୍‌ସଫୋର୍ସ ଏଆଇସିଟିଇ ଭର୍ଚୁଆଲ ଇଣ୍ଟର୍ନଶିପ ପ୍ରୋଗ୍ରାମ ମାଧ୍ୟମରେ ଆମେ ହଜାର ହଜାର ଶିକ୍ଷାର୍ଥୀଙ୍କୁ ଭବିଷ୍ୟତର କର୍ମକ୍ଷେତ୍ରରେ ସଫଳ ହେବା ପାଇଁ ଏଆଇ, କ୍ଲାଉଡ ଓ ଅଟୋମେଶନ ଦକ୍ଷତା ସହ ସୁସଜ୍ଜିତ କରୁଛୁ।


# Classified Everyday
0674-2580101, 9692975378


REAL ESTATE

**SALE**

**11700 sqft. Gharabari land sale at Pitapalli, NH Side - 7008634668.** D-76234

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ)। Contact- 8917622925 D-2762

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399.** D-2772

**GENERAL**

**SALE**

**For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222.** D-75591

**ACCOMMODATION**

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819




Herbal full body massage by smart/ expert therapist. 8327740003, 7205178829. D-76413

Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 24.01.2025, I, Lili Hembram, Address: At- Nilapanitanki, Unit-8, P.O./P.S.- Nayapalli, Bhubaneswar, Dist.- Khordha, Odisha 751012, declare that I have changed my son's name from Hemanta Hembram to Akash Hembram. Henceforth, he shall be known as Akash Hembram for all purposes. Lili Hembram D-2809

By virtue of an affidavit sworn before Executive Magistrate, Puri, dared 03.Feb. 2025, I Santosh Kumar Sahoo, corrected my daughter'sn name BAISNVI SAHOO for all purposes. D-2820

By virtue of an affidavit sworn before the Executive Magistrate, Bhubaneswar, dated on 03.02.2025. I, Jharana Dalai, At- Gambhari, P.O.- Nuagaon Badabhuin, P.S.- Brahmagiri, Dist.- Puri, Odisha declare that I have changed my name from Jharana Parida to Jharana Dalai. Henceforth, I shall be known as Jharana Dalai for all purposes. Jharana Dalai D-2823

**LOST**

I, Kabita Biswal W/o Basanta Biswal declare that I have lost the original sale deed No.- 2668 dated 09.10.2001 of landed Property of Mouza- Niharunikandha, Tahsil- Kujanga, Dist.- Jagatsinghpur on dated: 04.01.2025 at about 10AM somewhere at Niharunikandha locality which I am unable to trace it out. If any claims/ objections over the aforesaid property occur, may please contact : Saroj Kumar Biswal, Mobile No.- 7894470306 within 7days. D-75358

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଲକ୍ଷ୍ମୀପ୍ରିୟା ଦାସ
(ସମାଜସେବୀ)
ସ୍ୱାମୀ - ସ୍ୱର୍ଗତ ବଟକୃଷ୍ଣ ଦାସ
ବରୁଣ୍ଡେଇ, କୋରେଇ, ଯାଜପୁର
ଆବିର୍ଭାବ : ୩୧.୦୭.୧୯୫୩
ତିରୋଧାନ : ୨୭.୦୧.୨୦୨୫
ବୋଉ, ଦେଖୁ ଦେଖୁ ୧୧ଦିନ ବିତିଗଲା। ତୁମ ଅବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଦୁଃଖପ୍ରଦ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଚିନ୍ତାଧାରା ଆମ ଜୀବନରେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।
ଶୋକସନ୍ତପ୍ତ ପରିବାରବର୍ଗ
ବାବୁ, ବେବି, କାବୁ, ସୋନି, ବୁବୁ, ମାନ ଏବଂ ତୁହି, କ୍ରିଷା, ଆୟୁଷ, ମାହି, ବୈଭବ, ଗୁଡ଼ିଆ ଏବଂ ଆତ୍ମୀୟସ୍ୱଜନ।
ଧ-୭୬୦୪୩

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଂ ଲିଙ୍ଗରାଜ ସାହୁ (ଭାଲୁ)
ସ୍ଥାନ - ରାଣୀହାଟ, କଟକ
ଆବିର୍ଭାବ - ତା.୨୮.୦୬.୧୯୭୬
ତିରୋଧାନ - ତା.୧୭.୦୨.୨୦୨୪
ତୋର ସ୍ନେହ, ଶ୍ରଦ୍ଧା, ସହନଶୀଳତା, ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ତୋର ଆକସ୍ମିକ ବିୟୋଗ ଚାହୁଁ ଚାହୁଁ ଏକବର୍ଷ ହୋଇଗଲା, ତୋର ହସ ହସ ଶାନ୍ତ ମୁହଁ ଆମ୍ଭମାନଙ୍କୁ ସବୁବେଳେ ଦେଖାଯାଉଛି, ତୋର ଅନୁପସ୍ଥିତିରେ ଶୂନ୍ୟତାକୁ ଆମେ ସବୁବେଳେ ଝୁରି ହେଉଛୁ।
ଶୋକସନ୍ତପ୍ତ : ସ୍ତ୍ରୀ - ସ୍ୱର୍ଣ୍ଣଲତା ସାହୁ (ଝିଲି), ଭାଉଜ - କନକଲତା ସାହୁ, ବଡ଼ ଭାଇ - କେଦାରନାଥ ସାହୁ (ଲୁଆ), ପୁତୁରା - କମଲଜିତ୍ ସାହୁ (ବିକି) (ପଦ୍ମଲୋଚନା ଭିମା), ବାବା - ବାଉରିବନ୍ଧୁ ସାହୁ, ଝିଅ - ପାୟଲ, ପିଙ୍କି, ଟୁମ୍ପା, ରିମି ଓ ପରିବାରବର୍ଗ।
ଧ-୨୮୨୫

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ କମଳା କୁମାରୀ ଆଚାର୍ଯ୍ୟ
ନୂଆଶାସନ, ବଡ଼ଚଣା, ଯାଜପୁର
ଆବିର୍ଭାବ : ୦୫.୦୨.୧୯୩୮
ତିରୋଧାନ : ୨୮.୦୧.୨୦୨୫
ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆଜି ତୁମର ତିରୋଧାନରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ - ପୁଅ, ବୋହୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୮୨୪

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଜାନୁଆରୀରେ ୧୦,୩୫୦ ୟୁନିଟ୍ ଟ୍ରାକ୍ଟର ବିକ୍ରି



**ନୂଆଦିଲ୍ଲୀ,୫।୨**

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ୍ ସୋନାଲିକା ଟ୍ରାକ୍ଟର୍ସର ମାସିକ ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୫ ଜାନୁଆରୀରେ ସୋନାଲିକା ମୋଟ ୧୦,୩୫୦ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ୨୦୨୪ ଜାନୁଆରୀରେ ବ୍ରାଣ୍ଡ୍ ମୋଟ ୯୭୬୯ ୟୁନିଟ ଟ୍ରାକ୍ଟର ବିକ୍ରି କରିଥିଲା। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଚଳିତ ବର୍ଷ ଜାନୁଆରୀରେ ଆମେ ସର୍ବାଧିକ ୧୦,୩୫୦ୟୁନିଟ ଟ୍ରାକ୍ଟର ବିକ୍ରି ସହିତ ଆମର ନୂତନ ବର୍ଷର ଯାତ୍ରା ସଫଳତାର ସହ ଆରମ୍ଭ କରିବାକୁ ସକ୍ଷମ ହୋଇଛୁ। ଏପରିକି ଆମେ ଘରୋଇ ବଜାରରେ ବିକ୍ରି ବୃଦ୍ଧି ଏବଂ ବଜାର ଅଂଶ ହାସଲ କରିବା ମଧ୍ୟ ଜାରି ରଖିଛୁ,୨୦୨୫ ଜାନୁୟାରୀରେ ଶିଳ୍ପ ବିକାଶକୁ ପଛରେ ପକାଇ ଆମେ ଚଳିତ ବର୍ଷରେ ଆହୁରି ଅଧିକ ସଫଳତା ପାଇବାକୁ ଲକ୍ଷ୍ୟ ରଖିଛୁ। ଏଥିସହିତ ଆମେ କଷ୍ଟମାଇଜ୍‌ଡ ଟ୍ରାକ୍ଟର ପ୍ରଦାନ କରିବା ଓ ପ୍ରତ୍ୟେକ ଅଞ୍ଚଳରେ କୃଷକଙ୍କ ସମୃଦ୍ଧତାକୁ ଆଗକୁ ବଢ଼ାଇବା ପାଇଁ ମଧ୍ୟ ପ୍ରତିବଦ୍ଧ ରହିଛୁ। ସେହିଭଳି ଆମେ ସବୁବେଳେ ଆମର ବିଶ୍ୱାସ ଏବଂ ୩ଟି ମୂଳ ସିଦ୍ଧାନ୍ତ- ସର୍ବୋତ୍ତମ ଉତ୍ପାଦ ଓ ସେବା ପ୍ରଦାନ କରିବା, ଆମର ହିତାଧିକାରୀଙ୍କ ହିତକୁ ଗୁରୁତ୍ୱ ଦେବା ଓ ନୈତିକତାର ସହ ବ୍ୟବସାୟ କରିବା ଆଦିକୁ ଅନୁସରଣ କରିଆସିଛୁ। ଏହା ସବୁବେଳେ ଆମକୁ ଟ୍ରାକ୍ଟର ଶିଳ୍ପରେ ନୂଆ ବେଞ୍ଚମାର୍କ ସ୍ଥିର କରିବା ପାଇଁ ପ୍ରୟାସ କରିବା ଲାଗି ପ୍ରେରିତ କରିଛି।

ସେହିପରି ସୋନାଲିକା ନିରନ୍ତର ଭାବେ ଟ୍ରାକ୍ଟର ଶିଳ୍ପରେ ନୂଆ ବେଞ୍ଚମାର୍କ ସ୍ଥାପନ କରିଆସିଛି। ପ୍ରତ୍ୟେକ କୃଷକଙ୍କ ନିକଟରେ ଯେପରି ନିଜର କୃଷି ଅନୁଭୂତିକୁ ନୂଆ ଉଚ୍ଚତାକୁ ନେବା ପାଇଁ ଶକ୍ତିଶାଳୀ, ଦକ୍ଷ ଓ ନିର୍ଭରଯୋଗ୍ୟ କୃଷି ଯନ୍ତ୍ରପାତି ପାଇଁ ପହଞ୍ଚ ରହିବ ତାହାକୁ ସୁନିଶ୍ଚିତ କରୁଛି। ୧୫୦ରୁ ଅଧିକ ଦେଶରେ ଏକ ବିଶ୍ୱସନୀୟ ବ୍ରାଣ୍ଡ୍ ଭାବେ ସୋନାଲିକା ଗ୍ରାହକ ସନ୍ତୁଷ୍ଟୀକରଣ ନିଶ୍ଚିତ କରିବା ପାଇଁ ବ୍ରାଣ୍ଡ୍‌ର ପ୍ରତିବଦ୍ଧତାରେ ଅଟଳ ରହିଛି, ଯାହା ଏହାକୁ ଅଧିକ ସଫଳତା ପାଇଁ ପ୍ରେରିତ କରୁଛି।

# ହ୍ୟାକ୍ ଟୁ ଦି ଫ୍ୟୁଚର ଉଦ୍‌ଯାପିତ

**ନୂଆଦିଲ୍ଲୀ,୫।୨**

କ୍ୱେଷ୍ଟ ଆଲିଆନ୍ସର ବହୁ ପ୍ରତୀକ୍ଷିତ ତଥା ଏକ ୫ ଦିନିଆ ଅଭିନବ ହ୍ୟାକାଥନ 'ହ୍ୟାକ୍ ଟୁ ଦି ଫ୍ୟୁଚର' ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରିକି 'ହ୍ୟାକ୍ ଟୁ ଦି ଫ୍ୟୁଚର: ଇନୋଭେଟିଂ ଫର୍ ପାର୍ଟିସିପେଟୋରୀ ଫ୍ୟୁଚର୍ସ' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଶିବିର ସଫଳତାର ସହ ଶେଷ ହୋଇଛି। ବେଙ୍ଗାଲୁରୁରେ କ୍ୱେଷ୍ଟ ଲର୍ନିଂ ଅବ୍‌ଜରଭେଟୋରି (କ୍ୟୁଏଲଓ)ରେ ଏହି ହାକାଥନ ଆୟୋଜିତ ହୋଇଥିଲା। ଏହି ହାକାଥନରେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ଝାଡଖଣ୍ଡ, କର୍ଣ୍ଣାଟକ ଓ ଓଡିଶା ଭଳି ୫ଟି ରାଜ୍ୟରୁ ୫୭ରୁ ଅଧିକ ଯୁବ ଉଦ୍ଭାବକ ଏକତ୍ରିତ ହୋଇଥିଲେ। ଏ ସମ୍ପର୍କରେ କ୍ୱେଷ୍ଟ ଆଲିଆନ୍ସର ସିନିୟର ପ୍ରୋଗ୍ରାମ ମ୍ୟାନେଜର ମହମ୍ମଦ ଅଜିମଉଦ୍ ଦୌଲା କହିଛନ୍ତି, ହାକାଥନଗୁଡ଼ିକ ଛାତ୍ରୀଛାତ୍ରଙ୍କୁ କେବଳ ଉତ୍ପାଦ ବିକଶିତ କରିବା ପାଇଁ କମ୍ପ୍ୟୁଟର, ଇଲେକ୍‌ଟ୍ରୋନିକ ଓ ଟେକ୍ନୋଲୋଜିଗୁଡ଼ିକ ସହ କାର୍ଯ୍ୟ କରିବା ଲାଗି ସୁଯୋଗ ଦେଇ ନ ଥାଏ ବରଂ ସେମାନଙ୍କୁ ସମୁଦାୟର ସମସ୍ୟାଗୁଡ଼ିକୁ ଭଲ ଭାବେ ବୁଝିବା ଓ ଅଭିନବ ସମାଧାନ ଖୋଜିବା ପାଇଁ ସାହାଯ୍ୟ କରିଥାଏ।

ଏହି ପ୍ରକ୍ରିୟା ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜର ଜଟିଳ ବିଚାର ଦକ୍ଷତା, ସମସ୍ୟା-ସମାଧାନ, ଯୋଗାଯୋଗ ଓ ବୈଷୟିକ ଦକ୍ଷତାକୁ ଉନ୍ନତ କରିଛନ୍ତି, ଯାହା ସେମାନଙ୍କୁ ଏଭଳି ବ୍ୟକ୍ତିରେ ପରିଣତ କରିଛି, ଯିଏକି ସବୁଠାରୁ ଜଟିଳ ସ୍ଥିତିରେ ମଧ୍ୟ ସୁଯୋଗକୁ ଦେଖିପାରିବେ। ହାକାଥନଗୁଡ଼ିକୁ ନିୟମିତ ପାଠ୍ୟକ୍ରମରେ ଏକୀକୃତ କରିବା ଦ୍ୱାରା ତାହା ଦୃଢ଼ତା, ସହଭାଗିତା ଓ ସମାନୁଭୂତି ବିକଶିତ କରିପାରିଥାଏ, ଛାତ୍ରୀଛାତ୍ରଙ୍କୁ ସମାଜରେ ସକ୍ରିୟ ସମସ୍ୟା ସମାଧାନକାରୀରେ ପରିଣତ କରିବା ପାଇଁ ପ୍ରସ୍ତୁତ କରିପାରିଥାଏ।

## ସଂକ୍ଷେପରେ

### ୟୁଏନ୍‌ଏଚ୍‌ଆର୍‌ସିରୁ ଅଲଗା ହେଲା ଆମେରିକା

ନ୍ୟୁୟର୍କ, ୫।୨

ଜାତିସଂଘ ମାନବ ଅଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)ରୁ ଆମେରିକା ଅଲଗା ହୋଇଛି। ଏନେଇ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦସ୍ତଖତ କରିଛନ୍ତି। ଏହି ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ପାଲେଷ୍ଟିନୀୟ ଶରଣାର୍ଥୀମାନଙ୍କ ପାଇଁ ଆମେରିକା ପକ୍ଷରୁ ଭବିଷ୍ୟତରେ ୟୁଏନ୍‌ଏଚ୍‌ଆର୍‌ସିକୁ ମିଳିବାକୁ ଥିବା ସହାୟତା ରାଶି ଉପରେ ରୋକ୍ ଲଗାଯାଇଛି। ସେହିପରି ମିଳିତ ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଙ୍ଗଠନ(ୟୁନେସ୍କୋ)ରେ ଆମେରିକାର ଭାଗୀଦାରୀକୁ ନେଇ ସମୀକ୍ଷା କରିବାକୁ ଟ୍ରମ୍ପ ତାଙ୍କ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ୍ ଦସ୍ତଖତ କରିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ କୁହାଯାଇଛି, ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଭବିଷ୍ୟତର ବିଶ୍ୱ ବିବାଦକୁ ରୋକିବା ଏବଂ ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜାତିସଂଘର ସ୍ଥାପନାରେ ଆମେରିକା ସହଯୋଗ କରିଥିଲା। ତେବେ ଜାତିସଂଘର କିଛି ଏଜେନ୍ସି ଏବଂ ସଂସ୍ଥା ଏବେ ଏହି ମିଶନରୁ ଦୂରେଇ ଯାଇଛନ୍ତି ଏବଂ ଏହା ବଦଳରେ ସେମାନେ ଆମେରିକାର ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରୁଛନ୍ତି।

### ସୁଇଡେନ୍ ସ୍କୁଲରେ ଗୁଳି: ୧୦ ମୃତ

ଷ୍ଟକ୍‌ହୋମ, ୫।୨

ମଧ୍ୟ ସୁଇଡେନ୍‌ର ଓରେବ୍ରୋସ୍ଥିତ କ୍ୟାମ୍ପସ ରିସବେର୍ଗସ୍କା ସେକେଣ୍ଡାରି ସ୍କୁଲରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସନ୍ଦିଗ୍ଧ ଆତତାୟୀ ମଧ୍ୟ ରହିଛନ୍ତି। ପୋଲିସ ପୂରା ସ୍କୁଲକୁ ଛାଉଣି କରି ଘଟଣାର ତଦନ୍ତ ଚଳାଇଛି। ତେବେ ସନ୍ଦିଗ୍ଧ ଆତତାୟୀ କୌଣସି ଆପରାଧିକ ଗ୍ୟାଙ୍ଗ୍‌ରେ ସାମିଲ ନ ଥିବା ନେଇ ପୋଲିସ ସୂଚନା ଦେଇଛନ୍ତି।

# ଟ୍ରମ୍ପ୍‌ଙ୍କ 'ଗାଜା ନିୟନ୍ତ୍ରଣ' ଯୋଜନା

**ଏକ ସଦ୍ୟ ଘଟଣାକ୍ରମରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗାଜା ଷ୍ଟ୍ରିପ୍‌କୁ ନେଇ ଆମେରିକାର ପୂର୍ବରୁ ରହିଆସିଥିବା ନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଛନ୍ତି। ତଦନୁସାରେ ଗାଜାର ନିୟନ୍ତ୍ରଣ ଆମେରିକା ହାତରେ ରହିବ। ଏହାକୁ ଆମେରିକା 'ରିଭେରା ଅଫ୍ ଦି ମିଡିଲ୍ ଇଷ୍ଟ୍'ରେ ପରିବର୍ତ୍ତିତ କରିବ। ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାରେ ଗାଜାକୁ ସମ୍ପୂର୍ଣ୍ଣ ଭଙ୍ଗାଯାଇ ଏହାର ପୁନଃ ନିର୍ମାଣ କରାଯିବ। ବିଶେଷକରି ଏହି ଭୂଖଣ୍ଡର ଅର୍ଥନୈତିକ ବିକାଶ ଓ ଗୃହନିର୍ମାଣ ପ୍ରକଳ୍ପ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଫୋକସ୍ ରହିବ। ଯୋଜନାର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଲା ପାଲେଷ୍ଟିନୀୟମାନଙ୍କୁ ଇଜିପ୍ଟ ଓ ଜୋର୍ଡାନ ଭଳି ପଡ଼ୋଶୀ ଦେଶଗୁଡ଼ିକରେ ଥଇଥାନ କରିବା। ତେବେ ଉଭୟ ରାଷ୍ଟ୍ର ଅତିରିକ୍ତ ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଏଥିଯୋଗୁ 'ଦୁଇରାଷ୍ଟ୍ର ସିଦ୍ଧାନ୍ତ' ସବୁଦିନ ପାଇଁ ଶେଷ ହୋଇଯିବା ଆଶଙ୍କା କରି ହମାସ୍ ଓ ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଟ୍ରମ୍ପ୍‌ଙ୍କ ଯୋଜନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି।**

## ହମାସ୍, ପାଲେଷ୍ଟାଇନ୍‌ର ପ୍ରତ୍ୟାଖ୍ୟାନ


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ୍,୫।୨

ଗାଜା ଷ୍ଟ୍ରିପ୍‌ରେ ହମାସ୍ ଓ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଉଭୟ ପକ୍ଷ ସହମତି ପ୍ରକାଶ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଭୂଖଣ୍ଡକୁ ଏକ 'ଧ୍ୱଂସାବଶେଷ' ଭାବେ ଅଭିହିତ କରିଥିଲେ। ସେତେବେଳେ ଟ୍ରମ୍ପ୍‌ଙ୍କ ମନରେ କ'ଣ ଥିଲା ତା'ର ଟେର କେହି ପାଇପାରି ନ ଥିଲେ। କିନ୍ତୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ମିଳିତ ପ୍ରେସ୍ କନ୍‌ଫରେନ୍ସ ବେଳେ ଟ୍ରମ୍ପ୍‌ଙ୍କ ଏହି ଅଭିସନ୍ଧିକୁ ଠଉରାଇବା ଆଉ କଷ୍ଟକର ନ ଥିଲା। ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ମଧ୍ୟ ଟ୍ରମ୍ପ୍‌ଙ୍କ 'ଗାଜା ନିୟନ୍ତ୍ରଣ' ଯୋଜନାକୁ ସମର୍ଥନ କରି କହିଥିଲେ, ପାଲେଷ୍ଟିନୀୟ ଏନ୍‌କ୍ଲେଭ୍‌କୁ ଇସ୍‌ଲାମୀୟ ଗୋଷ୍ଠୀ ହମାସ୍ କବଳରୁ ମୁକ୍ତ କରାଯିବା ଜରୁରୀ। ଟ୍ରମ୍ପ୍‌ଙ୍କ ଘୋଷଣାବେଳେ ନେତାନ୍ୟାହୁ ବାରମ୍ବାର ମୁରୁକି ହସୁଥିଲେ। ସେ କହିଥିଲେ, ଇସ୍ରାଏଲ୍ 'ଯୁଦ୍ଧର ସମସ୍ତ ୩ଟି ଲକ୍ଷ୍ୟ'କୁ ହାସଲ କରିଛି। ଟ୍ରମ୍ପ୍‌ଙ୍କ ଏହି ଯୋଜନାକୁ ନେତାନ୍ୟାହୁ ପ୍ରଶଂସା କରିବା ସହ ଏହା ଇତିହାସ ବଦଳାଇଦେବ ଏବଂ ଗାଜାରୁ ହମାସ୍ ଆତଙ୍କକୁ ସବୁଦିନ ପାଇଁ ଦୂର କରିଦେବ ବୋଲି କହିଛନ୍ତି। ଅନ୍ୟପକ୍ଷେ ହମାସ୍ ଏବଂ ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଏହି ପ୍ରସ୍ତାବକୁ ନିନ୍ଦା କରିଛନ୍ତି। ଏହାଦ୍ୱାରା ଦୁଇରାଷ୍ଟ୍ର ସିଦ୍ଧାନ୍ତ ସବୁଦିନ ପାଇଁ ଶେଷ ହୋଇଯିବା ଆଶଙ୍କାରେ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

ସମାଲୋଚକଙ୍କ ମତରେ ପାଲେଷ୍ଟିନୀୟଙ୍କ ପୁନର୍ବାସ ପ୍ରସ୍ତାବ ଯୋଗୁ ପାଲେଷ୍ଟିନୀୟମାନେ ପୁଣି ଗଣବିସ୍ଥାପନର ଶିକାର ହୋଇପାରନ୍ତି। ତେଣୁ ସେମାନଙ୍କ ଭବିଷ୍ୟତ ଓ ଆଞ୍ଚଳିକ ସ୍ଥିରତାକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି। ଆଉ କେତେକଙ୍କ ମତରେ ଏହି ଯୋଜନା ଗାଜାର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱକୁ ନ୍ୟୂନ କରିଦେବ। ପାଲେଷ୍ଟିନୀୟଙ୍କୁ ସେମାନଙ୍କ ମାତୃଭୂମିରୁ ଚିରଦିନ ସକାଶେ ବିଦା କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଣୁ ସ୍ୱେଚ୍ଛାକୃତ ଭାବେ ନିଜ ଘର ଛାଡ଼ି ଅନ୍ୟତ୍ର ବସବାସ କରିବା ପାଇଁ ପାଲେଷ୍ଟିନୀୟଙ୍କୁ ଆମେରିକା କିପରି ବୁଝାଇବ ଏବଂ ଅନ୍ତର୍ଜାତୀୟ ସମୁଦାୟ ଏହାକୁ କିପରି ଗ୍ରହଣ କରିବେ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ। ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ନିକଟରେ ଚୁକ୍ତି ହୋଇଥିଲା। ତଦନୁସାରେ ଗାଜା ଷ୍ଟ୍ରିପ୍‌ରେ ଉଭୟ ପକ୍ଷ ସଂଯମ ରହି ସାମୟିକ ଭାବେ ଯୁଦ୍ଧ ବନ୍ଦ କରିଛନ୍ତି। ଯୁଦ୍ଧବିରତି ଯୋଗୁ ଅନେକ ଗୃହବନ୍ଦୀ ଓ ପାଲେଷ୍ଟିନୀୟ ବନ୍ଦୀ ମୁକ୍ତ ହୋଇପାରିଛନ୍ତି। ଆଗକୁ ଯୁଦ୍ଧବିରତି ବଜାୟ ରଖିବା ପାଇଁ ଆଲୋଚନା ଜାରି ରହିଛି।


ଦିଲ୍ଲୀର ଓଖଲା ନିର୍ବାଚନ ମଣ୍ଡଳୀରେ ମତଦାନ କରିସାରି ମହିଳାମାନେ ଶ୍ୟାହି ଲାଗିଥିବା ଅଙ୍ଗୁଳି ଦେଖାଉଛନ୍ତି।

## ଉତ୍ତରାଖଣ୍ଡରେ ପ୍ରଥମ ଲିଭ୍-ଇନ୍ ସମ୍ପର୍କକୁ ମଞ୍ଜୁରୀ

ଡେରାଡୁନ୍, ୫।୨

ଉତ୍ତରାଖଣ୍ଡରେ ସମାନ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ ହେବାର ୧୦ ଦିନ ମଧ୍ୟରେ ମାତ୍ର ଜଣେ ଦମ୍ପତିଙ୍କୁ ଲିଭ୍-ଇନ୍ ରିଲେଶନ୍‌ଶିପ୍‌ରେ ରହିବା ପାଇଁ ମଞ୍ଜୁରି ମିଳିଛି। ଆଧିକାରିକ ସୂତ୍ର ଅନୁଯାୟୀ, ଲିଭ୍-ଇନ୍ ରିଲେଶନ୍‌ଶିପ୍‌ର ଅନ୍‌ଲାଇନ ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ଲିଭ୍-ଇନ୍ ସମ୍ପର୍କରେ ରହୁଥିବା ଦମ୍ପତିମାନଙ୍କର ସମୁଦାୟ ୫ଟି ଆବେଦନ ହସ୍ତଗତ ହୋଇଛି। ସେଥିମଧ୍ୟରୁ ଗୋଟିଏ ଆବେଦନକୁ ମଞ୍ଜୁରି ଦିଆଯାଇଥିବାବେଳେ ଅନ୍ୟ ୪ଟି ଆବେଦନର ରେଜିଷ୍ଟ୍ରେଶନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଗତ ମାସ ୨୭ ତାରିଖରେ ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ଭାବେ ୟୁସିସିକୁ କାର୍ଯ୍ୟକାରୀ କରିଥିଲା। ଏହି ଆଇନ ଅନୁଯାୟୀ ରାଜ୍ୟରେ ବିବାହ, ଛାଡ଼ପତ୍ର ଏବଂ ସମ୍ପତ୍ତି ସହ ଜଡ଼ିତ ଥିବା ବ୍ୟକ୍ତିଗତ ନିୟମକୁ ସମାନ କରାଯାଇଥିଲା। ବିବାହ, ଛାଡ଼ପତ୍ର ଏବଂ ଲିଭ୍-ଇନ୍ ସମ୍ପର୍କର ବାଧ୍ୟତାମୂଳକ ଅନ୍‌ଲାଇନ ପଞ୍ଜୀକରଣ ପାଇଁ ଏହି ଅବସରରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏକ ପୋର୍ଟାଲକୁ ଲଞ୍ଚ କରିଥିଲେ।

## ଜାତିଗତ ସର୍ଭେ ଦାବିରେ ତେଲଙ୍ଗାନା ବିଧାନସଭାରେ ପ୍ରସ୍ତାବ ପାରିତ

ହାଇଦ୍ରାବାଦ, ୫।୨

ତେଲଙ୍ଗାନା ବିଧାନସଭାରେ ମଙ୍ଗଳବାର ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ପାରିତ ହୋଇଛି। ଦେଶବ୍ୟାପୀ ପାରିବାରିକ, ଜାତିଗତ ଏବଂ ସାମାଜିକ ଆର୍ଥିକ ସର୍ବେକ୍ଷଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଏହି ପ୍ରସ୍ତାବରେ ଅପିଲ କରାଯାଇଛି। ଉକ୍ତ ପ୍ରସ୍ତାବକୁ ତେଲଙ୍ଗାନା ବିଧାନସଭାରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଆଗତ କରିଥିଲେ। ରାଜ୍ୟ ସରକାର ପଛୁଆ ବର୍ଗ, ଏସ୍‌ସି, ଏସ୍‌ଟି ଏବଂ ଅନ୍ୟ ବଞ୍ଚିତ ବର୍ଗର ଲୋକଙ୍କ ବିକାଶ ପାଇଁ ସର୍ବଦା ପ୍ରତିବଦ୍ଧ ଥିବା ସେ କହିଛନ୍ତି। ସଂସଦର ବଜେଟ ଅଧିବେଶନରେ ଜାତିଗତ ସର୍ଭେ ପାଇଁ ରାହୁଲ ଗାନ୍ଧୀ କେନ୍ଦ୍ର ଉପରେ ଚାପ ପକାଇବେ ବୋଲି ରେଭନ୍ତ ବିଧାନସଭାର ସଦସ୍ୟଙ୍କୁ ଅବଗତ କରାଇଥିଲେ।

## ୨୪ ପ୍ରାର୍ଥୀ ଦେଇନାହାନ୍ତି ଆପରାଧିକ ମାମଲା ତଥ୍ୟ

### ଦିଲ୍ଲୀ ନିର୍ବାଚନ ଏଡିଆର୍ ରିପୋର୍ଟ


ନୂଆଦିଲ୍ଲୀ, ୫।୨

ବୁଧବାର ଅନୁଷ୍ଠିତ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆପରାଧିକ ପୃଷ୍ଠଭୂମିର ୧୧୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୨୪ ଜଣ (୨୦%) ଦାଖଲ କରିଥିବା ସତ୍ୟପାଠରେ ନିଜ ବିରୋଧରେ ଥିବା ମାମଲା ସମ୍ପର୍କରେ ଉଲ୍ଲେଖ କରିନାହାନ୍ତି। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏଡିଆର୍ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି।

ଦିଲ୍ଲୀ ବିଧାନସଭାର ୭୦ ଆସନରେ ମୋଟ ୬୯୯ ପ୍ରାର୍ଥୀ ଲଢ଼ୁଛନ୍ତି। ଆପରାଧିକ ମାମଲା ଥିବା ପ୍ରାର୍ଥୀଙ୍କୁ ଟିକେଟ କାହିଁକି ଦିଆଯାଇଛି, ସେନେଇ ସୁପ୍ରିମକୋର୍ଟଙ୍କ ଗାଇଡଲାଇନକୁ ଉଲ୍ଲଂଘନ କରି ରାଜନୈତିକ ଦଳଗୁଡ଼ିକ ବିସ୍ତୃତ ବିବରଣୀ ପ୍ରଦାନ କରୁନାହାନ୍ତି ବୋଲି ଏଡିଆର୍ କହିଛି। ୧୧୮ ପ୍ରାର୍ଥୀ ନିଜ ବିରୋଧରେ ଆପରାଧିକ ମାମଲା ବିଚାରାଧୀନ ଥିବା ଘୋଷଣା କରିଥିବାବେଳେ ସେମାନଙ୍କ ମଧ୍ୟରୁ ୭୧ ପ୍ରାର୍ଥୀଙ୍କ ବିରୋଧରେ ଦୁର୍ନୀତି, ଦଙ୍ଗା ଓ ଆକ୍ରମଣ ଭଳି ସଙ୍ଗିନ ମାମଲା ଚାଲିଛି। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ୯୪ ପ୍ରାର୍ଥୀଙ୍କ ଆପରାଧିକ ରେକର୍ଡ ଗଣମାଧ୍ୟମରେ ପ୍ରଘଟ କରାଯାଇଛି। ଅନ୍ୟପକ୍ଷେ ୨୪ ପ୍ରାର୍ଥୀ ନିଜ ଆଡ଼ୁ ସତ୍ୟପାଠରେ ମାମଲା ସମ୍ପର୍କରେ ଉଲ୍ଲେଖ କରିନାହାନ୍ତି। ଏପରିକି ସେମାନଙ୍କୁ ଟିକେଟ ଦେଇଥିବା ଦଳଗୁଡ଼ିକ ମଧ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଆପରାଧିକ ମାମଲା ସମ୍ପର୍କରେ ଅବତାରଣା କରୁନାହାନ୍ତି।

## ମହାକୁମ୍ଭରେ ବୁଡ଼ ପକାଇଲେ ମୋଦି

ମହାକୁମ୍ଭ ନଗର, ୫।୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ମେଳାରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ବୁଡ଼ ପକାଇବା ସମୟରେ ସେ ରୁଦ୍ରାକ୍ଷ ମାଳା ପିନ୍ଧିଥିବା ସହ ଗେରୁଆ ରଙ୍ଗର ପୋଷାକ ପରିଧାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ମହାକୁମ୍ଭ ଗସ୍ତ ସମୟରେ ତାଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ। ସଙ୍ଗମରେ ବୁଡ଼ ପକାଇବା ପରେ ମୋଦି ମା' ଗଙ୍ଗାଙ୍କର ଆଳତିରେ ସାମିଲ ହୋଇଥିଲେ। ଏହି ଅବସରରେ ସେ ହିମାଚଳି ଟୋପି ପିନ୍ଧିଥିଲେ। ମୋଦି ଏକ୍ସ'ରେ ଲେଖିଛନ୍ତି, ମହାକୁମ୍ଭରେ ଯୋଗଦେଇ ଧନ୍ୟ ହୋଇଛି। ସେଠାରେ ଥିବା ଭକ୍ତିମୟ ପରିବେଶ ଆତ୍ମସନ୍ତୋଷ ଆଣିଦେଇଛି। ପ୍ରଧାନମନ୍ତ୍ରୀଙ୍କ ମହାକୁମ୍ଭ ଆଗମନକୁ ନେଇ ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବୁଧବାର ସେ ପ୍ରଥମେ ଲକ୍ଷ୍ନୌ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ପ୍ରଧାନମନ୍ତ୍ରୀ ହେଲିକପ୍ଟର ଯୋଗେ ପ୍ରୟାଗରାଜରେ ପହଞ୍ଚିଥିଲେ।

## ଆମେରିକାରୁ ବିଦା ୧୦୪ ବେଆଇନ ପ୍ରବାସୀ ଭାରତୀୟ ପହଞ୍ଚିଲେ


ଅମୃତସର, ୫।୨ (ପି.ଟି.)




ଆମେରିକାରୁ ପ୍ରଥମ ପର୍ଯ୍ୟାୟରେ ବିତାଡ଼ିତ ହୋଇଥିବା ୧୦୪ ବେଆଇନ୍ ପ୍ରବାସୀ ଭାରତୀୟ ବୁଧବାର ଏକ ଆମେରିକୀୟ ମିଲିଟାରୀ ଏୟାରକ୍ରାଫ୍ଟରେ ପଞ୍ଜାବର ଅମୃତସରସ୍ଥିତ ଗୁରୁ ରାମଦାସ ଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ଉକ୍ତ ବିମାନରେ ୭୯ ଜଣ ପୁରୁଷ ଓ ୨୫ ଜଣ ମହିଳା ଥିଲେ। ସେହିପରି ୧୩ ଜଣ ପିଲା ମଧ୍ୟ ଏହି ବିମାନ ଯୋଗେ ଭାରତ ଫେରିଛନ୍ତି। ଆମେରିକାରୁ ବିତାଡ଼ିତ ହୋଇ ଆସିଥିବା ପ୍ରବାସୀଙ୍କ ମଧ୍ୟରେ ଗୁଜରାଟ ଓ ହରିୟାଣାର ୩୩ ଲେଖାଁଏ, ପଞ୍ଜାବର ୩୦, ମହାରାଷ୍ଟ୍ରର ୩, ଉତ୍ତରପ୍ରଦେଶ ଓ ଚଣ୍ଡିଗଡ଼ରୁ ୨ ଜଣ ଲେଖାଁଏ ରହିଛନ୍ତି। ଏହି ଅବସରରେ ଅମୃତସର ବିମାନ ବନ୍ଦରରେ ପଞ୍ଜାବ ପୋଲିସ, ଅମୃତସର ଜିଲା ପ୍ରଶାସନର ଟିମ୍ ଏବଂ ଆମେରିକୀୟ ଦୂତାବାସର କର୍ମଚାରୀ ଉପସ୍ଥିତ ଥିଲେ। ସୂତ୍ର ଅନୁଯାୟୀ, ଆବଶ୍ୟକ ଯାଞ୍ଚ ପରେ ସେମାନଙ୍କୁ ଘରକୁ ଯିବାକୁ ଅନୁମତି ଦିଆଯିବ। ବିତାଡ଼ିତ ହୋଇ ଆସିଥିବା ଲୋକଙ୍କ ମଧ୍ୟରେ କାହାର ଆପରାଧିକ ରେକର୍ଡ ରହିଛି କି ନାହିଁ ସେନେଇ ପଞ୍ଜାବ ପୋଲିସ ଯାଞ୍ଚ କରିବ। ପାସପୋର୍ଟ ଉପଲବ୍ଧ ନ ଥିବା ସ୍ଥିତିରେ ବାୟୋମେଟ୍ରିକର ବ୍ୟବହାର କରି ପୋଲିସ ସେମାନଙ୍କର ପରିଚୟ ବାହାର କରୁଛି।

## ଫୁରସତ୍

## ବିମାନ ଇଞ୍ଜିନରେ ପୁଶ୍‌ଅପ୍



### ତଦନ୍ତ ନିର୍ଦ୍ଦେଶ ଦେଲେ ସିଡ୍‌ନୀ ବିମାନବନ୍ଦର କର୍ତ୍ତୃପକ୍ଷ

ସିଡ୍‌ନୀ

ସୋସିଆଲ ମିଡିଆରେ ଲୋକପ୍ରିୟ ହେବା ସହ ଚର୍ଚ୍ଚା ସାଉଣ୍ଟିବା ପାଇଁ ସାଧାରଣତଃ ଅନେକ ଲୋକ କିଛି କିଛି ଅଦ୍ଭୁତ ଭିଡିଓ ଶେୟାର କରିଥାନ୍ତି। ଏବେ ଏହିପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଅଷ୍ଟ୍ରେଲିଆର ସିଡ୍‌ନୀ ଏୟାରପୋର୍ଟରେ ଥିବା ଏକ କମର୍ସିଆଲ ଜେଟ୍ ଇଞ୍ଜିନରେ ଫିଟନେସ୍ ଇନଫ୍ଲୁଏନ୍ସର ତଥା ବଡି ବିଲ୍ଡର ପ୍ରେସ୍‌ଲି ଜିନୋସ୍କି (୨୩) ପୁଶ୍‌ଅପ୍ କରୁଥିବାର ନଜରକୁ ଆସିଛନ୍ତି। ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ତେବେ କମ୍ୟୁନିଟି ଗାଇଡ୍‌ଲାଇନକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍ ପକ୍ଷରୁ ଉକ୍ତ ଭିଡିଓକୁ ହଟାଇ ଦିଆଯାଇଛି। ଏହି ଭିଡିଓରେ ଜିନୋସ୍କି କ୍ୟାମେରାକୁ ଦେଖି ପୁଶ୍‌ଅପ୍ କରୁଥିବା ସହ ବଡି ବିଲ୍ଡିଂର ବିଭିନ୍ନ କୌଶଳ ମଧ୍ୟ ଦେଖାଉଥିବା ନଜରକୁ ଆସିଛନ୍ତି। ତେବେ ସୋସିଆଲ ମିଡିଆରେ ଭାଇରାଲ ହେବା ପାଇଁ ସେ ଏହି ଷ୍ଟଣ୍ଟ କରିଛନ୍ତି କହି ଅନେକ ୟୁଜର୍ସ ଜିନୋସ୍କିଙ୍କୁ ସମାଲୋଚନା କରିଛନ୍ତି।

ତେବେ ଏନେଇ ସେ ନିଜ ସ୍ପଷ୍ଟୀକରଣ ରଖିଛନ୍ତି। ଏକ ସାକ୍ଷାତ୍‌କାରରେ ଜିନୋସ୍କି କହିଛନ୍ତି, ଲୋକମାନଙ୍କୁ ହସାଇବା ପାଇଁ ସେ ଏପରି କରିଥିଲେ। ସେ ପୁଶ୍‌ଅପ୍ କରୁଥିବା ସମୟରେ ବିମାନର ଇଞ୍ଜିନ ଚାଲୁ ନ ଥିଲା। ପବନରେ ଏହା ସାମାନ୍ୟ ହଲୁଥିଲା, ଯାହା ଭିଡିଓରେ ଇଞ୍ଜିନ ଚାଲୁଥିବା ପରି ଦେଖାଯାଉଥିଲା। ଫଟୋ କ୍ଲିକ୍ କରିବା ପାଇଁ ଅନେକ ସମୟରେ ବିମାନ କର୍ମଚାରୀ ଏବଂ ପାଇଲଟ୍ ମଧ୍ୟ ଇଞ୍ଜିନରେ ବସିଥାନ୍ତି, ତେଣୁ ଏହା ସମ୍ପୂର୍ଣ୍ଣ ନିରାପଦ ହୋଇଥିବା ଜିନୋସ୍କି କହିଛନ୍ତି। ଘଟଣାକୁ ନେଇ ସିଡ୍‌ନୀ ବିମାନବନ୍ଦର ଅଧିକାରୀ ପ୍ରତିକ୍ରିୟା ରଖିଛନ୍ତି। ଏହି ଭିଡିଓ ଗତବର୍ଷ ଶୁଟ୍ କରାଯାଇଥିବା ବେଳେ କିଛି ଦିନ ତଳେ ଏହାକୁ ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ସେ କହିଛନ୍ତି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତର ଫଳାଫଳକୁ ଆଧାର କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଭୋଟ ଦେବାକୁ ୨୨୦୦ କି.ମି. ଯାତ୍ରା


ଡାକ୍ତର ନିଶା ଭରଦ୍ୱାଜ

ନୂଆଦିଲ୍ଲୀ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବୁଧବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ଦୁବାଇରେ ରହୁଥିବା ଭାରତୀୟ ଡାକ୍ତର ନିଶା ଭରଦ୍ୱାଜ ୨୨ ଶହ କିଲୋମିଟର ଯାତ୍ରା କରି ଦିଲ୍ଲୀର ବଲଦେବ ପାର୍କ ଇଷ୍ଟସ୍ଥିତ ବୁଥ୍‌ରେ ଭୋଟ ଦେଇଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଶା ନିଜ ବୁଥ୍‌ରେ ପ୍ରଥମ ବ୍ୟକ୍ତି ଭାବେ ମତଦାନ କରିଛନ୍ତି। ଦୁବାଇରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟରତ ନିଶା ଏହି ଅବସରରେ କହିଛନ୍ତି, ଭାରତ ଭଳି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ଏବେ ମଧ୍ୟ ମହିଳା ସୁରକ୍ଷା ଏକ ବଡ଼ ପ୍ରସଙ୍ଗ ହୋଇ ରହିଛି। ଦିଲ୍ଲୀର ନୂତନ ସରକାରଙ୍କୁ ମହିଳା ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## 'ଛାବା' ପାଇଁ ୨୫ କେ.ଜି. ଓଜନ ବଢ଼ାଇଛନ୍ତି ଭିକି

ମୁମ୍ବାଇ


ଆସନ୍ତା ଫେବୃଆରୀ ୧୪ରେ ଅଭିନେତା ଭିକି କୌଶଲଙ୍କ 'ଛାବା' ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ସମ୍ପ୍ରତି ଭିକି 'ଛାବା' ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ବୁଧବାର ଏକ ସାକ୍ଷାତ୍‌କାରରେ ସେ 'ଛାବା' ଫିଲ୍ମରେ ନିଜ ଚରିତ୍ର ସମ୍ପର୍କରେ ଅନେକ ତଥ୍ୟ ପ୍ରଘଟ କରିଛନ୍ତି। ସେ ଛତ୍ରପତି ସମ୍ଭାଜି ମହାରାଜଙ୍କ ଭୂମିକାକୁ ନିଭାଇବା ପାଇଁ ନିଜ ଲୁକ୍‌ରେ ପରିବର୍ତ୍ତନ ଆଣିଥିଲେ। ଏଥିପାଇଁ ସେ ୭ ମାସ ମଧ୍ୟରେ ନିଜର ୨୫ କେ.ଜି. ଓଜନ ବଢ଼ାଇଥିବା ଭିକି କହିଛନ୍ତି।

ଭିକି କହିଛନ୍ତି, ଯେତେବେଳେ ତାଙ୍କୁ ଏହି ଚଳଚ୍ଚିତ୍ର ଅଫର କରାଯାଇଥିଲା, ସେତେବେଳେ ସେ ଛତ୍ରପତି ସମ୍ଭାଜି ମହାରାଜଙ୍କ ଚରିତ୍ରକୁ କିପରି ସମ୍ପାଦନ କରିବେ ସେନେଇ ଦ୍ୱନ୍ଦ୍ୱରେ ଥିଲେ। ଫିଲ୍ମର ନିର୍ଦ୍ଦେଶକ କହିଥିଲେ, ଏହି ଫିଲ୍ମରେ ତାଙ୍କୁ ସିଂହ ପରି ଦେଖାଯିବାକୁ ପଡ଼ିବ। ଫଳରେ ସେ ସମ୍ଭାଜୀ ମହାରାଜଙ୍କ ଫଟୋ ଦେଖିଥିଲେ। ଫଟୋରେ ସମ୍ଭାଜୀ ମହାରାଜ ପ୍ରକୃତରେ ସିଂହ ପରି ଦେଖାଯାଉଥିବା ଭିକି କହିଛନ୍ତି। ଏହା ଦେଖି ସେ ଡରିଯାଇଥିଲେ ଓ ଉକ୍ତ ଚରିତ୍ରକୁ କିପରି ସମ୍ପାଦନ କରିବେ ସେନେଇ ଚିନ୍ତାରେ ପଡ଼ିଥିଲେ। ତେବେ ଶେଷରେ ସେ ଏହାକୁ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିଥିଲେ। ସେ ଏହି ଫିଲ୍ମରେ ତାଙ୍କର ଲୁକ୍ ପାଇଁ ଲଗାତାର ୭ ମାସ କାମ କରିଥିଲେ ଏବଂ ନିଜର ୨୫ କେ.ଜି. ଓଜନ ମଧ୍ୟ ବଢ଼ାଇଥିଲେ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ୬ ଫେବୃଆରୀ, ୨୦୨୫ Bhubaneswar, Thursday, 6 February, 2025

# ଦଳୀୟ ସନ୍ତୁଳନ ଉପରେ ଗୁରୁତ୍ୱ



ଅଭ୍ୟାସ ଅବସରରେ ବିରାଟ କୋହଲି, ରିଷଭ ପନ୍ତ ଓ ଅଧିନାୟକ ରୋହିତ ଶର୍ମା।

**ନାଗପୁର, ୫।୨ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ସିରିଜ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ଏଠାରେ ଅନୁଷ୍ଠିତ ହେବ। ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଏହା ଶେଷ ସିରିଜ ହୋଇଥିବାରୁ ଦଳୀୟ ସନ୍ତୁଳନ ଉପରେ ମୁଖ୍ୟତଃ ଫୋକସ କରାଯାଉଛି। କାରଣ ଆଗାମୀ ଟୁର୍ନାମେଣ୍ଟ ପୂର୍ବରୁ ଭାରତ ଏହି ସିରିଜରେ ହିଁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେବ। ନିକଟ ଅତୀତରେ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ନାମୀ ଖେଳାଳି ଖରାପ ଫର୍ମରେ ଥିବାରୁ ଏହି ସିରିଜରେ ସେମାନଙ୍କ ଉପରେ ନଜର ରହିବ। ଗତ ମାସରେ ରଣଜୀ ଟ୍ରଫି ଖେଳିବାକୁ ଏହି ଦୁଇ ଖେଳାଳି ପଡ଼ିଆକୁ ଓହ୍ଲାଇଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ୨୦୨୩ ବିଶ୍ୱକପ୍‌ରେ କିନ୍ତୁ ଏହି ଦୁଇ ଖେଳାଳି ଭାରତର ଟପ୍ ସ୍କୋରର ଥିଲେ। କୋହଲି ୭୫୬ ଓ ରୋହିତ ୫୯୭ ରନ ସ୍କୋର କରିଥିଲେ। ମାତ୍ର ଏହା ପରଠାରୁ ଉଭୟଙ୍କ ପ୍ରଦର୍ଶନ ଖରାପ ରହିଆସିଛି। ଭାରତର ଟି୨୦ ବିଶ୍ୱକପ୍ ବିଜୟ ପରେ ଉଭୟ ଏହି ଫର୍ମାଟକୁ ଅଲ୍‌ବିଦା ଜଣାଇଛନ୍ତି। ଚଳିତ ମାସ ୧୯ରୁ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହେବାକୁ ଯାଉଥିବା ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷ ସିରିଜରେ ହିଁ ଭାରତ ନିଜର ଲାଇନ୍‌ଅପ୍‌କୁ ସଜାଡ଼ିବାକୁ ସୁଯୋଗ ରହିଛି। ୮ ଦଳ ବିଶିଷ୍ଟ ଟୁର୍ନାମେଣ୍ଟ ଏହି ଦୁଇ ଖେଳାଳିଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ସେହିପରି ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କ ମଧ୍ୟରୁ ଚୂଡ଼ାନ୍ତ ଏକାଦଶରେ କିଏ ଉଇକେଟ କିପିଂ କରିବେ ତାହା ମଧ୍ୟ ସ୍ଥିର ହୋଇଯିବ। ରୋହିତଙ୍କ ସହ ଉପ ଅଧିନାୟକ ଶୁବମନ ଗିଲ୍ ଇନିଂସ ଓପନ କରିପାରନ୍ତି। ପରବର୍ତ୍ତୀ ୩ ସ୍ଥାନରେ ବିରାଟ, ଶ୍ରେୟସ ଆୟର ଓ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ୫ ନମ୍ବରରେ ଉଇକେଟ କିପର-ବ୍ୟାଟର ଆସିବା ସମ୍ଭାବନା ରହିଛି। ରିଷଭଙ୍କ ଅନୁପସ୍ଥିତିରେ ୨୦୨୩ ବିଶ୍ୱକପ୍‌ରେ ଉଇକେଟ କିପିଂ କରିଥିବା ରାହୁଲ ୪୫୨ ରନ କରି ମିଡିଲ ଅର୍ଡରରେ ସେ ନିର୍ଭରଯୋଗ୍ୟ ବୋଲି ପ୍ରମାଣିତ କରିଥିଲେ। ମାତ୍ର ମିଡିଲ ଓଭରଗୁଡ଼ିକରେ ତାଙ୍କ ଷ୍ଟ୍ରାଇକ୍ ରୋଟେଟ ରେକର୍ଡ ଚିନ୍ତାଜନକ ରହିଛି। ଅନ୍ୟପକ୍ଷରେ ବାମହାତୀ ରିଷଭ ଦଳୀୟ ସନ୍ତୁଳନରେ ବିବିଧତା ଆଣିପାରିବେ। କାରଣ ଭାରତର ଟପ୍ ଅର୍ଡରରେ ଡାହାଣହାତୀ ବ୍ୟାଟରମାନେ ରହିଛନ୍ତି। ସେହିପରି ପାୱାର ହିଟିଂ ଶଟ୍ ମାରିବାର ଦକ୍ଷତା ତାଙ୍କୁ ରାହୁଲଙ୍କ ଅପେକ୍ଷା ଆଗରେ ରଖିପାରେ।

**ଆଜିଠୁ ଦିନିକିଆ ସିରିଜ**

ଏହି ସିରିଜ ଭେଟେରାନ ପେସର ମହମ୍ମଦ ଶାମି ଓ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ପାଇଁ ମଧ୍ୟ ପରୀକ୍ଷା ସଦୃଶ ହେବ। ଉଭୟ ଖେଳାଳି ଆହତ ସମସ୍ୟାରୁ ଫେରିଛନ୍ତି ଏବଂ ଚାମ୍ପିୟନ୍ସ ଟ୍ରଫିରେ ଭାରତର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରନ୍ତି। ଗତ ଟି୨୦ ସିରିଜରେ ଶାମି ୨ଟି ମ୍ୟାଚ ଖେଳିଥିବାବେଳେ କୁଲଦୀପ ଗତ ଅକ୍ଟୋବର ପରଠାରୁ ଭାରତୀୟ ଜର୍ସିରେ ଦେଖାଯାଇନାହାନ୍ତି। ପିଠିରେ ସମସ୍ୟା ଯୋଗୁ ଯଶପ୍ରୀତ ବୁମ୍‌ରା ଏହି ସିରିଜ ଖେଳିବେ ନାହିଁ। ଫର୍ମରେ ଥିବା ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏହି ସିରିଜରେ ଡେବ୍ୟୁ କରି ଚାମ୍ପିୟନ୍ସ ଟ୍ରଫି ପାଇଁ ଦାବିଦାର ହୋଇପାରନ୍ତି। ସେ ଗତ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ମଧ୍ୟରୁ ବୋଲିଂ ଅଲ୍‌ରାଉଣ୍ଡର ବାଛିବା ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ କଷ୍ଟସାଧ୍ୟ ହେବ। ଅନ୍ୟପକ୍ଷରେ ଇଂଲଣ୍ଡ ଗତ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ଓ ନଭେମ୍ବରରେ ୱେଷ୍ଟଇଣ୍ଡିଜଠାରୁ କ୍ରମାଗତ ୨ଟି ଦିନିକିଆ ସିରିଜ ହାରିଛି। ଗତ ଟି୨୦ ସିରିଜରେ ସଂଘର୍ଷ କରିଥିବା ଇଂଲଣ୍ଡ ଦଳରେ ଏକମାତ୍ର ଜୋ ରୁଟ୍ ଯୋଡ଼ି ହୋଇଛନ୍ତି। ଆହତ ସମସ୍ୟା ଯୋଗୁ ଉଇକେଟ କିପର ଜେମି ସ୍ମିଥ ପ୍ରଥମ ୨ଟି ଦିନିକିଆ ଖେଳିବା ସମ୍ଭାବନା କମ୍ ରହିଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ଶାମି, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ।

**ଇଂଲଣ୍ଡ ଦଳ:** ଜୋସ ବଟଲର (ଅଧିନାୟକ), ହାରି ବ୍ରୁକ୍, ବେନ୍ ଡକେଟ, ଜୋ ରୁଟ୍, ଫିଲିପ ସଲ୍ଟ, ଜେମି ସ୍ମିଥ, ଜ୍ୟାକବ ବେଥେଲ, ବ୍ରେଡନ କାର୍ସ, ଲିଆମ ଲିଭିଂଷ୍ଟୋନ, ଜେମି ଓଭର୍ଟନ, ଜୋଫ୍ରା ଆର୍ଚର, ଗସ୍ ଆଟକିନସନ, ସାକିବ ମହମ୍ମଦ, ଆଦିଲ ରଶିଦ, ମାର୍କ ଉଡ୍।

**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## ସିମୋନା ହାଲେପଙ୍କ ଅବସର



**ବୁକାରେଷ୍ଟ (ରୋମାନିଆ), ୫।୨ (ଏପି)**

ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସିମୋନା ହାଲେପ ବୁଧବାର ଟେନିସରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟା ହାଲେପ ନିଜ ଦେଶ ରୋମାନିଆରେ ଅନୁଷ୍ଠିତ ଟ୍ରାନ୍ସିଲଭାନିଆ ଓପନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ହାରିଯିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି। ଡୋପିଂ ବାସନ୍ଦ ଏବଂ ଆହତ ସମସ୍ୟାରୁ ମୁକୁଳି ସେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ଲୁସିଆ ବ୍ରୋନଜେଟିଙ୍କଠାରୁ ୧-୬, ୧-୬ରେ ହାରିବା ପରେ ସେ କହିଥିଲେ ଯେ, ''ମୋ ପାଇଁ ଏହା ଖୁସି କି ଦୁଃଖ ଭାବିପାରୁନି। କାରଣ ମୁଁ ଉଭୟକୁ ଅନୁଭବ କରୁଛି। ଶରୀରର ସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ଏହି ନିଷ୍ପତ୍ତି ନେଇଛି''। ୨୦୧୭ରେ ପ୍ରଥମଥର ପାଇଁ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ନମ୍ବର ୱାନ୍‌ରେ ପହଞ୍ଚିଥିବା ହାଲେପ ଏବେ ୮୭୦ତମ ସ୍ଥାନରେ ରହିଛନ୍ତି। ରୋମାନିଆରେ ତାଙ୍କୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ଖେଳିବା ସୁଯୋଗ ଦିଆଯାଇଥିଲା। ଆହତ ସମସ୍ୟା ଯୋଗୁ ସେ ଅଷ୍ଟ୍ରେଲିଆନ ଓପନ କ୍ୱାଲିଫାଇଂରୁ ଓହରି ଯାଇଥିବାବେଳେ ଗତ ମାସରେ ଅକ୍‌ଲାଣ୍ଡ ଟୁର୍ନାମେଣ୍ଟରେ ଖେଳି ନ ଥିଲେ। ୨୦୧୯ରେ ସେରେନା ୱିଲିୟମ୍ସଙ୍କୁ ଫାଇନାଲରେ ହରାଇ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହା ବ୍ୟତୀତ ୨୦୧୮ରେ ସେ ଫ୍ରେଞ୍ଚ ଓପନ ଚାମ୍ପିୟନ ହୋଇଥିଲେ। ସେଠାରେ ସେ ଫାଇନାଲରେ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ପରାସ୍ତ କରିଥିଲେ। ଏହା ବ୍ୟତୀତ ସେ ୨୦୧୮ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୪ ଓ ୨୦୧୭ ଫ୍ରେଞ୍ଚ ଓପନରେ ରନରଅପ୍ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ଥିଲା। ତାଙ୍କର ଶେଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଥିଲା ୟୁଏସ୍ ଓପନ। ୨୦୨୨ ୟୁଏସ୍ ଓପନର ୧ମ ରାଉଣ୍ଡରୁ ହାରି ସେ ବିଦାୟ ନେଇଥିଲେ। ଡୋପିଂ ଯୋଗୁ ହାଲେପ ୪ ବର୍ଷ ବାସନ୍ଦ ହୋଇଥିଲେ। ଏହାର ଅବଧି ୨୦୨୬ରେ ଶେଷ ହେବାକଥା। ମାତ୍ର ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସରେ ଅପିଲ କରିବା ପରେ ଦଣ୍ଡାଦେଶକୁ ୯ ମାସ କୋହଳ କରାଯାଇଥିଲା ତାହା ୨୦୨୪ ମାର୍ଚ୍ଚରେ ଶେଷ ହୋଇଥିଲା। ହାଲେପ କ୍ୟାରିୟରରେ ୨୪ଟି ସିଙ୍ଗଲ୍ସ ଟାଇଟଲ ଜିତିଥିବାବେଳେ ୪୦ ମିଲିଅନ ଡଲାରରୁ ଊର୍ଦ୍ଧ୍ୱ ପୁରସ୍କାର ରାଶି ପାଇଥିଲେ।

## କନ୍ଦନ ମୁର୍ମୁ ବୈଷୟିକ ଅଧିକାରୀ

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ଜାତୀୟ କ୍ରୀଡ଼ାର ଜୁଡୋ ଇଭେଣ୍ଟ ପାଇଁ ଓଡ଼ିଶାର କନ୍ଦନ ମୁର୍ମୁ ବୈଷୟିକ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ପ୍ରତିଯୋଗିତାର ଜୁଡୋ ଇଭେଣ୍ଟ ଡେରାଡୁନରେ ଆସନ୍ତା ୮ରୁ ଆରମ୍ଭ ହୋଇ ୧୩ ପର୍ଯ୍ୟନ୍ତ ଚାଲିବ। କନ୍ଦନ ଏବେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ସିନିୟର ଜୁଡୋ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ଏହା ବ୍ୟତୀତ ସେ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନର ଟେକ୍ନିକାଲ ଚେୟାରମ୍ୟାନ ଏବଂ ମୟୂରଭଞ୍ଜ ଜିଲା ଜୁଡୋ ଆସୋସିଏଶନର ସମ୍ପାଦକ ଅଛନ୍ତି। ୩ୟ ଡାନ୍ ବ୍ଲାକ୍‌ବେଲ୍ଟଧାରୀ କନ୍ଦନଙ୍କଠାରୁ ଟ୍ରେନିଂ ନେଇ ରାଜ୍ୟର ଅନେକ ଜୁଡୋକା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି।

## ଜାତୀୟ କ୍ରୀଡ଼ା: ରୋଇଂରେ ଓଡ଼ିଶାକୁ ୨ ରୌପ୍ୟ ପଦକ



ଜାତୀୟ କ୍ରୀଡ଼ାର ରୋଇଂ ଇଭେଣ୍ଟରେ ବୁଧବାର ପଦକ ହାସଲ କରିଥିବା ଓଡ଼ିଶା କ୍ରୀଡ଼ାବିତ୍।

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ରୋଇଂ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରି ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ଡବଲ୍ ସ୍କଲ୍‌ରେ ଓଡ଼ିଶାର ସତନାମ ସିଂ ଓ ପରମିନ୍ଦର ସିଂ ୬:୪୭.୯୩ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଛନ୍ତି। ସର୍ଭିସେସର କୁଲଭିନ୍ଦର ସିଂ ଓ ଯସପିନ୍ଦର ସିଂ ୬:୪୪.୬୭ ଓ ମଧ୍ୟପ୍ରଦେଶର ପ୍ରଭାକର ସିଂ ଓ ରବିନ ୬:୫୯.୫୦ ସେକେଣ୍ଡ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା କକ୍ସଲେସ ଫୋର୍ ଇଭେଣ୍ଟରେ ଓଡ଼ିଶାକୁ ରୌପ୍ୟ ପଦକ ମିଳିଛି। ସୋନାଲି ସ୍ୱାଇଁ, ନିକିତା ଡାନେଶ୍ୱର, ଅଭିନାଶ କୌର ଓ ଝରଣା ହସ୍ତିଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୭:୩୮.୬୬ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କେରଳ (୭:୩୩.୧୮) ଓ ତାମିଲନାଡୁ (୭:୪୬.୩୭) ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲା।

## ଜାତୀୟ ସିନିୟର ଥ୍ରୋ ବଲ୍ କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଭୋପାଳଠାରେ ଚାଲିଥିବା ୪୬ତମ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ମହିଳା ଓ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପୁରୁଷ ଦଳ କେରଳକୁ ୨-୦, ମହାରାଷ୍ଟ୍ରକୁ ୨-୦, ପଶ୍ଚିମବଙ୍ଗକୁ ୨-୦ ଓ ପଣ୍ଡିଚେରୀକୁ ୨-୦ରେ ହରାଇ ଗ୍ରୁପ୍ ଚାମ୍ପିୟନ ଭାବେ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଛି। ସେହିପରି ମହିଳା ଦଳ ମଧ୍ୟଭାରତକୁ ୨-୦, ପଣ୍ଡିଚେରୀକୁ ୨-୦, ଝାଡ଼ଖଣ୍ଡକୁ ୨-୦ ଓ ହରିୟାଣାକୁ ୨-୦ରେ ହରାଇ ଗ୍ରୁପ୍ ଚାମ୍ପିୟନ ହୋଇଥିଲା। ସୁଶାନ୍ତ କୁମାର ଦାସ ପୁରୁଷ ଓ ନିକି ଝା ମହିଳା ଦଳର ନେତୃତ୍ୱ ନେଇ ଓଡ଼ିଶାକୁ ସଫଳତା ପଥରେ ଆଗେଇ ନେଇଛନ୍ତି।

## ଖେଳାଳିଙ୍କ ସୁରକ୍ଷା ଦାୟିତ୍ୱରେ ୫୦ ପ୍ଲାଟୁନ ଫୋର୍ସ



ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଅନ୍ୟମାନେ।

**ଭୁବନେଶ୍ୱର, ୫।୨ (ସୂର୍ଯ୍ୟକାନ୍ତ ବେହେରା)**

**ବାରବାଟୀରେ ଭାରତ-ଇଂଲଣ୍ଡ ଦିନିକିଆ**
**ଷ୍ଟାଡିୟମକୁ ପାଣି ବୋତଲ ମନା**

କଟକ ବାରବାଟୀ ଷ୍ଟାଡିୟମରେ ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ ଖେଳାଯିବ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଏନେଇ ବୁଧବାର ପୋଲିସ ସେବା ଭବନରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ୭ ତାରିଖରେ ଭାରତ ଓ ଇଂଲଣ୍ଡର କ୍ରିକେଟ ଟିମ୍ ଭୁବନେଶ୍ୱରରେ ପହଞ୍ଚିବେ। ୮ରେ ଉଭୟ ଟିମ୍ ଅଭ୍ୟାସ ପାଇଁ କଟକ ବାରବାଟୀ ଷ୍ଟାଡ଼ିୟମକୁ ଯିବେ। ତେଣୁ ସୁରକ୍ଷା ଦୃଷ୍ଟିରୁ ଭୁବନେଶ୍ୱରରେ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ସେହିଭଳି ମ୍ୟାଚ୍ ବେଳେ ଷ୍ଟାଡିୟମକୁ ପାଣି ବୋତଲ ନେଇ ଯିବାକୁ ବାରଣ କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ), ପୋଲିସ ବଳ, ହୋଟେଲ କର୍ତ୍ତୃପକ୍ଷ, ଏୟାରପୋର୍ଟ କର୍ତ୍ତୃପକ୍ଷ, ସିଆଇଏସ୍‌ଏଫ୍ ସହ ଆଲୋଚନା କରାଯାଇ ଏସବୁ ନିଷ୍ପତ୍ତି ହୋଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରୁ ଖେଳାଳିମାନେ ରହିବାକୁ ଥିବା ହୋଟେଲ ଓ ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ ସୁରକ୍ଷା ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଟ୍ରାଫିକ ପାଇଁ ରୁଟ୍ ଲାଇନିଂ ପ୍ରସ୍ତୁତି ହୋଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବେ। ତେଣୁ କାହାକୁ କେଉଁ ଦାୟିତ୍ୱ ଦିଆଯିବ ତାହାର ତାଲିକା କରାଯିବ। ଅନ୍ୟପଟେ ଖେଳାଳିଙ୍କ ବସ୍ ଯଦି କୌଣସି ଜାଗାରେ ହଠାତ୍ ଖରାପ ହୋଇଯାଏ, ତା'ହେଲେ ରାସ୍ତାରୁ ତୁରନ୍ତ ଗାଡ଼ିକୁ ହଟାଯାଇ ଖେଳାଳିଙ୍କୁ ସୁରକ୍ଷା ଦିଆଯାଇ ଅନ୍ୟ ବସ୍‌ରେ ପଠାଯିବାର ବ୍ୟବସ୍ଥା ଉପରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

## ଫତୋର୍ଦାରେ ଓଡ଼ିଶା ଏଫ୍‌ସି ଆଜି ଗୋଆକୁ ଭେଟିବ

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ଗୋଆର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଆଇଏସ୍‌ଏଲ୍ (ଇଣ୍ଡିଆନ ସୁପରଲିଗ୍) ମ୍ୟାଚ ଅନୁଷ୍ଠିତ ହେବ। ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ପ୍ରତିପକ୍ଷ ଗୋଆ ବିପକ୍ଷରେ କେବେହେଲେ ବିଜୟ ସ୍ୱାଦ ଚାଖିନାହିଁ। ତେଣୁ ଆଗାମୀ ମ୍ୟାଚକୁ ସ୍ମରଣୀୟ କରିବାକୁ ଓଡ଼ିଶା ଏଫ୍‌ସି ପ୍ରସ୍ତୁତ। ତେବେ ମୁଖ୍ୟ କୋଚ୍ ସର୍ଜିଓ ଲୋବେରା ଏହି ମ୍ୟାଚ ପାଇଁ ଉପଲବ୍ଧ ହେବେନାହିଁ। କଳିଙ୍ଗ ଷ୍ଟାଡିୟମରେ ଏହା ପୂର୍ବରୁ ଅନୁଷ୍ଠିତ ନର୍ଥଇଷ୍ଟ ୟୁନାଇଟେଡ ବିପକ୍ଷ ମ୍ୟାଚରେ ରେଡ୍‌କାର୍ଡ ମିଳିଥିବାରୁ ସେ ବାହାରେ ରହିବେ। ସହକାରୀ କୋଚ୍ ଆଣ୍ଟୋନୀ ଫର୍ନାଣ୍ଡିଜ୍ ଓଡ଼ିଶା ଦଳ ଦାୟିତ୍ୱରେ ରହିବେ। ପଏଣ୍ଟ ଟେବୁଲରେ ଓଡ଼ିଶା ଏଫ୍‌ସି ଏବେ ୨୫ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଜାମ୍‌ସେଦପୁର ଏଫ୍‌ସିଠାରୁ ୧-୩ ଗୋଲରେ ପରାଜୟ ପରେ ଗୋଆ ଏହି ମ୍ୟାଚ ଖେଳିବାକୁ ଯାଉଛି। ୩୩ ପଏଣ୍ଟ ସହିତ ଏହି ଦଳ ୩ୟ ସ୍ଥାନରେ ଥିବାରୁ ପ୍ଲେ-ଅଫ୍‌ର ନିକଟତର ହୋଇଛି।


ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ କାଉଣ୍ଟରରୁ ଟିକେଟ କିଣିବାପରେ ଜଣେ ମହିଳା କ୍ରିକେଟପ୍ରେମୀ ଏହାକୁ ପ୍ରଦର୍ଶନ କରୁଛନ୍ତି।


ଟିକେଟ ନ ପାଇ ନିରାଶ ଦର୍ଶକମାନେ ବ୍ୟାରିକେଡ୍‌କୁ ଭାଙ୍ଗି ଦେଇଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟ: ଫାଇନାଲରେ ଆହାନ-ଫଜଲ, ରିୟା-ଆହାନ

**ବ୍ରହ୍ମପୁର, ୫।୨ (ସୁବାସ ଚନ୍ଦ୍ର ପାଢ଼ୀ)**

ୟୁନିୟନ କ୍ଲବ ଟେନିସ ଆରେନା ଓ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରସ୍ଥ ଟେନିସ ପଡ଼ିଆରେ ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟର ବୁଧବାର ଥିଲା ତୃତୀୟ ଦିବସ। ଏହି ଅବସରରେ ମୋଟ ୪ଟି ସେମିଫାଇନାଲ ମ୍ୟାଚ ହୋଇଥିଲା। ବାଳକ ବିଭାଗରେ ଆହାନ ମିଶ୍ରଙ୍କ ସହିତ ପଶ୍ଚିମବଙ୍ଗର ଶୁଭ୍ରଦୀପ ମୁଖୋପାଧ୍ୟାୟଙ୍କ ସେମିଫାଇନାଲ ମୁକାବିଲା ହୋଇଥିଲା। ଏଥିରେ ଆହାନ ୬-୧, ୬-୨ ସେଟରେ ଶୁଭ୍ରଦୀପଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଦ୍ୱିତୀୟ ସେମିଫାଇନାଲ ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଓ ତାମିଲନାଡୁର ଫଜଲ ଅଲ୍ଲୀ ମିରଙ୍କ ମଧ୍ୟରେ ହୋଇଥିଲା। ଏଥିରେ ୬-୦, ୬-୧ ସେଟରେ ଅଂଶୁମାନ ହାରିଯାଇଥିଲେ। ଫଳରେ ଆହାନ ଓ ଫଜଲଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହେବ। ସେହିପରି ବାଳିକା ବିଭାଗରେ ଓଡ଼ିଶାର ଆହାନଙ୍କ ସହ ପଶ୍ଚିମବଙ୍ଗର ଇନ୍ଦ୍ରାକ୍ଷୀ ଭଟ୍ଟାଚାର୍ଯ୍ୟଙ୍କ ମଧ୍ୟରେ ସେମି ମୁକାବିଲା ହୋଇଥିଲା। ୬-୩, ୬-୪ ସେଟରେ ଇନ୍ଦ୍ରାକ୍ଷୀଙ୍କୁ ପରାସ୍ତ କରି ଆହାନ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ଦ୍ୱିତୀୟ ସେମିରେ ପଶ୍ଚିମବଙ୍ଗର ରିୟା ରଥଙ୍କ ସହ ଓଡ଼ିଶାର ସଜଫା ୱାନିଆଙ୍କ ମୁକାବିଲା ହୋଇଥିଲା। ୪-୬, ୬-୧, ୬-୩ ସେଟରେ ରିୟା ସଜଫାଙ୍କୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫାଇନାଲରେ ଆହାନଙ୍କ ସହିତ ରିୟାଙ୍କ ମୁକାବିଲା ହେବ। ଗୁରୁବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଟ୍ଟନାୟକ କହିଛନ୍ତି। ଟୁର୍ନାମେଣ୍ଟ ରେଫରି ଦେବପ୍ରିୟ ଦାଶ, ଆଇଟାର ଅର୍ଗାନାଇଜିଂ ସେକ୍ରେଟାରୀ ଉମା ଶଙ୍କର ପାଢ଼ୀ, ପ୍ରୋଗ୍ରାମ ଅର୍ଗାନାଇଜର ରଞ୍ଜିତ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ